ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୪୪
୧୦ ଫେବୃଆରୀ, ୨୦୨୬ ମଙ୍ଗଳବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 244
10th February, 2026 Tuesday
Bhubaneswar

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ବିତ୍ତେ ତ୍ୟାଗଃ କ୍ଷମା ଶକ୍ତୌ ଦୁଃଖେ ଦୈନ୍ୟବିହୀନତା
ନିର୍ଦମ୍ଭତା ସଦାଚାରେ ସ୍ୱଭାବୋୟଂ ମହାତ୍ମନାମ୍**

ମହାତ୍ମାମାନେ ଧନଶାଳୀ ହେଲେ ତ୍ୟାଗ କରନ୍ତି, ଶକ୍ତିଶାଳୀ ହେଲେ କ୍ଷମା ଆଚରଣ କରନ୍ତି, ଦୁଃଖରେ ଦୀନତା ପ୍ରକାଶ କରନ୍ତି ନାହିଁ, ସଦାଚାରରେ କପଟତା ଅବଲମ୍ବନ କରନ୍ତି ନାହିଁ । ଏହା ସେମାନଙ୍କର ସ୍ୱଭାବ ।

# ତ୍ରିକୋଣୀୟ ପ୍ରେମକୁ ନେଇ ହତ୍ୟା



**ଭୁବନେଶ୍ୱର,୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀ ଭୁବନେଶ୍ୱରରେ ଏକ ସିନେମା ଷ୍ଟାଇଲ୍‌ରେ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ । 'ଚକୋଲେଟ୍ ଡେ' ପାଳନ ପରେ ପ୍ରେମିକର ବେକ କାଟି ହତ୍ୟା କରିବା ସହ ପ୍ରମାଣ ନଷ୍ଟ କରିବାକୁ ଯାଇ ଦୁର୍ଘଟଣାର ଶିକାର ହୋଇଛି କାର୍। ଶିଶୁ ଭବନ ଛକ ଓଭରବ୍ରିଜ୍ ଉପରୁ ଏକ କାର୍ ବ୍ରିଜ୍ ତଳ ବସ୍ତି ଉପରକୁ ଖସିପଡ଼ିବା ଘଟଣାର ତଦନ୍ତ କରିବା ପରେ ପୋଲିସ ହାତରେ ଏହି ଲୋମଟାଙ୍କୁରା ରହସ୍ୟ ଧରାପଡ଼ିଛି ।

ମୃତକ ହେଉଛନ୍ତି ବ୍ରହ୍ମଗିରି ଅଞ୍ଚଳର ସତ୍ୟବ୍ରତ ପ୍ରଧାନ (ବାବୁନା)। ସେ ପେସାରେ ଜଣେ ଡ୍ରାଇଭର୍ ଥିଲେ। ମିଳିଥିବା ସୂଚନା ଅନୁଯାୟୀ ନିଳାଦ୍ରୀବିହାର ଅଞ୍ଚଳରେ ରହୁଥିବା ଜୈନିକା ଯୁବତୀଙ୍କ ସହ ସତ୍ୟବ୍ରତଙ୍କ ପ୍ରେମ ସମ୍ପର୍କ ଥିଲା। କିନ୍ତୁ ଦିନେଶ କାଣ୍ଡି ନାମକ ଅନ୍ୟ ଜଣେ ଯୁବକ ସହ ମଧ୍ୟ ଏହି ଯୁବତୀଙ୍କର ସମ୍ପର୍କ ଥିବା ଜଣାପଡ଼ିଛି।

ରବିବାର ରାତିରେ ସତ୍ୟବ୍ରତ ଓ ଲିଜା 'ଚକୋଲେଟ୍ ଡେ' ପାଳନ କରିଥିଲେ। ଏହା ପରେ ଉକ୍ତ ଯୁବତୀଙ୍କର ଏକ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ବିବାଦ ବଢ଼ିଥିଲା। ଏହି ସମୟରେ ଅନ୍ୟତମ ପ୍ରେମିକ ଦିନେଶ ସେଠାରେ ପହଞ୍ଚି ଏକ ଛୁରୀରେ ସତ୍ୟବ୍ରତଙ୍କ ବେକ କାଟି ଦେଇଥିଲା। ଗୁରୁତର ଅବସ୍ଥାରେ ସତ୍ୟବ୍ରତଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସତ୍ୟବ୍ରତଙ୍କ ମୃତ୍ୟୁ ପରେ ଘଟଣାସ୍ଥଳରୁ କାର୍ ଗାୟବ କରିବା ପାଇଁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୧୯ରୁ ମାଟ୍ରିକ ପରୀକ୍ଷା

**କଟକ,୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହେବାକୁ ଯାଉଛି । ଏ ନେଇ ବୋର୍ଡ଼ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଚଳିତ ବର୍ଷ ରାଜ୍ୟର ୩୦୮୨ ସେଣ୍ଟରରେ ମାଟ୍ରିକ ପରୀକ୍ଷା କରାଯିବ ବୋଲି ବୋର୍ଡ଼ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି । ପ୍ରଶ୍ନପତ୍ର ରଖିବା ପାଇଁ ୩୨୨ଟି ନୋଡ଼ାଲ ସେଣ୍ଟର କରାଯାଇଛି । ଏଥର ପରୀକ୍ଷା ଦେବା ପାଇଁ ୫ଲକ୍ଷ ୬୧ ହଜାର ୯୭୯ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି । ସମସ୍ତ ନୋଡ଼ାଲ ସେଣ୍ଟର ଓ ପରୀକ୍ଷା କେନ୍ଦ୍ରରେ ସିସିଟିଭିର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନା ପାଇଁ ବୋର୍ଡ଼ର କମାଣ୍ଡ କଣ୍ଟ୍ରୋଲ ରୁମର ବ୍ୟବସ୍ଥା କରାଯାଇଛି । ଫେବୃଆରୀ ୧୭ ତାରିଖ ମଧ୍ୟରେ ପ୍ରଶ୍ନପତ୍ର ସବୁ ଅନୁମୋଦିତ ରୁଟ ଦେଇ ନୋଡ଼ାଲ ସେଣ୍ଟରରେ ପହଞ୍ଚିବ ବୋଲି ବୋର୍ଡ଼ ସଭାପତି ସୂଚନା ଦେଇଛନ୍ତି ।

**ପରୀକ୍ଷା ଦେବେ ୫ ଲକ୍ଷ ୬୧ ହଜାର ୯୭୯**

ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ସାଂଗକୁ ସଂସ୍କୃତ ମଧ୍ୟମା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଏକ ସଂଗେ ଅନୁଷ୍ଠିତ ହେବ । ଫେବୃଆରୀ ୧୯ ପ୍ରଥମ ଦିନରେ ଛାତ୍ରଛାତ୍ରୀମାନେ ମାତୃଭାଷା ପରୀକ୍ଷା ଦେବେ । ୨୧ରେ ଇଂରାଜୀ, ୨୩ରେ ସଂସ୍କୃତ/ହିନ୍ଦୀ, ୨୫ ରେ ବିଜ୍ଞାନ ପରୀକ୍ଷା, ୨୭ରେ ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୨ରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ । ସମସ୍ତ ପରୀକ୍ଷା ସକାଳ ୯ଟା ରୁ ୧୧.୩୦ ମିନିଟ ପର୍ଯ୍ୟନ୍ତ ଗୋଟିଏ ସିଟିଂରେ କରାଯିବ । ଗଣିତ ପରୀକ୍ଷା ଲାଗି ପରୀକ୍ଷାର୍ଥୀମାନଙ୍କୁ ଅଧିକ ୧୫ ମିନିଟ ସମୟ ମିଳିବ ।

# ଉକୁଣୀ ନେଲା ଝିଅର ଜୀବନ



**ବଳଙ୍ଗା,୯।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଉକୁଣୀ ପାଇଁ ଚାଲିଗଲା କୁନି ଝିଅର ଜୀବନ। ପରିବାର ଲୋକଙ୍କ ଦାୟିତ୍ୱହୀନତା ଯୋଗୁଁ ୧୨ ବର୍ଷିୟା ନାବାଳିକାର ଅକାଳରେ ମୃତ୍ୟୁ ହୋଇଛି। ଘଟଣା ଘଟିଛି ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଚମ୍ପାଗଡ଼ ସାହିରେ। ମୃତକ ହେଲେ ଲିଙ୍ଗରାଜ ସାହୁଙ୍କ ଝିଅ ଲକ୍ଷ୍ମୀପ୍ରିୟା ସାହୁ।

ସୂଚନା ଅନୁସାରେ ଲକ୍ଷ୍ମୀପ୍ରିୟା ସ୍ଥାନୀୟ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀର ଛାତ୍ରୀ ଥିଲେ। କିଛି ମାସ ତଳେ ତାଙ୍କ ମୁଣ୍ଡରେ ଉକୁଣୀ ହୋଇଥିଲା। ଅନେକ ପ୍ରତିକାର କରିବା ସତ୍ତ୍ୱେ ଭଲ ହୋଇନଥିଲା। ମା ସତ୍ୟଭାମା ସାହୁ ଲଣ୍ଡା ହେବାକୁ କହିଥିଲେ। ହେଲେ ଲକ୍ଷ୍ମୀପ୍ରିୟା ରାଜି ହୋଇନଥିଲା। ଏହାରି ଭିତରେ ଉକୁଣୀଗୁଡ଼ିକ ଖପୁରୀକୁ ଆକ୍ରାନ୍ତ କରିଥିଲେ। ମୁଣ୍ଡ ଗନ୍ଧ ହେବାରୁ ଲକ୍ଷ୍ମୀପ୍ରିୟା ବାହାରକୁ ବାହାରିବା ବନ୍ଦ କରି ଦେଇଥିଲା। ମୁଣ୍ଡରେ ଚୁଟି ରହୁଥିବାରୁ ପରିବାର ଲୋକ କିଛି ଜାଣି ପାରିନଥିଲେ। ୩ ଦିନ ତଳେ ହଠାତ୍ ତାଙ୍କର ରକ୍ତବାନ୍ତି ହୋଇଥିଲା। ପରିବାର ଲୋକେ ଲକ୍ଷ୍ମୀପ୍ରିୟାକୁ ପୁରୀ ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ଲକ୍ଷ୍ମୀପ୍ରିୟାଙ୍କ ମୃତ୍ୟୁ ହୋଇଥିଲା। ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ସ୍ଥାନୀୟ ସ୍ୱେଚ୍ଛାସେବୀ। ବାପାମାଆଙ୍କ ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

# ରାହୁଲଙ୍କ ହାତରେ ନରୱାଣେଙ୍କ ପୁସ୍ତକ: ସଂସଦ ହୁଲସ୍ଥୁଲ

**ନୂଆଦିଲ୍ଲୀ,୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତନ ସ୍ଥଳ ସେନାମୁଖ୍ୟ ଜେନେରାଲ ଏମ୍.ଏମ୍. ନରୱାଣେଙ୍କ ରଚିତ ତାଙ୍କ ଆତ୍ମ ଜୀବନୀ 'ଫୋର ଷ୍ଟାର୍ସ ଅଫ ଡେଷ୍ଟିନୀ'କୁ ନେଇ ଏବେ ସଂସଦରେ ହଙ୍ଗାମା ହେଉଛି । ବିରୋଧୀ ଦଳ ନେତା ତଥା କଂଗ୍ରେସ ନେତା ରାହୁଲ ଗାନ୍ଧି ସେହି ପୁସ୍ତକକୁ ତାଙ୍କ ଭାଷଣରେ ଉଲ୍ଲେଖ କରିବାକୁ ଚାହୁଁଛନ୍ତି। ତେବେ ଶାସକ ଦଳ ଓ ବାଚସ୍ପତି ଯେଉଁ ପୁସ୍ତକ ପ୍ରକାଶିତ ହୋଇନି ନିୟମ ମୁତାବକ ତାର ଉଲ୍ଲେଖ ସଂସଦରେ ହୋଇ ପାରିବନି ବୋଲି କହୁଛନ୍ତି। ତେବେ ଅପ୍ରକାଶିତ ପୁସ୍ତକ ରାହୁଲଙ୍କ ହାତକୁ ଆସିଲା କିପରି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ସଂସଦର ବଜେଟ୍



ଅଧିବେଶନ କାଳରେ ଯେତେବେଳେ ପ୍ରଧାନମନ୍ତ୍ରୀ ବଜେଟ୍ ପରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ 'ଧନ୍ୟବାଦ ପ୍ରସ୍ତାବ' ପେସ୍ କରିବାର ଥିଲା ସେତେବେଳେ ରାହୁଲ ଗାନ୍ଧି ଜେନେରାଲ ନରୱାଣେଙ୍କ ପୁସ୍ତକ ଉପରେ ଆଧାରିତ ମ୍ୟାଗଜିନରେ ପ୍ରକାଶିତ ଏକ ଲେଖା ଲୋକସଭାରେ ଉଲ୍ଲେଖ କରିଥିଲେ। ଏହା ଉପରେ ଲୋକସଭାରେ ଜୋରଦାର ହଙ୍ଗାମା ହୋଇଥିଲା। ରାହୁଲ ଗାନ୍ଧି ଅତି କଷ୍ଟରେ ୫ ମିନିଟ୍ କହିବା ଭିତରେ ଗୃହମନ୍ତ୍ରୀ ଅମିତ ଶାହ ଓ ରକ୍ଷାମନ୍ତ୍ରୀ ରାଜନାଥ ସିଂହ ଛିଡା ହୋଇ ଏହାକୁ ଆପତ୍ତି କରିଥିଲେ। ସେମାନେ କହିଥିଲେ ଯେଉଁ ପୁସ୍ତକ ପ୍ରକାଶିତ ହୋଇ ନାହିଁ ତାର କଣ୍ଟେଣ୍ଟକୁ ଉଲ୍ଲେଖ କରାଯାଇ ପାରିବନି। ଏହା ପରେ ରାହୁଲ ଗାନ୍ଧି ୨ଦିନ ମଧ୍ୟରେ ପୁସ୍ତକର ଅସଲି କପି ହଲେଇ ହଲେଇ ସଂସଦକୁ ପ୍ରବେଶ କରିବା ସହ ଏହାକୁ ପ୍ରଧାନମନ୍ତ୍ରୀଙ୍କୁ ଉପହାର ଦେବେ ବୋଲି କହିବା ଚର୍ଚ୍ଚାର ବିଷୟ ପାଲଟିଥିଲା। 'ଇଣ୍ଡିଆ ଟୁଡ଼େ' ରିପୋର୍ଟ ମୁତାବକ ଏହି ପୁସ୍ତକ ୨୦୨୪ ମସିହାରେ ରିଲିଜ ହେବାର ଥିଲା। *(ଶେଷ ପୃଷ୍ଠା ଦେଖନ୍ତୁ)*

# ଛାତ୍ରୀକୁ ହତ୍ୟା କରିବା ପରେ ନିଜକୁ ଗୁଳି କଲା ଛାତ୍ର

**ନୂଆଦିଲ୍ଲୀ,୯।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରେଣୀ ଗୃହରେ ଘଟିଛି ଭୟଙ୍କର ଘଟଣା। ଆଇନର ପାଠ ପଢ଼ା ଯାଉଥିବା କଲେଜରେ ଘଟିଛି ଆଇନ ବିରୋଧୀ କାମ। ପଞ୍ଜାବର ତରନତାରନ ଜିଲ୍ଲାରେ ଥିବା ଗୋଟିଏ କଲେଜର ଶ୍ରେଣୀ ଗୃହରେ ଜଣେ ଛାତ୍ର ପ୍ରଥମେ ନିଜ କ୍ଲାସର ଜଣେ ଛାତ୍ରୀଙ୍କୁ ଗୁଳି କରି ହତ୍ୟା କରିଛି। ଏହାପରେ ସେ ସମାନ ବନ୍ଧୁକରେ ନିଜ ଉପରକୁ ଗୁଳି ମଧ୍ୟ ଚଳାଇଛି। ଶ୍ରେଣୀ ଗୃହରେ ଘଟିଥିବା ଏହି ଭୟଙ୍କର ଘଟଣା ସେଠାରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି।

ପୂରା ଘଟଣା ଉସମାରେ ଥିବା ମାଇ ଭାଗୋ ଆଇନ କଲେଜରେ ଘଟିଛି। ଛାତ୍ରୀଙ୍କୁ ଗୁଳି ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ର ଜଣକ ହେଉଛି ପ୍ରିନ୍ସ ରାଜ। ତା' ଘର ମଲିଆନ ଗାଁରେ। ଛାତ୍ରୀ ଜଣଙ୍କ ହେଲେ ନୌଶେରା ପାନ୍ନୁଉନର ସନ୍ଦୀପ କୌର। ଉଭୟ ଆଇନ ବିଭାଗର ପ୍ରଥମ ବର୍ଷରେ ପଢ଼ନ୍ତି। ପ୍ରିନ୍ସ ରାଜର ଗୁଳିରେ ସନ୍ଦୀପ କୌର ଘଟଣା ସ୍ଥଳରେ ହିଁ *(ଶେଷ ପୃଷ୍ଠା ଦେଖନ୍ତୁ)*



ବୁଗୁଡ଼ା: ମହାଶିବରାତ୍ରୀ ଲାଗି ଦୀପ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର ପରିବାର।

# ଅନୁକମ୍ପା ଚାକିରି ନମିଳିବାରୁ ଯୁବକଙ୍କ ଆତ୍ମାହୂତି

**ବାଙ୍କୀ/କଟକ,୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ବ୍ଲକ ଅନ୍ତର୍ଗତ ଓସ୍ତିଆ ପଂଚାୟତସ୍ଥ ବିଷ୍ଣୁପୁର ଗ୍ରାମର ଅମୀୟ ରଞ୍ଜନ ସିଂହ(୩୨), ପିତା ଅର୍ଜୁନ ନାୟକଙ୍କ ଗତକାଲି ନିଜ ଗାଁ ଖେଳପଡିଆରେ ଦେହରେ ପେଟ୍ରୋଲ୍ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ପରେ ଘଟଣାସ୍ଥଳରୁ ଉକ୍ତ ଯୁବକକୁ ଆଠଗଡ଼ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିବା ବେଳେ ଅବସ୍ଥା ସଂକଟାପନ୍ନ ହୋଇଥିବାରୁ ଅଧିକ ଚିକିତ୍ସା ପାଇଁ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅମୀୟ ରଞ୍ଜନ ସିଂହଙ୍କ ୯୦ପ୍ରତିଶତ ଶରୀର ସମ୍ପୂର୍ଣ୍ଣ ପୋଡି ଯାଇଥିବା ବେଳେ ଆଜି ସକାଳୁ ତାଙ୍କର କଟକ ବଡ ମେଡିକାଲ୍‌ରେ ମୃତ୍ୟୁ ଘଟିଛି। ଅମୀୟ ରଞ୍ଜନଙ୍କ ପିତା କ୍ଷୁଦ୍ର ଜଳସେଚନ ବିଭାଗରେ କାର୍ଯ୍ୟରତ ଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ପରେ ତାଙ୍କ ସ୍ଥାନରେ ଚାକିରି ପାଇବା ପାଇଁ ୬ବର୍ଷ କାଳ ଅପେକ୍ଷା କରିବା ସହିତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବହୁବାର ଅନୁରୋଧ କରିଥିଲେ ମଧ୍ୟ ସେ ଚାକିରି ନପାଇ ନିରାଶ ହୋଇ ଏଭଳି କାର୍ଯ୍ୟ କରିଥିବା ଜଣାପଡିଛି।

ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛି । ଏହା ଏକ ଅତ୍ୟନ୍ତ ଦୁଃଖଦ ତଥା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା । ଜିଲ୍ଲା ପ୍ରଶାସନ ସୂଚନା ଦେଇଛି ଯେ ଅମୀୟ ରଂଜନ ସିଂଙ୍କ ପିତା ସ୍ୱର୍ଗତ ଅର୍ଜୁନ ନାୟକ ଭୂତଳ ଜଳ ବିକାଶ ନିର୍ଦ୍ଦେଶାଳୟ, ଡେଲଟା ଛକ, ୟୁନିଟ ୮ ଭୁବନେଶ୍ୱରରେ କାର୍ଯ୍ୟରତ ଥିବା ସମୟରେ ୨୦୧୯ ମସିହାରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ମୋହନଙ୍କୁ ନବୀନଙ୍କ ଚିଠି: କାଉଣ୍ଟର କଲେ ମନମୋହନ

**ଭୁବନେଶ୍ୱର,୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମଣ୍ଡିରେ ଚାଷୀ ହଇରାଣ ତଥା ବିଭିନ୍ନ ଅବ୍ୟବସ୍ଥା ସଂପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି ଯେ, କୃଷି ହେଉଛି ଓଡିଶାର ଜୀବନରେଖା। ତଥାପି ପ୍ରଶାସନିକ ଉଦାସୀନତା ଓ ଲୋକଙ୍କୁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି



ପାଳନରେ ବିଫଳତା ଯୋଗୁ ଚଳିତ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆମ ଚାଷୀମାନଙ୍କ ପାଇଁ ଏକ ସଂଘର୍ଷମୟ ସ୍ଥିତି ସୃଷ୍ଟି କରିଛି। ମଣ୍ଡିରେ ଚାଷୀଙ୍କୁ ହଇରାଣ କରାଯାଉଛି। ଏବେ ସବୁଠି କଟନି ଛଟନି ଚାଲିଛି। ୧୫୦ କ୍ୱିଣ୍ଟାଲ ଉପରେ ଇନପୁଟ୍ ସବସିଡି ଅଙ୍କୁଶ, ଧାନର ଅଭାବୀ ବିକ୍ରିକୁ ନେଇ ନବୀନ ପ୍ରଶ୍ନ ଉଠାଇଛନ୍ତି। ନବୀନ ଲେଖିଛନ୍ତି ଯେ, ୨୦୨୪ ନିର୍ବାଚନ ସମୟରେ ବିଜେପିର ନିର୍ବାଚନୀ ଇସ୍ତାହାରର ଦୁଇ ନମ୍ବର ପଏଣ୍ଟରେ ଧାନର ସର୍ବାଧିକ ସହାୟକ ମୂଲ୍ୟ ବୃଦ୍ଧି ଓ କଟନୀ-ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରିବା ସମ୍ପର୍କରେ ଚାଷୀ ଭାଇଭଉଣୀମାନଙ୍କୁ ପ୍ରତିଶ୍ରୁତି *(ଶେଷ ପୃଷ୍ଠା ଦେଖନ୍ତୁ)*

# ବାଚସ୍ପତିଙ୍କ ବିରୋଧରେ ଆସିବ ଅନାସ୍ଥା !

**ନୂଆଦିଲ୍ଲୀ,୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିରୋଧୀ ଦଳ ଲୋକ ସଭା ବାଚସ୍ପତି ଓମ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ପ୍ରସ୍ତୁତ ହେଉଛନ୍ତି। ସୂତ୍ରରୁ ଜଣାପଡିଛି ଯେ, ବିରୋଧୀ ଦଳ ନେତାମାନେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି। ସେମାନେ କହିଛନ୍ତି ଯେ, ଯଦି ବିରୋଧୀ ଦଳକୁ ସଂସଦରେ କହିବାକୁ ଅନୁମତି ଦିଆଯାଏ ନାହିଁ, ତେବେ ସେମାନେ ଅନାସ୍ଥା ପ୍ରସ୍ତାବ ଆଣିବେ।

ବିରୋଧୀ ଦଳ କହିଛନ୍ତି, ରାହୁଲ ଗାନ୍ଧୀ ଲୋକ ସଭାରେ ସାଂସଦଙ୍କ ନିଲମ୍ବନ ଏବଂ ମହିଳା ସାଂସଦଙ୍କ ବିରୋଧରେ ଅଭିଯୋଗ ଉପରେ କହିବାକୁ ଚାହୁଁଥିଲେ। ରାହୁଲ କହିବା ପାଇଁ ଅନୁମତି ମାଗୁଥିଲେ। ସୋମବାର ଲୋକ ସଭାରେ ବିରୋଧୀ ଦଳଙ୍କ ହଟ୍ଟଗୋଳ ପରେ, ସଂସଦକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

ସୂତ୍ର ଅନୁସାରେ, ପ୍ରାୟ ସମସ୍ତ ବିରୋଧୀ ଦଳ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଉପରେ ସହମତ ଏବଂ ଖୁବ ଶୀଘ୍ର ଲୋକସଭା ସଚିବଙ୍କୁ ନୋଟିସ ଦାଖଲ କରିବାକୁ ପ୍ରସ୍ତୁତ ହେଉଛନ୍ତି । ବଜେଟ ଅଧିବେଶନରେ ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ତୀବ୍ର ମୁହାଁମୁହିଁ ପରିସ୍ଥିତି ଦେଖାଦେଇଛି। ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁ ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହୋଇପାରିଲା ନାହିଁ, ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣ ବିନା ଧନ୍ୟବାଦ ପ୍ରସ୍ତାବ ଗୃହୀତ ହେବାକୁ ପଡିଥିଲା।

ବିରୋଧୀ ସାଂସଦମାନେ ମଧ୍ୟ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କଂଗ୍ରେସ ସାଂସଦ ଇମ୍ରାନ *(ଶେଷ ପୃଷ୍ଠା ଦେଖନ୍ତୁ)*

# କାହା କବ୍‌ଜାରେ ଉତ୍କଳ ସମ୍ମିଳନୀ ?

**ଭୁବନେଶ୍ୱର,୯।୨**
**ତଥ୍ୟ**

ଭାଷା ଭିତ୍ତିରେ ରାଜ୍ୟ ଗଠନ ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଅନ୍ୟ ଓଡ଼ିଆ ପ୍ରାଣମାନେ ଗଠନ କରିଥିବା ଉତ୍କଳ ସମ୍ମିଳନୀ ଏବେ ତାହାର ଗରିମା ହରାଇ ଗୋଷ୍ଠୀ କନ୍ଦଳରେ ଛନ୍ଦି ହୋଇଛି। ତିନୋଟି ଗୋଷ୍ଠୀରେ ବିଭାଜିତ ଏହି ସଂଗଠନର ସମସ୍ୟା କମିବା ପରିବର୍ତ୍ତେ ଏବେ ଗୋଟିଏ ଗୋଷ୍ଠୀ ପକ୍ଷରୁ ହୋଇଥିବା ନିର୍ବାଚନ ପରିପ୍ରେକ୍ଷୀରେ ବଢ଼ିବାରେ ଲାଗିଛି।

ଉତ୍କଳ ସମ୍ମିଳନୀର ଗୋଟିଏ ଗୋଷ୍ଠୀର ସଭାପତି ଅଛନ୍ତି ଅଦୈତ୍ୟ ଚରଣ ପାତ୍ର। ତାଙ୍କ ଗୋଷ୍ଠୀ ପକ୍ଷରୁ ଏବେ ଦଶପଲ୍ଲାଠାରେ ସମ୍ମିଳନୀର ଅଧିବେଶନ କରାଯାଇ ତାଙ୍କ ସମେତ ଅନ୍ୟ ପୂର୍ବ କାର୍ଯ୍ୟକର୍ତ୍ତାମାନଙ୍କୁ ଆଉଥରେ ସଂଗଠନ ଦାୟିତ୍ୱରେ ରଖାଯାଇଛି। ହୋହାଲ୍ଲା ଭିତରେ ସଂପୂର୍ଣ୍ଣ ହୋଇଥିବା ଏହି ସମ୍ମିଳନୀରେ ମତଦାନ ହୋଇପାରି ନାହିଁ।

ଡ. ପାତ୍ର ସଭାପତି ଥିବା ଉତ୍କଳ ସମ୍ମିଳନୀ ସଂଗଠନଟି ରାଜଧାନୀ ଭୁବନେଶ୍ୱରର ବଡ଼ଗଡ଼ ଅଞ୍ଚଳରେ ଥିବା ତାଙ୍କ ଘରେ ଚାଲୁଛି। ଅନ୍ୟପକ୍ଷରେ ଏଜି ଓ ରାଜମହଲ ଛକ ମଧ୍ୟବର୍ତ୍ତୀ ଅଞ୍ଚଳରେ ୟୁନିଟ୍-୨ର ଏକ ସରକାରୀ କ୍ୱାର୍ଟର୍ସରେ ଅନ୍ୟ ଗୋଷ୍ଠୀର ଉତ୍କଳ ସମ୍ମିଳନୀ ଚାଲୁଛି। ଉତ୍କଳ ସମ୍ମିଳନୀ ନାମରେ ଦିଆଯାଇଥିବା ଏହି ସରକାରୀ ଘରକୁ ଗୋଟିଏ ଗୋଷ୍ଠୀ କବଳିତ କରି



ରଖିଥିବା ବେଳେ ତୃତୀୟ ଗୋଷ୍ଠୀ ପାଇଁ ସରକାର ଭୁବନେଶ୍ୱରର ୬ ନମ୍ବର ୟୁନିଟ୍ ଅଞ୍ଚଳରେ ଅନ୍ୟ ଏକ ସରକାରୀ ବାସଗୃହ ଯୋଗାଇ ଦେଇଛନ୍ତି।

ପୂର୍ବରୁ ଉତ୍କଳ ସମ୍ମିଳନୀର ଅସଲି ଓ ନକଲି ସଂଗଠନ କିଏ ସେଥିଘେନି ଦୀର୍ଘଦିନ ଧରି ଅଦାଲତି ଲଢ଼େଇ ଚାଲିବା ପର୍ଯ୍ୟନ୍ତ କଥା ଯାଇଥିଲା। ଏବେ ଦଶପଲ୍ଲା ଅଧିବେଶନ ପରେ ଏ ସଂକ୍ରାନ୍ତରେ ଚର୍ଚ୍ଚା ଜୋର ଧରିଛି। ଗୋଟିଏ ଗୋଷ୍ଠୀର ସାଧାରଣ ସଂପାଦକ ଭାବେ ଜଣେ ବ୍ୟକ୍ତି ପ୍ରାୟ ୨୦ବର୍ଷ ଧରି ରହିଛନ୍ତି। ଅନ୍ୟ ଗୋଷ୍ଠୀର ସଭାପତି ବି ଦୀର୍ଘବର୍ଷ ଧରି ନିଜ ପଦବୀ ବଜାୟ ରଖିଛନ୍ତି। ଏଭଳି ସ୍ଥିତିରେ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖାର ସଭାପତି ଭାବେ ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ୧୦ବର୍ଷରୁ ଅଧିକ ସମୟ ଧରି ନିଜ ପରିଚିତି ଜାହିର କରି ଆସୁଛନ୍ତି।

ଉତ୍କଳ ସମ୍ମିଳନୀକୁ ଗୋଷ୍ଠୀ ବିବାଦରୁ ମୁକ୍ତ କରି ଏହାକୁ ପୁଣି ଉତ୍କଳବାସୀଙ୍କ ଜାତୀୟ ସଂପତ୍ତିରେ ପରିଣତ କରିବା ଲାଗି ଇତିମଧ୍ୟରେ ବହୁ ଆଜୀବନ ସଦସ୍ୟ ଓ ବିଶିଷ୍ଟ ବ୍ୟକ୍ତି ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ଗାଦି ମାଡ଼ି ବସିବା ପାଇଁ ଅଡି ବସିଥିବା କିଛି କର୍ମକର୍ତ୍ତା ଏହା କରାଇ ଦେଉନଥିବା ଘେନି ଗୁରୁତର ଅଭିଯୋଗ ଆସୁଛି।

ସମ୍ମିଳନୀର କେତେକ ପୁରୁଖା ଆଜୀବନ ସଦସ୍ୟ ଅଭିଯୋଗ କରୁଛନ୍ତି ଯେ ଅନ୍ୟ ରାଜ୍ୟରେ ରହିଯାଇଥିବା ଓଡ଼ିଆଭାଷଭାଷୀ ଅଞ୍ଚଳରେ ଓଡ଼ିଆ ଭାଷା ଓ ଶିକ୍ଷାର ସୁରକ୍ଷା ତଥା ବିକାଶ ଲାଗି ରାଜ୍ୟ ସରକାର ଉତ୍କଳ ସମ୍ମିଳନୀକୁ ଦେଉଥିବା ମୋଟା ଅନୁଦାନକୁ କେନ୍ଦ୍ର କରି ଏଭଳି ଗୋଷ୍ଠୀ ବିବାଦ ଲାଗି ରହିଛି। ଗୋଟିଏ ପଟେ ଛତିଶଗଡ଼ ମହାନଦୀର ତଣ୍ଟି ଚିପିଦେଉଥିବା ବେଳେ ଅନ୍ୟପଟେ ଆନ୍ଧ୍ର ପ୍ରଦେଶ କୋଟିଆ ଉପରେ ଘନଘନ ଚଢ଼ଉ ଜାରି ରଖିଛି। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ବି ମଝିରେ ମଝିରେ ତୋଡ଼ ଦେଖାଉଛନ୍ତି। ଏଭଳି ସ୍ଥିତିରେ ପଡ଼ୋଶୀ ରାଜ୍ୟରେ ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ରହୁଥିବା ଓଡ଼ିଆମାନଙ୍କ ସ୍ୱାର୍ଥ ରକ୍ଷା କରିବା ପରିବର୍ତ୍ତେ ରାଜଧାନୀରେ କିନ୍ତୁ ଉତ୍କଳ ସମ୍ମିଳନୀର ଅସଲ ନେତା ହେବା ପାଇଁ ଚୌକିଟଣା ସଂଘର୍ଷ ଚାଲୁଛି।

ଏଠାରେ ଉଲ୍ଲେଖନୀୟ ଯେ ୧୯୦୩ରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ମଧୁବାବୁ ସଭାପତି ନଥିଲେ। ସେ ୧୯୧୩ର ପୁରୀ ଓ ୧୯୧୮ର କଟକ ଅଧିବେଶନରେ ସଭାପତି ହୋଇଥିଲେ। ସମ୍ମିଳନୀର କର୍ମକର୍ତ୍ତାମାନେ ଅନ୍ତତଃପକ୍ଷେ ଏହାର ପ୍ରତିଷ୍ଠାତା ମଧୁବାବୁଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରି ପଦବୀ ଲାଗି ନିଜ ନିଜ ଭିତରେ ଲଢ଼େଇ ନକରି ଓଡ଼ିଆଙ୍କ ବୃହତ୍ତର ସ୍ୱାର୍ଥ ରକ୍ଷା ପାଇଁ ଲଢ଼େଇ କରିବାକୁ ବହୁ ନିରପେକ୍ଷ ଓ ପୁରୁଣା ଆଜୀବନ ସଦସ୍ୟ ମତବ୍ୟକ୍ତ କରୁଛନ୍ତି।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୦ ଫେବୃଆରୀ ୨୦୨୬ । ମଙ୍ଗଳବାର




## ବନବିଭାଗ ଦ୍ୱାରା ଔଷଧୀୟ କାଠ ଜବତ

**କଳାହାଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବନ ବିଭାଗ ଅନ୍ତର୍ଗତ ଫରେଷ୍ଟ ରେଞ୍ଜ ଆମପାଣି ସେକ୍ସନରେ ଦୀର୍ଘ ଦଶଦିନ ହେଲା ତେଲେଙ୍ଗାନା ରାଜ୍ୟର ଏକ ଷୋହଳ ଚକିଆ ନମ୍ବର ଟିଏସ୨୯ଟି, ବି ୭୨୫୯ ଟ୍ରକ୍‌ରେ ଅର୍ଜୁନ ଗଛ ବୋଝେଇ ଟ୍ରକ ଏବଂ ଓଡିଶା ରାଜ୍ୟର ଗୋଟିଏ ଟ୍ରାକ୍ଟର, ଗୋଟିଏ ଅଟୋକୁ ଅଟକ ରଖି ମୁଲଚାଲ କରିବାର କଥା ଚର୍ଚ୍ଚାର ବିଷୟ ପ୍ରଚାର ହେବାରେ ଲାଗିଛି। ଏହା ଦୀର୍ଘ ଦିନରୁ କଳାହାଣ୍ଡି ଜିଲ୍ଲା ବନବିଭାଗ ଏବଂ ନବରଙ୍ଗପୁର ଜିଲ୍ଲାର କାଠ ମାଫିଆଙ୍କ ମିଳିତ ଉଦ୍ୟମରେ ଚାଲିଥିବାର ମଧ୍ୟ ଚର୍ଚ୍ଚା ହେଉଛି। ଏହା ପୂର୍ବରୁ ମଧ୍ୟ ଏଭଳି ଅଟକ ରଖି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ଗାଡିଗୁଡିକୁ ଛାଡ଼ିଥିବା ମଧ୍ୟ ବିଭାଗରେ କାର୍ଯ୍ୟରତ ଥିବା କିଛି କର୍ମଚାରୀମାନେ କହୁ ଥିବାର ମଧ୍ୟ ସୂଚନା ମିଳିଛି। ପ୍ରକାଶ ଥାଉକି ଟ୍ରକରେ ବୋଝେଇ ହୋଇଯାଉଥିବା ଗଛଟି ହେଲା କଳାହାଣ୍ଡି ଆଞ୍ଚଳିକ ଭାଷାରେ। (ଖଅ) ଏବଂ ଔଷଧୀୟ ନାମ କରଣ ହିସାବରେ ଅର୍ଜୁନ ଗଛ ବୋଲି କହନ୍ତି। ଏହି ଗଛ ବହୁ ଗୁଣରେ ଔଷଧ। ଏହି ଗଛର ଭିତର ନୀଳଗିରି ଗଛ ସହିତ ସମାନ ରଙ୍ଗ ହୋଇ ଥିବାରୁ କାଠ ମାଫିଆମାନେ ଚୋରି ମଧ୍ୟରେ ପାରହେଇ ଯାଉଥିବାର ନଜିର ରହିଛି। ଏଭଳି କାର୍ଯ୍ୟ କଳାପ ଉପରେ କଳାହାଣ୍ଡି ବନ ବିଭାଗ ଭିତିରି ପ୍ରଶୟ ପ୍ରକଟ ନ ହେବା ଆଉ ମୁଲଚାଲର ବାଟ ଫିଟେଇ ବା ପାଇଁ ଅଫିସ ବାଉଣ୍ଡ୍ରି ଗେଟରେ ତାଲା ଦେଇ ଏକ ବନ କର୍ମଚାରୀଙ୍କୁ ବାହାରେ ଠିଆ ହୋଇ ନଜର ରଖିବାକୁ ନିର୍ଦ୍ଦେଶ ରହିଛି। ପରିତାପର ବିଷୟ ଏହିକିଯେ ଏକ ଜୀବନ ରକ୍ଷୀ ବୃକ୍ଷକୁ ବାହାର ରାଜ୍ୟ ଚୋରା ଚାଲାଣ ହୁଏ ତେବେ ଏହା ସରକାର ଏବଂ ବନରକ୍ଷୀଙ୍କୁ ଦୋଷ ଦୁର୍ବଳତା କହିବାରେ କୌଣସି ଦ୍ୱିମତ ନାହିଁ ବୋଲି ଚର୍ଚ୍ଚା ଆଲୋଚନା ହେଉଛି।

## ହୁଣ୍ଡି ଭାଙ୍ଗି ଚୋରି ମାମଲା: ଜଣେ ଗିରଫ



**ଝାରସୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଝାରସୁଗୁଡ଼ା ସହର ବେହେ ସ୍ଥିତ ମା'ତାରିଣୀ ମନ୍ଦିର ହୁଣ୍ଡି ଟଙ୍କା ଏବଂ ମୂଲ୍ୟବାନ ଦାନ ଚୋରି ମାମଲାରେ ସରବା ମନୋଜ ନାଏକ (୩୦) ଗିରଫ କରାଯାଇଛି। ତାଙ୍କ ନଗଦ ୧୬ ହଜାର ୧୨୬ ସହିତ ହୁଣ୍ଡି ତାଲା ଭାଙ୍ଗିବା ବ୍ୟବହୃତ ବିଭିନ୍ନ ସାମଗ୍ରୀ କରାଯାଇଛି। ଏସଂକ୍ର ଅଭିଯୁକ୍ତ ବିରୋଧରେ ଭାଗ ନ୍ୟାୟ ସଂହିତା ୩୩୧ (ଏ), (ଏ)ରେ ମାମଲା ରୁଜୁ କରାଯ ମା'ତାରିଣୀ ମନ୍ଦିର ଏତଲା ଅନୁସାରେ, ୫ ବିଳମ୍ବିତ ରାତିରେ ଅଭିଯୁକ୍ତ ପାଚେରି ଡେଇଁ ଭିତରକୁ ମନ୍ଦିରର ପ୍ରବେଶ କରିଥିଲା। ହୁଣ୍ଡି ଭାଙ୍ଗି ସବୁ ଦାନ ସାମଗ୍ରୀ ନେଇଯାଇଥିଲା। ସିସିଟିଭି ଫୁଟେଜରେ ପୋଲିସ ଅଭିଯୁକ୍ତକୁ ଚିହ୍ନଟ କରି ଏହି ଗିରଫ କରିଛି।

## ଚିହ୍ନଟ ହେଉନି ନଦୀ ସୀମା, ଫାଇଦା ନେଉଛନ୍ତି ଆନ୍ଧ୍ର ବାଲି ମାଫିଆ

**ରାୟଗଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ରାୟଗଡ଼ା ଜିଲ୍ଲାର ପ୍ରମୁଖ ନଦୀଗୁଡ଼ିକର ସୀମା ନିର୍ଦ୍ଧାରଣ ହେଉ ନଥିବାରୁ ଆନ୍ଧ୍ର ବାଲି ମଫିଆମାନେ ଏହାର ଭରପୁର ସୁଯୋଗ ନେଉଛନ୍ତି। ରାୟଗଡ଼ା ଜିଲ୍ଲା ଦେଇ ପ୍ରବାହିତ ନାଗାବଳୀ, ବଂଶଧାରା ଓ ଝଞ୍ଜାବତୀ ନଦୀ ସୀମା ନୂତନ ଭାବେ ଚିହ୍ନଟ ଦିଗରେ ପଦେକ୍ଷପ ନିଆଯାଇନାହିଁ। ପ୍ରାୟ ୨୦ ବର୍ଷ ତଳେ ନଦୀର ସୀମା ଚିହ୍ନଟ ହୋଇଥିଲା। ଏହାରି ଭିତରେ ନଦୀର ଗତିପଥ ବଦଳି ଯାଇଥିବାରୁ ସୀମା ମଧ୍ୟ ବଦଳି ଯାଇଛି।

ନାଗାବଳୀ ନଦୀ କଳାହାଣ୍ଡି ଜିଲ୍ଲାରୁ ରାୟଗଡ଼ା ସହରରେ ଆନ୍ଧ୍ର ସୀମା ପର୍ଯ୍ୟନ୍ତ ୧୧୩ କିଲୋମିଟର ପ୍ରବାହିତ। ୪୦ ବର୍ଷ ମଧ୍ୟରେ ଏହି ନଦୀରେ ବାରମ୍ବାର ବନ୍ୟା ଯୋଗୁ ରାୟଗଡ଼ା ଜିଲ୍ଲାର ଭିନ୍ନ ଭିନ୍ନ ସ୍ଥାନରେ ତାର ଗତିପଥ ବଦଳାଇଛି। ପୂର୍ବରୁ ଏହି ନଦୀ ରାୟଗଡ଼ା ସହରଠାରୁ ପୂର୍ବ ଦିଗରୁ ୨୮୦ ମିଟର ଦୂରରେ ପ୍ରବାହିତ ହୋଇଥିଲା। ବର୍ତ୍ତମାନ ତାହା ୮୦ ମିଟର ନିକଟତର ହୋଇଛି। ମାଙ୍କଡ଼ଝୋଲା ଗ୍ରାମଠାରୁ ୩୦ ମିଟର ନିକଟତର ହୋଇଛି। ପୁଣି ବେଢ଼ଲି ଗ୍ରାମଠାରୁ ୧୮ ମିଟର ନିକଟତର ହେବା ଯୋଗୁ ଗ୍ରାମବାସୀ ବାସଚ୍ୟୁତ ହୋଇଛନ୍ତି। ସେହିପରି ଜଗନ୍ନାଥପୁର ବେହେରଗୁଡା, ଗୁରୁରାଜଗୁଡା, ସାନରାଇସିଂ,



ବଡ଼ରାଇସିଂ, ବୋରହାଲୁଆ, ଅଣିଜା ଗ୍ରାମ ନିକଟରେ ନାଗାବଳୀ ଆଂଶିକ ଗତିପଥ ପରିବର୍ତ୍ତନ କରିଛି। ପ୍ରାୟ ୧୨ ମିଟର ପର୍ଯ୍ୟନ୍ତ ନଦୀକୁଳ ଖାଇଛି। କେରେଡ଼ା ପଞ୍ଚାୟତର ଆମ୍ପଲଓ୍ୱାଲାସା ଓ ଆନ୍ଧ୍ରର ପୋଡୁଗୁଓ୍ୱାଲ୍ସା ନଦୀ ମୁହାଣରୁ ବାଲି ମାଫିଆମାନେ ଅନାୟସରେ ବାଲି ଚାଲାଣ କରୁଛନ୍ତି। ଅଣିଜ୍ ଗ୍ରାମ ନିକଟ ରିସର୍ଟ ସ୍ଥାନରେ ନଦୀର ଗତିପଥ ପରିବର୍ତ୍ତନ ଯୋଗୁ ସୀମା ଚିହ୍ନଟ ବାଧାପ୍ରାପ୍ତ ହେଉଛି। ସୀମା ଅଞ୍ଚଳରେ ଉଭୟ ସରକାରଙ୍କ କୌଣସି କଟକଣା ନଥିବାରୁ ବାଲି ମାଫିଆମାନେ ଏହାର ଭରପୁର ସୁଯୋଗ ନେଉଛନ୍ତି। ସେହିପରି ବଂଶଧାରା ନଦୀରେ ମଧ୍ୟ ସମାନ ଅବସ୍ଥା। ସେପଟେ ଜାତୀୟ ଗ୍ରୀନ ଟ୍ରିବୁନାଲ ଅଙ୍କୁଶ ଲଗାଇବା ପରେ ଆନ୍ଧ୍ର ତାର ଦୁଇଟି ଜିଲ୍ଲା ଶ୍ରୀକାକୁଲମ ଓ ମାନ୍ୟମ ଜିଲ୍ଲାର ନାଗାବଳୀ ନଦୀରେ ଥିବା ୨୬ରୁ ଅଧିକ ବାଲି ଉତ୍ସ ବନ୍ଦ କରି ଦେଇଛି। ଫଳରେ ଆନ୍ଧ୍ର ବାଲି ମାଫିଆମାନେ ଚତୁରତା ସହିତ ବାଲି ଖୋଳି ନିଜ ଅଞ୍ଚଳକୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ସୀମା ଚିହ୍ନଟ ଖଣି ବିଭାଗ ଅଧିନରେ ରହିଛି। ନଦୀର ଗତିପଥ ଟ୍ୟାଗ କରି ଖଣି ବିଭାଗ ପଦକ୍ଷେପ ଗ୍ରହଣ କରିବ ବୋଲି ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ କହିଛନ୍ତି।

## ମାଟି ଚୋର ସକ୍ରିୟ, ବିଭାଗୀୟ ଅଧିକାରୀ ନିଷ୍କ୍ରିୟ

**ଗୋପ: ଏକ୍ସପ୍ରେସ ନ୍ୟୁଜ୍**

ଦୁର୍ନୀତି ଓ ଭ୍ରଷ୍ଟାଚାର ଏବଂ ଅନ୍ୟାୟକୁ ବରଦାସ୍ତ କରାଯିବନି ବୋଲି ରାଜ୍ୟ ସରକାରଙ୍କ ସ୍ଲୋଗାନ ଥିବାବେଳେ ପୁରୀ ଜିଲ୍ଲାର ଗୋପରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଗତ କିଛି ଦିନ ହେବ ଗୋପ ପଞ୍ଚାୟତରୁ ଦୈନିକ ଶତାଧିକ ଟ୍ରିପମାଟି ଚୋରା ଚାଲଣ ତାହା ପୁଣି ନମ୍ବର ବିହୀନ ଟ୍ରାକ୍ଟର ଯୋଗେ। ଏ ସମ୍ପର୍କରେ ଖବର ପ୍ରସାରଣ ପରେ ଗତ ଦୁଇଦିନ ହେବ ଖଣିଜ ବିଭାଗ ପକ୍ଷରୁ ଛଡାଉ କରାଯାଉଛି। ଅଧିକାଂଶ ଗୋଚର ଓ ସରକାରୀ ଜମିରୁ ଶହ ଶହ ଟ୍ରିପ ନମ୍ବର ବିହୀନ କ୍ରାକ୍ଟର ଦ୍ୱାରା ଚୋରାଚାଲାଣ ହେଉଥିବାରୁ ସ୍ଥାନୀୟ ଅଧିକାରୀଙ୍କ ସମ୍ପୃକ୍ତ ଖବର ପ୍ରସାରଣ ହୋଇଥିଲା। ଏହା ହେବାଦ୍ୱାରା ସରକାର ଦୈନିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିଲେ। ଯାହାଫଳରେ ଉଚ୍ଚ ପଦସ୍ତ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଦୁଇଦିନ ହେବ ଗୋପ ଓ ନିମାପଡାର ବିଭିନ୍ନ ଅଞ୍ଚଳ ଉପରେ ଛଡାଉ କରାଯାଉଛି। ଏହାଦ୍ୱାରା ବାଲି ଓ ମାଟି ଚୋରା ଚାଲାଣ ଉପରେ ଏବେ ଟିକେ ରୋକ ଲାଗିଛି। ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟକୁ କାହାରି ବିରୋଧ ନାହିଁ କିନ୍ତୁ ଜଡି ପକ୍ଷପାତତା ହୁଏ ତେବେ ସାଧାରଣରେ ବିରୋଧ ହେବା ସ୍ୱଭାବିକ କଥା। ଏହା କେବଳ ସମ୍ଭବ ହେଉଛି ଶାସକ ଦଳର କିଛି ସ୍ଥାନୀୟ ସମର୍ଥକ ଯେଉଁମାନେ ନିଜକୁ ଉପମୁଖ୍ୟମନ୍ତ୍ରୀଙ୍କ ପାଖ ଲୋକ କାହିଁ ସ୍ଥାନୀୟ ବିଭାଗୀୟ ଅଧିକାରୀ ବା ସ୍ଥାନୀୟ ପ୍ରଶାସନଙ୍କୁ ଭୟବିତ୍ତ କରାଉଥିବା କଥା ଚର୍ଚ୍ଚା ମଧ୍ୟ ହେଉଛି। ଏହାଦ୍ୱାରା ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ନୂତନ ଭାବେ ହୋଇଥିବା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଭାବମୂର୍ତ୍ତି କ୍ଷୀର୍ଣ୍ଣ ହେଉଥିବା ନେଇ ଚର୍ଚ୍ଚା ହେଉଛି। ଏମିତି କି ନୂତନ ଓ ପୁରାତନ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟ ସମାନତା ରହୁନଥିବାରୁ ପରସ୍ପରକୁ ବିରୋଧ କରାଯାଉଛି ବୋଲି ଶୁଣିବାକୁ ମିଳୁଛି। ବିକାଶକୁ ପାଥେୟ କରି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ହିଁ ଉପକୃତ ହେଉଛନ୍ତି ଅନ୍ୟଥା କିଛି ନୁହେଁ ବୋଲି ସାଧାରଣରେ ମଧ୍ୟ ଚର୍ଚ୍ଚା ହେଉଛି।

## ବାଇକ୍ ଲୁଟାଇବା ସନ୍ଦେହରେ ହତ୍ୟା, ୪ ଗିରଫ

**ସୁନ୍ଦରଗଡ: ଏକ୍ସପ୍ରେସ ନ୍ୟୁଜ୍**

ବାଇକ୍ ଲୁଟାଇବା ସନ୍ଦେହରେ ହତ୍ୟା। ୪ ଜଣ ଯୁବକ ସଂଘବଦ୍ଧ ଭାବେ ଟେକି ନେଇ ମଶାଣିରେ ଜୀବନ ନେଲେ। ଶନିବାର ହେମଗିର ଥାନା ବରପାଲି ନ୍ୟୁପାଲି ଗାଁ ମଶାଣିରୁ ସୁମୁରା ଗାଁର ସତ୍ୟକାମ କୁଆଙ୍କ ଗଳିତ ଶବ ଉଦ୍ଧାର ମାମଲାର ପର୍ଦ୍ଦାଫାସ କରି ପୋଲିସ ଏହି ସୂଚନା ଦେଇଛି। ସୋମବାର ମାମଲାର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ହତ୍ୟା ଅଭିଯୁକ୍ତମାନେ ହେଲେ ବରପାଲି ସୁନିଲ କାଲୋ (୨୫), ସରୋଜ ରାଉତ (୨୭), ଟିକିଲିପଡାର ଝସକେତନ ଲୁହୁରା (୨୦) ଓ ଲେଫ୍ରିପଡା ଥାନା କୁତୁର୍ମା ଗାଁର ବିବେକ ଲୁହୁରା (୨୦)।



ଝସକେତନ ଏମ୍‌ସିଏଲ୍‌ରେ ସୁରକ୍ଷାକର୍ମୀ ଭାବେ କାମ କରୁଥିବା ବେଳେ ଏମ୍‌ସିଏଲ୍‌ରେ ସରୋଜଙ୍କ ବଲେରୋ ନିୟୋଜିତ ରହିଛି। ବରପାଲିରେ ଘରଭଡା ନେଇ ପରିବା ବେପାର କରୁଥିବା ସତ୍ୟକାମ ବୃଦ୍ଧା ମା' ରହୁଥିଲେ। ୪ ଦିନ ତଳେ ସେ ନିଖୋଜ ହୋଇଯାଇଥିଲେ। ପରିବାରଲୋକେ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ସନ୍ଧାନ ମିଳି ନଥିଲା। ଶନିବାର ବରପାଲି ନ୍ୟୁପାଲି ମଶାଣିରେ ତାଙ୍କ ଗଳିତଶବ ପଡିଥିବା ଦେଖାଯାଇଥିଲା। ଗାଁରୁ ତାଙ୍କ ଭାଇ ଦୁର୍ଯୋଧନ ଭାଇ ଆସି ସତ୍ୟକାମଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଏହାପରେ ପୋଲିସ ସାଇଣ୍ଟିଫିକ୍ ଦଳ ଓ ସନ୍ଧାନୀକୁକୁର ସାହାଯ୍ୟରେ ତଦନ୍ତ ଚଲାଇଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତି ଓ କିଛି ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରିଥିଲା।

ଉପଖଣ୍ଡ ପୋଲିସ ଅଧିକାରୀଙ୍କ ସୂଚନା ଅନୁସାରେ, କିଛି ଦିନ ତଳେ ବରପାଲି ଗାଁର ସୁନିଲ କାଲୋଙ୍କ ବାଇକ୍ ଖଣିରେ ହଜି ଯାଇଥିଲା। ହେଲେ ସେ ବାଇକ୍ ସତ୍ୟକାମ କେଉଁଠି ଲୁଚାଇ ଦେଇଥିବା ସନ୍ଦେହ କରିଥିଲେ। ଏହାକୁ ନେଇ ଫେବୃଆରୀ ୪ ତାରିଖରେ ଅନ୍ୟ ଅଭିଯୁକ୍ତମାନଙ୍କ ସହ ଯାଇ ସତ୍ୟକାମଙ୍କୁ ବରପାଲି ବଜାରରେ ମାଡପିଟ କରିଥିଲେ। ସେଠାରୁ ତାକୁ ବାଇକ୍‌ରେ ବସାଇ ନ୍ୟୁପାଲି ମଶାଣିକୁ ନେଇ ଅତି ନିର୍ମମ ଭାବେ ଆକ୍ରମଣ କରିଥିଲେ। ସତ୍ୟକାମ ଗୁରୁତର ହୋଇଯିବାରୁ ସେହି ମଶାଣିରେ ଛାଡି ଚାଲି ଆସିଥିଲେ। ମଶାଣିକୁ ଯାତାୟତ ନଥିବାରୁ ୪ ଦିନ ତଳେ ଶନିବାର ଅପରାହ୍ନରେ ଦୁର୍ଗନ୍ଧ ହେବା ଓ ଏକ ଗଳିତ ଶବ ପଡିଥିବା ଦେଖି କେହି ଜଣେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଆସି ସତ୍ୟକାମଙ୍କ ଭାଇଙ୍କୁ ଡକାଇଥିଲେ। ସେ ଘଟଣାସ୍ଥଳକୁ ଆସି ଶବ ସତ୍ୟକାମଙ୍କ ବୋଲି ଚିହ୍ନଟ କରିବା ସହ ହତ୍ୟା ଅଭିଯୋଗ ଆଣିଥିଲେ। ଏହା ପରେ ପୋଲିସ ତତ୍ପରତା ଦେଖାଇ ତନାଘନା ଚଲାଇଥିଲା।

## ମେଡିକାଲ ଇନ୍‌ଚାର୍ଜଙ୍କୁ ତାଲା ପକାଇଲେ ଆଶାକର୍ମୀ

**ମୋହନା: ଏକ୍ସପ୍ରେସ ନ୍ୟୁଜ୍**

ମୋହନା ମେଡିକାଲ ଇନ୍‌ଚାର୍ଜଙ୍କୁ ଘରେ ତାଲା ପକାଇଲେ ଆଶାକର୍ମୀ। ୨୦୦ରୁ ଅଧିକ ଆଶା କର୍ମୀ ଧାରଣାରେ ବସିଛନ୍ତି। ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଜୟ ପଣ୍ଡାଙ୍କ ସରକାରୀ ବାସ ଗୃହର ଗେଟରେ ତାଲା ପକାଇ ଅନଶନ କରୁଛନ୍ତି।

ଇନଚାର୍ଜଙ୍କ ବଦଳି ଦାବିରେ ଆଶାକର୍ମୀମାନେ ପ୍ରତିବାଦ କରୁଛନ୍ତି। ଅପରପକ୍ଷେ ମୋହନା ବ୍ଲକ ସଭା ଗୃହରେ ଜିଲ୍ଲାପାଳ ଶୁଣାଣି ଅଭିଯୋଗ ଥିବା ହେତୁ ଡାକ୍ତର ଜୟ ପଣ୍ଡା ଅଭିଯୋଗ ଶୁଣାଣିରେ ଯୋଗ ଦେଇଛନ୍ତି। ଅନ୍ୟାୟ, ଅନୀତି ଓ ଦୁର୍ନୀତି ବିରୁଦ୍ଧରେ ମୋହନା ମୋଡିକାଲ ଡାକ୍ତର ଜୟ କୁମାର ପଣ୍ଡାଙ୍କ ବଦଳି ଦାବି କରୁଛୁ ବୋଲି ଆଶାକର୍ମୀ କହିଛନ୍ତି।

### ବାଣିଜ୍ୟ

## ସମବାୟସଂସ୍ଥା ଗୁଡ଼ିକ ଷ୍ଟାର୍ଟ ଅପ୍ ଇଣ୍ଡିଆ ଫ୍ରେମ୍‌ଓ୍ୱାର୍କକୁ ଆସିବେ

**ନୂଆଦିଲ୍ଲୀ/ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଭାରତ ସରକାର ଏକ ସଂଶୋଧିତ ବିଜ୍ଞପ୍ତି ଜାରି କରିଛନ୍ତି, ଯେଉଁଥିରେ ଷ୍ଟାର୍ଟ ଅପ୍ (ଷ୍ଟାର୍ଟଅପ୍) ଶବ୍ଦର ପୁନଃପରିଭାଷା କରାଯାଇଛି ଏବଂ 'ଡିପ୍ ଟେକ୍ ଷ୍ଟାର୍ଟଅପ୍ସ' ନାମକ ଏକ ନୂଆ ବର୍ଗ ପ୍ରବର୍ତ୍ତନ କରାଯାଇଛି। ଏହାଦ୍ୱାରା ସମବାୟ ସଂସ୍ଥାଗୁଡ଼ିକୁ ଆନୁଷ୍ଠାନିକ ଭାବେ ଷ୍ଟାର୍ଟଅପ୍ ମାନ୍ୟତା ଫ୍ରେମ୍‌ଓ୍ୱାର୍କ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି।

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନସ୍ଥ ଉଦ୍ୟୋଗ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଦ୍ୱାରା ଜାରି ଏହି ବିଜ୍ଞପ୍ତି ପୂର୍ବବର୍ତ୍ତୀ ଫେବୃଆରୀ ୧୯, ୨୦୧୯ର ଷ୍ଟାର୍ଟଅପ୍ ବିଜ୍ଞପ୍ତିକୁ ପ୍ରତିସ୍ଥାପନ କରୁଛି।

ବିଜ୍ଞପ୍ତି ଅନୁଯାୟୀ, ଏକ ସଂସ୍ଥାକୁ ଷ୍ଟାର୍ଟଅପ୍ ଭାବେ ମାନ୍ୟତା ଦିଆଯିବ ଯଦି ଏହା ଭାରତରେ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ, ପାର୍ଟନରଶିପ୍ ଫର୍ମ, ଲିମିଟେଡ୍ ଲାଇଆବିଲିଟି ପାର୍ଟନରଶିପ୍, ମଲ୍ଟି-ଷ୍ଟେଟ୍ ସମବାୟ ସଂଘ କିମ୍ବା ସମ୍ପୃକ୍ତ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ପ୍ରଦେଶର ସମବାୟ ଆଇନ୍ ଅଧୀନରେ ପଞ୍ଜିକୃତ ସମବାୟ ସଂଘ ଭାବେ ପଞ୍ଜିକୃତ ହୋଇଥାଏ।

ଷ୍ଟାର୍ଟଅପ୍ ଯୋଗ୍ୟତା ପାଇଁ ସଂସ୍ଥାଟି ପଞ୍ଜିକରଣ କିମ୍ବା ସ୍ଥାପନାରୁ ୧୦ ବର୍ଷ ମଧ୍ୟରେ ରହିବା ଆବଶ୍ୟକ ଏବଂ ପଞ୍ଜିକରଣ ପରଠାରୁ କୌଣସି ଆର୍ଥିକ ବର୍ଷରେ ଟର୍ନଓଭର ୨୦୦ କୋଟି ଟଙ୍କାରୁ ଅଧିକ ନହେବ। ସଂସ୍ଥାଟି ଉତ୍ପାଦ, ପ୍ରକ୍ରିୟା କିମ୍ବା ସେବାର ନୂତନତା, ବିକାଶ କିମ୍ବା ଉନ୍ନତିରେ ନିୟୋଜିତ ହେବା କିମ୍ବା ନିଯୁକ୍ତି ସୃଷ୍ଟି କିମ୍ବା ଧନ ସୃଷ୍ଟିର ସମ୍ଭାବନା ଥିବା ସ୍କେଲେବଲ୍ ବ୍ୟବସାୟ ମଡେଲ୍ ପରିଚାଳନା କରୁଥିବା ହେବ। ବର୍ତ୍ତମାନ ବ୍ୟବସାୟର ବିଭାଜନ କିମ୍ବା ପୁନଃଗଠନ ଦ୍ୱାରା ଗଠିତ ସଂସ୍ଥାଗୁଡ଼ିକ ଯୋଗ୍ୟ ନୁହନ୍ତି।

ବିଜ୍ଞପ୍ତିରେ 'ଡିପ୍ ଟେକ୍ ଷ୍ଟାର୍ଟଅପ୍ସ' ବର୍ଗ ମଧ୍ୟ ପ୍ରବର୍ତ୍ତନ କରାଯାଇଛି। ଏଭଳି କ୍ଷେତ୍ରରେ ଯୋଗ୍ୟତା ଅବଧି ୨୦ ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇଛି ଏବଂ ଟର୍ନଓଭର ସୀମା ୩୦୦ କୋଟି ଟଙ୍କାକୁ ବଢ଼ାଯାଇଛି। ଡିପ୍ ଟେକ୍ ଷ୍ଟାର୍ଟଅପ୍ସ କେବଳ ବୈଜ୍ଞାନିକ କିମ୍ବା ଇଞ୍ଜିନିୟରିଂ ଅଗ୍ରଗତି ଆଧାରିତ ସମାଧାନରେ କାର୍ଯ୍ୟ କରୁଥିବ, ଗବେଷଣା ଓ ବିକାଶରେ ଅଧିକ ବ୍ୟୟ କରୁଥିବ, ବୌଦ୍ଧିକ ସମ୍ପତ୍ତି ସୃଷ୍ଟି କିମ୍ବା ମାଲିକାନା କରୁଥିବ ଏବଂ ଦୀର୍ଘ ବିକାଶ ଅବଧି ଓ ଟେକ୍ନିକାଲ୍ ଅନିଶ୍ଚୟତାର ସମ୍ମୁଖୀନ ହେଉଥିବା ହେବ।

ବିଜ୍ଞପ୍ତିରେ ଷ୍ଟାର୍ଟଅପ୍ ମାନ୍ୟତା ପ୍ରକ୍ରିୟା ବର୍ଣ୍ଣନା କରାଯାଇଛି, ଯେଉଁଥିରେ ଯୋଗ୍ୟ ସଂସ୍ଥାଗୁଡ଼ିକୁ ଡିପିଆଇଆଇଟି ପୋର୍ଟାଲ୍ ମାଧ୍ୟମରେ ପଞ୍ଜିକରଣ ପ୍ରମାଣପତ୍ର ଏବଂ ବ୍ୟବସାୟ କାର୍ଯ୍ୟକଳାପର ବର୍ଣ୍ଣନା ସହିତ ଆବେଦନ କରିବାକୁ ହେବ। ଡିପ୍ ଟେକ୍ ଷ୍ଟାର୍ଟଅପ୍ସ ମାନ୍ୟତା ପାଇଁ ଅତିରିକ୍ତ ଦସ୍ତାବିଜ ଆବଶ୍ୟକ ହେବ।

ଏହା ମାନ୍ୟତା ଅବଧି ମଧ୍ୟରେ ପାଣ୍ଠି ବ୍ୟବହାରର ସର୍ତ୍ତ ନିର୍ଦ୍ଧାରଣ କରିଛି ଏବଂ ନିର୍ଦ୍ଦିଷ୍ଟ ପ୍ରକାରର ନିବେଶକୁ ପ୍ରତିବନ୍ଧ କରିଛି। ମିଥ୍ୟା ସୂଚନା ଦେଇ ଅନୁମୋଦନ ପ୍ରାପ୍ତ ହେଲେ ମାନ୍ୟତା ପ୍ରତ୍ୟାହାରର ବ୍ୟବସ୍ଥା ମଧ୍ୟ ରହିଛି।

ବିଜ୍ଞପ୍ତିରେ ଆୟକର ଆଇନ୍‌ର ଧାରା ୮୦-ଆଇଏସି ଅଧୀନରେ ଟ୍ୟାକ୍ସ ଲାଭ ପାଇଁ ପ୍ରମାଣପତ୍ର ପ୍ରାପ୍ତି ପ୍ରକ୍ରିୟା ମଧ୍ୟ ବର୍ଣ୍ଣନା କରାଯାଇଛି, ଯାହା ଯୋଗ୍ୟ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଓ ଲିମିଟେଡ୍ ଲାଇଆବିଲିଟି ପାର୍ଟନରଶିପ୍ ପାଇଁ ପ୍ରଯୁଜ୍ୟ।

ଏହି ସଂଶୋଧିତ ଷ୍ଟାର୍ଟଅପ୍ ଫ୍ରେମ୍‌ଓ୍ୱାର୍କ ଅଫିସିଆଲ୍ ଗେଜେଟ୍‌ରେ ପ୍ରକାଶିତ ତାରିଖରୁ କାର୍ଯ୍ୟକାରୀ ହେବ। ଏହା ଦେଶରେ ନୂତନତା, ଗଭୀର ପ୍ରଯୁକ୍ତି ଓ ସମବାୟ ଆଧାରିତ ଉଦ୍ୟମକୁ ପ୍ରୋତ୍ସାହନ ଦେବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଟ୍ରାକ୍‌ରୁ ମୃତଦେହ ମିଳିବା ଘଟଣା: ମୁଣ୍ଡ ପାଉନି ପୋଲିସ



**ବଲାଙ୍ଗୀର: ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ରେଲୱେ ଷ୍ଟେସନରୁ ମାତ୍ର ୧ କିଲୋମିଟର ଦୂର ଖୁଜେନପାଲି ନିକଟସ୍ଥ ବଲାଙ୍ଗୀର ଦେଓଗାଁ ରେଲୱେ ଟ୍ରାକ୍ ଉପରେ ଜଣେ ଅଜଣା ବ୍ୟକ୍ତିଙ୍କ ମୁଣ୍ଡବିହୀନ ମୃତଦେହ ବୁଧବାର ବଲାଙ୍ଗୀର ରେଳବାଇ ପୋଲିସ ଉଦ୍ଧାର କରିଥିଲା। ଅଜଣା ବ୍ୟକ୍ତିଙ୍କ ପରିଚୟ ଏଯାଏ ମିଳିପାରି ନଥିବାବେଳେ, ଟ୍ରେନ ଟ୍ରାକ୍‌ରେ କଟି ଯାଇଥିବା ମୁଣ୍ଡ ମଧ୍ୟ ଏପର୍ଯ୍ୟନ୍ତ ମିଳିପାରିନାହିଁ। ପାଞ୍ଚ ଦିନ ବିତି ଯାଇଥିଲେ ସୁଦ୍ଧା ବଲାଙ୍ଗୀର ରେଳବାଇ ପୋଲିସ ମୃତ ବ୍ୟକ୍ତିଙ୍କ ମୁଣ୍ଡକୁ ଖୋଜି ବାହାର କରିପାରିବାରେ ବିଫଳ ହୋଇଛି। ଏପରିକି ମୃତ ବ୍ୟକ୍ତିଙ୍କ ପରିଚୟ ନ ମିଳିବାରୁ ରବିବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଟିଟଲାଗଡ ରୋଡ୍ ବିଜାଖମନଠାରେ ମୁଣ୍ଡ ବିହୀନ ମୃତଦେହକୁ ରେଳବାଇ ପୋଲିସଙ୍କ ଉପସ୍ଥିତିର ଶବ ସତ୍କାର କରାଯାଇଥିଲା। ଅଜଣା ବ୍ୟକ୍ତିଙ୍କ ପରିଚୟ ନ ମିଳିବାରୁ ଏବେ ଏହି ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।

ବଲାଙ୍ଗୀର ଜିଲ୍ଲାରୁ ପ୍ରତ୍ୟେକ ଦିନ ବାହାର ରାଜ୍ୟକୁ ଲୋକେ ଦାଦନ ଖଟି ଯାଉଥିବା ବେଳେ ଏକ ମୁଣ୍ଡ ବିହୀନ ମୃତଦେହ ମିଳିବା ଘଟଣାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। କୌଣସି ଶ୍ରମିକଙ୍କର ମୃତଦେହ ହୋଇଥାଇପାରେ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ଏହା ଏକ ହତ୍ୟା ନା ଆତ୍ମହତ୍ୟା ତାକୁ ନେଇ ମଧ୍ୟ ଆଲୋଚନା ହେଉଛି। ଏନେଇ ଜିଆରପି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ଅଜଣା ମୃତ ବ୍ୟକ୍ତିଙ୍କ ମୁଣ୍ଡକୁ ୫ଦିନ ବିତି ଯିବା ପରେ ମଧ୍ୟ ରେଳବାଇ ପୋଲିସ ଖୋଜି ବାହାର କରିବାରେ ବିଫଳ ହୋଇଛି। ଅଜଣା ମୃତ ବ୍ୟକ୍ତିଙ୍କ ପରିଚୟ ନ ମିଳିବାରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବସତ୍କାର କରଯାଇଥିବା ରେଳବାଇ ଭାରପ୍ରାପ୍ତ ପୋଲିସ ଅଧିକାରୀ ମକାରୁ ସାହୁ କହିଛନ୍ତି।

## ପାଗଳ ହନୁମାଙ୍କଡ ଆତଙ୍କ

**ଢେଙ୍କାନାଳ: ଏକ୍ସପ୍ରେସ୍ ନ୍ୟୁଜ୍**

ପାଗଳ ହନୁମାଙ୍କଡ଼ର ଆତଙ୍କ। ଟ୍ରାଙ୍କୁଲାଇଜ ମାଙ୍କଡକୁ ଧରିବାକୁ ନାକେଦମ ବନବିଭାଗ। ଢେଙ୍କାନାଳ ଜିଲ୍ଲା ପଜରଙ୍ଗ ବ୍ଲକରେ ଡିହଡୋଳ ଫରେଷ୍ଟ ସେକ୍ସନର ପାଟରପଦା, ନୂଆସାହି, କଟାବାହାଳ, ମେଣ୍ଢାପଦା ଆଦି ଗାଁରେ ହନୁମାଙ୍କଡ ଆତଙ୍କରେ ଅତିଷ୍ଠ ଗ୍ରାମବାସୀ।

ସୂଚନା ଅନୁଯାୟୀ, କିଛିଦିନ ହେବ ଗୋଟିଏ ହନୁମାଙ୍କଡ଼ ପାଗଳ ହୋଇ ୧୫ରୁ ଅଧିକ ଲୋକଙ୍କୁ ଆକ୍ରମଣ କରି ଲହୁ ଲୁହାଣ କରିଛି। ମାଙ୍କଡକୁ ଧରିବାକୁ ବନ ବିଭାଗକୁ ଜଣାଇଥିଲେ ସ୍ଥାନୀୟ ଲୋକ। କପିଳାସରୁ ଏକ ସ୍ୱତନ୍ତ୍ର ଟିମ ପହଞ୍ଚି ମାଙ୍କଡ଼କୁ ଟ୍ରାଂକୁଲାଇଜ କରିଥିଲେ। କିନ୍ତୁ ଟ୍ରାଙ୍କୁଲାଇଜ ହେବାପରେ ମାଙ୍କଡ଼ଟି କେଉଁଆଡେ ଚାଲିଯାଇଛି। ଏବେ ପାଗଳ ମାଙ୍କଡକୁ ଖୋଜିବାକୁ ନାକେଦମ ହୋଇଛି ବନ ବିଭାଗ। ସେପଟେ ମାଙ୍କଡ ଧରାପଡିନଥିବାରୁ ଆତଙ୍କିତ ଅବସ୍ଥାରେ ରହିଛନ୍ତି ଗ୍ରାମବାସୀ।

## ନିର୍ବାଚନ ମଣ୍ଡଳୀ ପାଇଁ ସମୀକ୍ଷା

**ଗୋପ: ଏକ୍ସପ୍ରେସ୍ ନ୍ୟୁଜ୍**

ଗୋପ ଓ କୋଣାର୍କ ଅଞ୍ଚଳ ବରିଷ୍ଠ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷଙ୍କୁ ନେଇ ଏକ ବୈଠକ ଆୟୋଜନ କରାଯାଇଥିଲା। ଷୋଳପୁରର ପ୍ରଖ୍ୟାତ ଅଧିଷ୍ଠାତ୍ରୀ ଦେବୀ ମା'ଅଡଙ୍ଗେଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଗୋପ ବିକାଶ ପରିଷଦର ସଭାପତି ନରେନ୍ଦ୍ର ଦାଶଙ୍କ ସଭାପତିତ୍ୱ ନିମ୍ନଲିଖିତ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ନିମାପଡା ବିଧାୟିକା ତଥା ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉଦ୍ଦେଶ୍ୟରେ ଏକ ମେମୋରଣ୍ଡମ ପ୍ରଦାନ କରାଯିବ। ପୁରୀ ଜିଲ୍ଲାର ଗୋପ ବ୍ଲକ ଭୌଗୋଳିକ ଦୃଷ୍ଟିକୋଣରୁ ବିଶେଷ ଗୁରୁତ୍ୱ ବହନ କରୁଥିବା ଉପକୂଳ ଅଞ୍ଚଳରେ ଏକ ଐତିହ୍ୟ ସଂପନ୍ନ ବ୍ଲକ। ଏହି ବ୍ଲକ ୩୧ଟି ଗ୍ରାମ ପଞ୍ଚାୟତ ଓ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ସୀମା ମଧ୍ୟରେ ଆବଦ୍ଧ ରହି ନିମାପଡା, କାକଟପୁର, ପୁରୀସଦର ବିଧାନସଭା ମଣ୍ଡଳୀ ଓ ପୁରୀ ଜଗତ୍‌ସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ମଧ୍ୟରେ ବିଭାଜିତ ହୋଇଅଛି। ଫଳରେ ଏ ଅଞ୍ଚଳ




କୌଣସି ଜଣେ ଲୋକପ୍ରତିନିଧିଙ୍କ ପୂର୍ଣ୍ଣ ଅନୁଗ୍ରହ ଲାଭରୁ ବଞ୍ଚିତ ହୋଇଛି। ଏହା ଏକ ସମସ୍ୟା ବହୁଳ ବ୍ଲକ। ଏହିସବୁ ସମସ୍ୟାମାନଙ୍କ ମଧ୍ୟରୁ କେତେକ ମୁଖ୍ୟ ସମସ୍ୟା ଆପଣଙ୍କର ସଦୟ ଅବଗତି ଓ କାର୍ଯ୍ୟାନୁଷ୍ଠାନ ପାଇଁ ନିମ୍ନରେ ପ୍ରକାଶ ଦାବି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଗୋପ ଓ କୋଣାର୍କ ଅଞ୍ଚଳରେ ଥିବା ସମସ୍ତ ଦଳ ଓ ଜାତି ଧର୍ମ ନିର୍ବିଶେଷରେ ଏକାଠି ହୋଇ ଏକ ସ୍ୱତନ୍ତ୍ର ବିଧାନସଭା ନିର୍ବାଚନ ମଣ୍ଡଳୀର ମାନ୍ୟତା ପାଇଁ ଅଣ୍ଟା ଭିଡ଼ିଲେଣି। ପରିଶେଷରେ ଗୋପ ବ୍ଲକ ଓ କୋଣାର୍କ ବିଜ୍ଞାପିତ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ବିଧାନସଭା ନିର୍ବାଚନ ମଣ୍ଡଳୀର ମାନ୍ୟତା ପାଇଁ ଏକ ୭ ଜଣିଆ ଟିମ ଗଠିତ ହୋଇଛି। ଯେଉଁମାନେ କି ଆଗାମୀ ଦିନରେ ଶ୍ରୀମତୀ ପରିଡାଙ୍କ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଅଂଶଗ୍ରହଣ କରିଥିବା ବ୍ୟକ୍ତି ବିଶେଷମାନେ ହେଲେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଦାଶ (ବରିଷ୍ଠ ଶିକ୍ଷାବିତ୍) ଅଶ୍ୱିନୀ ପଟ୍ଟନାୟକ, ଭଗବାନ ପାତ୍ର, ବ୍ରହ୍ମାନନ୍ଦ ସାହୁ, ସୁକାନ୍ତ କୁମାର ମହାନ୍ତି, ମିନାକ୍ଷୀ ପୃଷ୍ଟି, ସଚ୍ଚିଦାନନ୍ଦ ଗୋଛାୟତ, ଜିଲ୍ଲାପରିଷଦ ସଭ୍ୟା ପୁଷ୍ପରାଣୀ ସ୍ୱାଇଁ, ଶିମିଳିର ପୂର୍ବତନ ସରପଞ୍ଚ ଭାସ୍କର ସେଠ, ଲକ୍ଷ୍ମୀଧର ସେନାପତି, କବିବର ପ୍ରଧାନ ପ୍ରଭୃତି ବ୍ୟକ୍ତି ବିଶେଷମାନେ ଅଂଶଗ୍ରହଣ କରିଥିଲେ।

## ପ୍ରକାଶ ରାଜ ଛାଡିଲେ 'ସ୍ପିରିଟ'

### ସିନେମାଫିନେମା ଟିଭିଫିବି

ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଓ୍ୱାଙ୍ଗା ବର୍ତ୍ତମାନ ତାଙ୍କ ଆଗାମୀ ଫିଲ୍ମ 'ସ୍ପିରିଟ୍' ପାଇଁ ଚର୍ଚ୍ଚାରେ ଅଛନ୍ତି। ପ୍ରଥମେ ଫିଲ୍ମରୁ ଦୀପିକା ପାଡୁକୋନ ୮ ଘଣ୍ଟାର କାର୍ଯ୍ୟ ସିଫ୍ଟକୁ ଦର୍ଶାଇ ଫିଲ୍ମରୁ ଓହରି ଯାଇଥିବା ବେଳେ ଏବେ ସାଉଥ ଅଭିନେତା ପ୍ରକାଶ ରାଜ ଫିଲ୍ମରୁ ଓହରିଯିବାର ଖବର ସାମ୍ନାକୁ ଆସୁଛି। ରିପୋର୍ଟ ଅନୁଯାୟୀ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା।

ରିପୋର୍ଟ ଅନୁଯାୟୀ, ପ୍ରକାଶ ରାଜ ଏବଂ ସନ୍ଦୀପଙ୍କ ମଧ୍ୟରେ ମତପାର୍ଥକ୍ୟ ଅଭିନେତାଙ୍କ ଫିଲ୍ମରୁ ଓହରିଯିବାର କାରଣ ହୋଇଥିଲା। ପ୍ରକାଶ ରାଜ ଆଉ ଚଳଚ୍ଚିତ୍ର 'ସ୍ପିରିଟ୍'ର ଅଂଶ ନୁହଁନ୍ତି, ଯଦିଓ ତାଙ୍କ ଭୂମିକା ବହୁତ ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। କୁହାଯାଉଛି ଯେ ପ୍ରକାଶ ରାଜ ଏବଂ ଓ୍ୱାଙ୍ଗାଙ୍କ ମଧ୍ୟରେ ଏକ ସିନର ସ୍କ୍ରିପ୍ଟ ଏବଂ ସୁଟିଂକୁ ନେଇ ଯୁକ୍ତିତର୍କ ହୋଇଥିଲା, ଯାହା ଧୀରେ ଧୀରେ ବଢ଼ିବାରେ ଲାଗିଲା। ଅଭିନେତାଙ୍କର ପ୍ରଯୋଜନା ଦଳ ସହିତ ମଧ୍ୟ ସମସ୍ୟା ଥିଲା। ଏପରି ପରିସ୍ଥିତିରେ, ଅଭିନେତା ନିଷ୍ପତ୍ତି ନେଇଥିଲେ ଯେ ଫିଲ୍ମରୁ ଓହରିଯିବା ହିଁ ଭଲ। ତଥାପି, ସନ୍ଦୀପ କିମ୍ବା ପ୍ରକାଶ ଏପର୍ଯ୍ୟନ୍ତ ଏହି ଖବର ଉପରେ କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି।

'ସ୍ପିରିଟ୍'ରେ ତ୍ରିପ୍ତୀ ଡିମ୍ରି ସନ୍ଦୀପଙ୍କ 'ଆନିମଲ୍' ଚଳଚ୍ଚିତ୍ରରେ ହିଟ୍ ହୋଇଥିଲା। 'ଆନିମଲ୍' ଚଳଚ୍ଚିତ୍ରରେ ତ୍ରିପ୍ତୀ ତାଙ୍କର ଚମତ୍କାର ଅଭିନୟ ପ୍ରଦର୍ଶନ କରିଥିଲେ ଏବଂ ସେବେଠାରୁ ସେ ଅନେକ ଚଳଚ୍ଚିତ୍ର



ପାଇଛନ୍ତି। ଏବେ, ସେ ପ୍ରଭାସଙ୍କ ବିପକ୍ଷରେ ତାଙ୍କର ପ୍ରଥମ ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି। ସନ୍ଦୀପ ଭଙ୍ଗା ଏବଂ ପ୍ରଭାସଙ୍କ ଏହା ପ୍ରଥମ ସହଯୋଗ। ଭୂଷଣ କୁମାରଙ୍କ ଟି-ସିରିଜ୍ ଏବଂ ଭଦ୍ରକାଳୀ ପିକଚର୍ସ ସମର୍ଥନ କରିଛନ୍ତି। ପ୍ରଭାସ, ତ୍ରିପ୍ତୀ ସମେତ ପ୍ରକାଶ ରାଜ, କାଞ୍ଚନା ଏବଂ ବିବେକ ଓବେରୟ ମୁଖ୍ୟ ଭୂମିକାରେ ନଜର ଆସିବେ। ଶେଷଥର ପାଇଁ କେଶରୀ ବୀରରେ ଦେଖାଯାଇଥିବା ବିବେକ ଓବରୟ ଖଳନାୟକ ଭୂମିକାରେ ଅଭିନୟ କରିଥିଲେ। ଫିଲ୍ମ ସ୍ପିରିଟ୍ ୨୦୨୭ ମାର୍ଚ୍ଚ ୭ରେ ମୁକ୍ତିଲାଭ କରିବ।

ଓଡ଼ିଶା ପୃଷ୍ଠା

୩ ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର। ୧୦ ଫେବୃଆରୀ ୨୦୨୬ । ମଙ୍ଗଳବାର

# ଗ୍ରୀଷ୍ମଋତୁ ପୂର୍ବରୁ ଖଜୁରପାଲିରେ ଉତ୍କଟ ଜଳ ସମସ୍ୟା



**୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗ୍ରୀଷ୍ମଋତୁ ପୂର୍ବରୁ ସମ୍ବଲପୁର ଜିଲ୍ଲା କୁଚୁମୁରା ବ୍ଲକ ଅନ୍ତର୍ଗତ ଟାମ୍ପରଗଡ଼ ପଞ୍ଚାୟତ ଖଜୁରିପାଲି ଗ୍ରାମରେ ଦେଖିବାକୁ ମିଳିଛି ପିଇବା ପାଣିର ଉତ୍କଟ ସମସ୍ୟା । ଗ୍ରାମବାସୀ ପାଣି ପାଇଁ ହେଉଛନ୍ତି ଅନେକ ହଟହଟା । ଏଠି ପ୍ରହସନ ସାଜିଛି ସରକାରୀ ଯୋଜନା । ସାଧାରଣତଃ ଗ୍ରାମର ମହିଳାମାନେ ୧କିଲୋମିଟର ଦୂରତା ଥିବା ମାଳତୀ ନଦୀରୁ ଅଶୁଦ୍ଧ ପାଣି ଆଣି ବ୍ୟବହାର କରୁଛନ୍ତି । ମାଳତୀ ନଦୀରୁ ଅନେକ ବାଟରୁ ଏକୁଟିଆ ଝିଅ ବୋହୂମାନେ ପାଣି ଆଣିବା ସୁରକ୍ଷିତ ମଣୁନାହାନ୍ତି । କାରଣ ଏ ଅଞ୍ଚଳରେ ହାତୀ ଓ ଅନ୍ୟ ବନ୍ୟଜନ୍ତୁ ମଧ୍ୟ ବିଚରଣ କରିଥାନ୍ତି । କିନ୍ତୁ ଏବେ ସରକାର ଅନେକ ନାମ ପରିବର୍ତ୍ତନ କରିବା ପାଇଁ ନିଷ୍ପତି ନେଇଛନ୍ତି । କେବଳ ନାମ ପରିବର୍ତ୍ତନ କରି ଦେଲେ ଯେ ଅଞ୍ଚଳର ସମସ୍ୟା ବଦଳି ଯିବ ତା' ନୁହେଁ । ଗାଁର ଚିତ୍ର, ଚରିତ୍ର ଓ ସମସ୍ୟାକୁ ପରିବର୍ତ୍ତନ ନକଲେ ଆଗାମୀ ଦିନରେ ଆଗାମୀ ନିର୍ବାଚନରେ ଜବାବ ଦେବେ ବୋଲି ଗାଁ ଲୋକ କହିଲେଣି । କାରଣ ଅନେକ ଦିନ ହେଲାଣି ପିଇବା ପାଣି ପାଇଁ କଷ୍ଟ ଭୋଗୁଛନ୍ତି ଖଜୁରିପାଲି ଗ୍ରାମର ଜନସାଧାରଣ । ଗ୍ରାମର ବରିଷ୍ଠ ମହିଳା ପାନୀୟ ଜଳ ସମସ୍ୟାକୁ ନେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ସ୍ଥାନୀୟ ପ୍ରଶାସନ ଖୁବ୍ ଶୀଘ୍ର ଏହାର ସମାଧାନ ନ କଲେ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଛନ୍ତି । ଗ୍ରାମର ଜଣେ ମେଧାବୀ କଲେଜ ଛାତ୍ରୀ ସୁଶ୍ରୀ ପ୍ରମୋଦିନି ପ୍ରଧାନ ପ୍ରତିକ୍ରିୟାରେ କହିଛନ୍ତି ପିଇବା ପାଣିର ଅଭାବକୁ ନେଇ ଆମେ ବହୁତ ଚିନ୍ତିତ, ଅଶୁଦ୍ଧ ପାଣି ପିଉଛୁ ଅନେକ ରୋଗ ସୃଷ୍ଟି ହେଉଛି । ଏ ସମ୍ପର୍କରେ ଟାମ୍ପରଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ କ୍ଷୀରୋଦ ରାଉଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ମୁଁ ବିଡିଓଙ୍କୁ ପାଣି ସମସ୍ୟା ବିଷୟରେ ଜଣାଇଛି, ଖୁବ୍ ଶୀଘ୍ର ଏହାର ସମାଧାନ ପାଇଁ ଶ୍ରୀ ରାଉଳ ପ୍ରତିଶ୍ରୁତି ଦେଇଛନ୍ତି । ଏଣୁ ଗ୍ରାମବାସୀଙ୍କ ଜଳକଷ୍ଟକୁ ଦୃଷ୍ଟିରେ ରଖି ସରକାର ଶୀଘ୍ର ଏହାର ସମାଧାନ କରନ୍ତୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ମଙ୍ଗଳବାର– ନବମୀ |
|---|---|
| ୧୦.୨.୨୦୨୬ | ନକ୍ଷତ୍ର– ଅନୁରାଧା, ବିଛାଚନ୍ଦ୍ର |

| | |
|---|---|
| ମେଷ | : ବିପଦ ଦେଖାଦେବ । |
| ବୃଷ | : ଦିନଟି ସୁଖର ଦିନ ହେବ । |
| ମିଥୁନ | : ଦ୍ରବ୍ୟଲାଭ ଯୋଗ ରହିଛି । |
| କର୍କଟ | : ନୂତନ ସାଥି ପ୍ରାପ୍ତ ହେବେ । |
| ସିଂହ | : ପାରିବାରିକ କଳହର ସୂତ୍ରପାତ ହେବ । |
| କନ୍ୟା | : ରାଜସମ୍ମାନ ପ୍ରାପ୍ତି ହେବେ । |
| ତୁଳା | : ଚକ୍ଷୁପୀଡ଼ା କଷ୍ଟ ଦେବ । |
| ବିଛା | : ଚାଷଜମି ଲାଭ ହେବ । |
| ଧନୁ | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ମକର | : କର୍ମେ ସଫଳତା ପାଇବେ । |
| କୁମ୍ଭ | : ସହଯୋଗ ବୃଦ୍ଧି ପାଇବ । |
| ମୀନ | : ବ୍ୟବସାୟରେ ସାମାନ୍ୟ ଲାଭ । |

### ଶ୍ରୀମନ୍ଦିରେ ଯୁବତୀଙ୍କୁ ଅସଦାଚରଣ ମାମଲା

# ଅଭିଯୁକ୍ତକୁ ବର୍ଷେ ଜେଲ୍

**ପୁରୀ, ୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିରର ଗର୍ଭଗୃହ ଭିତରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସମୟରେ ଜଣେ ଯୁବତୀଙ୍କ ପ୍ରତି ଅଶାଳୀନ ବ୍ୟବହାର ହୋଇଥିଲା । ସୋମବାର ମାମଲାର ରାୟ ପ୍ରକାଶ ପାଇଛି । ପୁରୀ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସ ଫାଷ୍ଟଟ୍ରାକ କୋର୍ଟ ବିଚାରପତି ରମାନାଥ ପଣ୍ଡା ଅଭିଯୁକ୍ତ ଗୁଜୁରାଟ କଛ ଜିଲ୍ଲାର ଅନଜର ଗ୍ରାମର ୬୯ ବର୍ଷୀୟ ବିଜୟ ସୁରେନ୍ଦ୍ର ପାଣ୍ଡିଆକୁ ଦୋଷୀ ସାବ୍ୟସ୍ତ କରିଛି । ବର୍ଷେ ଜେଲ୍ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ଘୋଷଣା କରିଛନ୍ତି କୋର୍ଟ । ଜରିମାନା ନ ଦେଲେ ଅଧିକ ୧୫ ଦିନ ଜେଲ୍‌ଦଣ୍ଡ ଭୋଗିବେ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି । ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

୨୦୨୫ ମସିହା ନଭେମ୍ବର ୨୨ ତାରିଖ ସନ୍ଧ୍ୟା ୬ଟାରେ ପୀଡ଼ିତା ତାଙ୍କ ଭାଇ, ମା' ଓ ଅନ୍ୟ ସମ୍ପର୍କୀୟଙ୍କ ସହ ଜଗା ଦର୍ଶନ ପାଇଁ ଶ୍ରୀମନ୍ଦିରର ଗର୍ଭଗୃହ ପରିସରରେ ଥିବାବେଳେ ଅଭିଯୁକ୍ତ ବିଜୟ ଯୁବତୀଙ୍କ ପ୍ରତି ଅଶାଳୀନ ଓ ଖରାପ ବ୍ୟବହାର କରିଥିଲେ । ପୀଡ଼ିତାଙ୍କ ପକ୍ଷରୁ ସିଂହଦ୍ୱାର ଥାନାରେ ଅଭିଯୋଗ ହେବା ପରେ ଅଭିଯୁକ୍ତକୁ ପୁଲିସ ପୋକ୍ସ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୭ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାରକରି ଅଦାଲତ ଅଭିଯୁକ୍ତ ବିଜୟକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ମାମଲାକୁ ସ୍ପେଶାଲ ପିପି ମଧୁସୁଦନ ଦାଶ ପରିଚାଳନା କରିଥିଲେ । ମାତ୍ର ୩ ମାସ ଭିତରେ ଶ୍ରୀମନ୍ଦିର ମାମଲାର ରାୟ ପ୍ରକାଶ ପାଇବା ଏହା ହେଉଛି ପ୍ରଥମ ଘଟଣା ।

# ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବକ ଅଟକ

**ଖଣ୍ଡପଡ଼ା, ୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିବାହ କରିବାର ପ୍ରତିଶୃତି ଦେଇ ଓ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିବା ଖଣ୍ଡପଡ଼ା ସହର ଡାକ୍ତରଖାନା ଛକର ଯୁବକ ବିଜୟ କୁମାର ମହାନ୍ତି ପରେ ସଂପୃକ୍ତ ଯୁବତୀଙ୍କୁ ଭଣ୍ଡେଇ ବିଭିନ୍ନ ସମୟରେ ତାଙ୍କ ଠାରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇ ପ୍ରତାରଣା ଦେଇଥିବା ନେଇ ଯୁବତୀ ଜଣକ ଖଣ୍ଡପଡ଼ା ଥାନାରେ ଉକ୍ତ ଯୁବକଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ଅଭିଯୋଗ ଆଧାରରେ ପୋଲିସ ବିଜୟକୁ ଖଣ୍ଡପଡ଼ା ଥାନାରେ ଅଟକ ରଖି ଘଟଣାର ଖୋଳତାଡ କରୁଥିବା ଜଣାପଡିଛି ।



ଘଟଣାରୁ ପ୍ରକାଶ ଖଣ୍ଡପଡ଼ା ସହରର ଡାକ୍ତରଖାନା ଛକରେ ଏକ କମ୍ପ୍ୟୁଟର ଦୋକାନ କରିଥିବା ବିଜୟର ଦୋକାନକୁ ଉକ୍ତ ଯୁବତୀ ଜଣକ କମ୍ପ୍ୟୁଟର ମରାମତି କରିବା ପାଇଁ ଯିବା ଆସିବା କରିବା ସମୟରେ ବିଜୟ ଉକ୍ତ ଯୁବତୀଙ୍କ ମୋବାଇଲ ଫୋନ ନଂ ରଖି ତା' ସହ ଫୋନ ଯୋଗେ ଚାଟିଂ କରିବା ସହ ଗତ ୨୦୨୩ ମସିହାରୁ ସମ୍ପର୍କ ଯୋଡିଥିଲା । ପରେ ବିଜୟ ଉକ୍ତ ଯୁବତୀଙ୍କୁ ପୁରୀ, କଟକ, ସମ୍ବଲପୁର ଓ ହରିଶଙ୍କର ନେଇ ବିଭିନ୍ନ ସ୍ଥାନରେ ଶାରୀରିକ ସମ୍ପର୍କ ରଖିବା ସହ ବାରମ୍ବାର ବିବାହର ପ୍ରତିଶ୍ରୁତି ଦେଇ ଚାଲିଥିଲା । ଏପରିକି ଗତ ୨୦୨୪ ମସିହାରେ ଏକ ସୁନାର ବ୍ରେସଲେଟ କିଣିବା ପାଇଁ ୫୦ ହଜାର ଓ ପରେ ଏକ କାର କିଣିବା ପାଇଁ ୧.୫ ଲକ୍ଷ ଟଙ୍କା ଉକ୍ତ ଯୁବତୀଙ୍କ ଠାରୁ ବିଜୟ ଠକି ନେଇଥିବା ଅଭିଯୋଗ ହୋଇଛି । ଗତ ୨୦୨୪ ଡିସେମ୍ବର ୧୫ରେ ହରିଶଙ୍କର ମନ୍ଦିରରେ ଯୁବତୀଙ୍କୁ ସିନ୍ଦୂର ଲଗାଇ ଓ ଫୁଲମାଳ ପିନ୍ଧାଇ ବିଜୟ ଏକ ବିବାହ ନାଟକ ରଚିବା ସହ ତାକୁ ଆଣି ଘରେ ରଖିଥିଲା । ବିଜୟ ସହ ଶାରୀରିକ ସମ୍ପର୍କ ପରେ ଯୁବତୀ ଜଣଙ୍କ ଗର୍ଭବତୀ ହୋଇଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଗର୍ଭପାତ କରିବା ପାଇଁ ବିଜୟ ଉକ୍ତ ଯୁବତୀଙ୍କୁ କହିବା ସହ ସେ ଅରାଜି ହେବାରୁ ତାଙ୍କୁ ବିଜୟ ଓ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ସ୍ତରରେ ନିର୍ଯାତନା ଦେଇ ଆସିବା ସହ ଯୁବତୀଙ୍କ ଗର୍ଭ ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି । ଗତ ଶନିବାର ରାତି ୧୦ଟାରେ ବିଜୟ ଓ ତାଙ୍କ ମା', ସାନ ଭଉଣୀ ଉକ୍ତ ଯୁବତୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ନିସ୍ତୁକ ମାଡ ମାରି ଘରୁ ବିଦା କରି ଦେଇଥିବା ଜଣାପଡିଛି । ଶାଶୁଘରୁ ଯୁବତୀ ଜଣକ ତଡା ଖାଇବା ପରେ ନ୍ୟାୟ ପାଇବା ନିମନ୍ତେ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ପୋଲିସ ବିଜୟକୁ ଖଣ୍ଡପଡ଼ା ଥାନାରେ ଅଟକ ରଖି ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ କୃତିବାସ ହରିଚନ୍ଦନଙ୍କ ଠାରୁ ପ୍ରକାଶ ।

# ଟ୍ରାକ୍ଟରୁ ଖସି ଶ୍ରମିକ ମୃତ

**ନୀଳଗିରି, ୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଦେଇ ପ୍ରବାହିତ ସୋନ ନଦୀରୁ ପ୍ରତିଦିନ ବିପୁଳ ପରିମାଣରେ ଚୋରାବାଲି ଚାଲାଣ କରି ବାଲିମାଫିଆ ହେଉଛନ୍ତି ମଲେମାଲ । ଏ ନେଇ ଖଣିବିଭାଗ ଓ ପ୍ରଶାସନ ନିକଟରେ ବାରମ୍ବାର ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କ ଅଭିଯୋଗ ଓ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ରାଜସ୍ୱହାନୀ ସହିତ ଚାଲିଗଲା ଏକ ନିରୀହ ଜୀବନ । ସୂଚନା ମୁତାବକ ନୀଳଗିରି ଅଞ୍ଚଳରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ପୁରୁଣାଗାଁ ନିକଟରେ ସୋନନଦୀରୁ ଚୋରାବାଲି ଉତ୍ତୋଳନ କରିବା ପାଇଁ ସ୍ଥାନୀୟ ବାସିନ୍ଦା ତଥା ଶ୍ରମିକ ସଞ୍ଜୟ ନାୟକ (୪୨) ଟ୍ରାକ୍ଟରରେ ବସି ନଦୀକୁ ବାଲି ଉଠାଇବା ପାଇଁ ଯାଇଥିଲା । ଟ୍ରାକ୍ଟରରେ ନଦୀରୁ ବାଲି ଉଠାଇ ଫେରୁଥିବା ବେଳେ ଡ୍ରାଇଭରର ବେପରୁଆ ଭାବରେ ଗାଡ଼ି ଚଳାଇବା ଦ୍ୱାରା ଟ୍ରାକ୍ଟରରେ ବସିଥିବା ସଞ୍ଜୟ ଭାରସାମ୍ୟ ହରାଇ ଗାଡ଼ି ତଳକୁ ଖସି ପଡିବା ସହ ତା' ଉପରେ ବାଲି ବୋଝେଇ ଟ୍ରାକ୍ଟର ମାଡ଼ିଯିବା ଫଳରେ ଚାପି ହୋଇଯାଇଥିଲା । ହେଲେ ଚାଳକଜଣକ ଶ୍ରମିକକୁ ଉଦ୍ଧାର କରି ଡାକ୍ତରଖାନାକୁ ନେବା ପରିବର୍ତ୍ତେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ମାତ୍ର ସେଠାରେ ଥିବା ସ୍ଥାନୀୟ ଅଞ୍ଚଳର ଲୋକମାନେ ସଞ୍ଜୟକୁ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାକୁ ନେଇ ଆସିଥିଲେ ହେଲେ ଡାକ୍ତର ପରୀକ୍ଷାନିରୀକ୍ଷା କରିବା ପରେ ସଞ୍ଜୟକୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ଏ ଘଟଣାକୁ ନେଇ ପରିବାର ପକ୍ଷରୁ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଘଟଣାସ୍ଥଳରେ ପହଞ୍ଚି ନୀଳଗିରି ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରିବା ସହିତ ଘଟଣାରେ ସମ୍ପୃକ୍ତ ଟ୍ରାକ୍ଟରକୁ ଜବତ କରିଛି ।

# ବାଇକ ଧକ୍କାରେ ମହିଳା ଗୁରୁତର

**ବୈଶିଙ୍ଗା, ୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥର ଗାଙ୍ଗପୁରା ଛକ ନିକଟରେ ରବିବାର ଏକ ଅଜଣା ବାଇକ ଧକ୍କାରେ ଜନୈକା ମହିଳା ଗୁରୁତର ହୋଇଥିବା ଜଣାପଡିଛି । ଖବରରୁ ପ୍ରକାଶ ଦୁର୍ଗାପୁର– ମିରିଗା ଗ୍ରାମର ଶ୍ରୀକାନ୍ତ ସିଂଙ୍କ ପତ୍ନୀ ଝୁନୁ (୩୦) ନିଜ ବାପଘର ଗଡଦେଉଳିଆ ଗ୍ରାମର କଟିଆ ସିଂ ଘରୁ ସନ୍ଧ୍ୟା ସମୟରେ ଶାଶୁଘର ମିରିଗାକୁ ଯାଇଥିବା ସମୟରେ ଗାଙ୍ଗପୁରା ନିକଟରେ ରାସ୍ତା ପାରି ବେଳେ ଏକ ବାଇକ ଧକ୍କା ଦେଇ ଚମ୍ପଟ ମାରିଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଅଟୋ ଯୋଗେ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ । ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ମହିଳାଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବା ଜାଣି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରି ଦେଇଥିଲେ । ୧୦୮ ଆମ୍ବୁଲାନ୍ସ ଯୋଗେ ପରିବାର ଲୋକେ ବାଲେଶ୍ୱର ନେଇ ଚିକିତ୍ସା କରୁଥିବା ଜଣାଯାଇଛି ।

# ଦୁଇ ପଥର ଗାଡି ଜବତ, ୫ ଅଟକ

**ନିଆଳୀ, ୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ପୋଲିସ ଗତ କାଲି ରାତିରେ ପାଟ୍ରୋଲିଙ୍ଗ କରିଥିବା ବେଳେ ଦୁଇଟି ପଥର ବୋଝେଇ ହାଇବାକୁ ଅଟକ ରଖିଥିଲା । ଗାଡି ଦୁଇଟିର କୌଣସି କାଗଜ ପତ୍ର ନ ଥିବା ବେଳେ ବେଆଇନ ପଥର ଚାଲାଣ ହେଉଥିବାରୁ ଗାଡି କୁ ଜବତ କରିଛି ନିଆଳି ଥାନା ପୋଲିସ । ଉକ୍ତ ଗାଡିର ଡ୍ରାଇଭର ଓ ହେଲ୍ପରକୁ ମିଶାଇ ୫ଜଣଙ୍କୁ ଅଟକ ରଖିଛି । ସୂଚନା ଥାଉ କି ପଥର ଗାଡି ଦୁଇଟି ଖୋର୍ଦ୍ଧାରୁ ନିଆଳି ଦେଇ ନାଉଗାଁ ଉପଲକ୍ଷେ ଯାଉଥିଲା । ଏ ନେଇ ଜିଲ୍ଲା ଖଣି ବିଭାଗ ଅଧିକାରୀ ଆଦିତ୍ୟ ଆଚାର୍ଯ୍ୟଙ୍କୁ ଫୋନ କରିଥିଲେ ବି ସେ ଫୋନ ଉଠାଇ ନଥିଲେ । ଜବତ ହୋଇଥିବା ଗାଡି ଦୁଇଟି ହେଲା ଓଡ଼ି୨୨କେ–୩୨୦୩ ଓ ଓଡ଼ି୩୫ଇ– ୭୫୧୨ । ଉକ୍ତ ଗାଡି ଦୁଇଟି ହାଇବା ଜବତ ହୋଇଛି ।

# ୮ଟି ବାଲିବୋଝେଇ ହାଇୱା ଜବତ

**ବାଙ୍କୀ, ୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଶନିବାର ବିଳମ୍ବିତ ରାତିରେ ବୈଦ୍ୟେଶ୍ୱର ନିକଟରେ ୬ଟି ବାଲିବୋଝେଇ ହାଇୱା ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ ଓ ବୈଦ୍ୟେଶ୍ୱର ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତିଙ୍କ ମିଳିତ ଚଢ଼ଉ କରି ଜବତ କରିଛନ୍ତି। ଗାଡି ଚାଳକଙ୍କୁ ଅଟକ ରଖାଯାଇଛି । ସେହିପରି ବାଙ୍କୀ ଥାନା ଅଧିକାରୀ ଓ ଖଣି ବିଭାଗ ର ମିଳିତ ଚଢ଼ାଉ କରି ଦୁଇଟି ହାଇୱା ଜବତ ହୋଇଛି। ପ୍ରତ୍ୟେହ ସେ ଅଞ୍ଚଳରେ ଶତାଧିକ ବାଲି ହାଇୱା ଚାଲାଣ ହେଉଥିବା ଏବଂ ଏଥିପାଇଁ ଜନସାଧାରଣଙ୍କ ଜୀବନ ବିପନ୍ନ ହୋଇପଡିଛି। ତେଣୁ ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ରାତିରେ ବାଲିଗାଡି ଚଳାଚଳ ବନ୍ଦ ରଖିବା ପାଇଁ ଦାବି କରାଯାଇଛି ।

# ବାଇକ୍ ଚୋରି

**ସୋର, ୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ଫଟାଅର୍ଜୁନ ଛକ ନିକଟରୁ ଏକ ବାଇକ ଚୋରି ହୋଇଥିବା ବେଳେ ସିସିଟିଭିରେ ଚୋରିବେଳର ଦୃଶ୍ୟ କଏଦ ହୋଇଛି । ସୂଚନା ଅନୁସାରେ ମୁଳିସିଂ ଗ୍ରାମର ସନ୍ତୋଷ ରାଉତ ତାଙ୍କର ଓଡି୦୧ୱାଇ ୪୬୪୫ ନମ୍ବର ବିଶିଷ୍ଟ ହିରୋ ସୁପର ସ୍ପ୍ଲେଣ୍ଡର ବାଇକଟିକୁ ଫଟାଅର୍ଜୁନ ଛକରେ ରଖି କୌଣସି କାମରେ ଯାଇଥିଲେ। କିଛି ସମୟ ପରେ କାମସାରି ଫେରି ସେ ରଖିଥିବା ସ୍ଥାନରେ ବାଇକକୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ପରେ ନିକଟରେ ଲାଗିଥିବା ଏକ ସିସି କ୍ୟାମେରାରେ ତାଙ୍କ ବାଇକଟିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଜାଣିପାରି ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଦୁର୍ଘଟଣାରେ ଯୁବକ ଗୁରୁତର

**ବୈଶିଙ୍ଗା, ୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଶାସକ୍ତ ଅବସ୍ଥାରେ ଜନୈକ ଯୁବକ ବୈଶିଙ୍ଗା – ମାଣତ୍ରୀ ରାସ୍ତାର ବଡାମ ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇ ରାସ୍ତାରେ ପଡିଥିବାର ଦେଖି ରାସ୍ତାରେ ଯାଉଥିବା ଏକ ଯାତ୍ରୀବାହୀ ଗାଡ଼ି ତାଙ୍କୁ ନେଇ ବୈଶିଙ୍ଗା ଡାକ୍ତରଖାନାରେ ପହଞ୍ଚାଇଥିବା ଜଣାଯାଇଛି । ଖବରରୁ ପ୍ରକାଶ ସିଂଲାମୁଣ୍ଡୁଳି ଗ୍ରାମର ରାଧାମୋହନ ସିଂଙ୍କ ପୁଅ ରଞ୍ଜନ (୨୭) ଦିବା ୩ ଘଣ୍ଟା ସମୟରେ ନିଜ ବାଇକ ନେଇ ଘରୁ ବାହାରି ଆସିଥିଲେ । ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ପରେ ଘରକୁ ଫୋନ ଯୋଗେ ବୈଶିଙ୍ଗା ଦୁର୍ଘଟଣା ବିଷୟରେ ଜଣାଇ ଦିଆଯାଇଥିଲା । ରଞ୍ଜନର ଭାଇ ବୈଶିଙ୍ଗା ଡାକ୍ତରଖାନାରେ ପହଞ୍ଚି ଚିକିତ୍ସାଧିନ ଅବସ୍ଥାରେ ଭାଇକୁ ଦେଖିଥିଲେ । ମାତ୍ର ରଞ୍ଜନର ବାଇକ ଖବର ମିଳି ନଥିଲା କିମ୍ବା ଦୁର୍ଘଟଣାର କାରଣ ଜଣାପଡିନଥିଲା ।

# ରାସ୍ତା ଉପରେ ଜଳିଗଲା ବାଇକ୍

**ଭଦ୍ରକ, ୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଗୋପାଳପୁର ଛକ ନିକଟରେ ଆଜି ସକାଳେ ରାଧାନାଥପୁର ଅଞ୍ଚଳର ରଣଜିତ୍ ମାଇତି ବାପାଙ୍କୁ ନେଇ ବାଇକରେ ବାସୁଦେବପୁରକୁ ଆସୁଥିବାବେଳେ ବାଇକରେ ପେଟ୍ରୋଲ ସରିଯାଇଥିଲା । ଫଳରେ ରଣଜିତ୍ ବାଇକ୍‌ଟିକୁ ଗଡ଼େଇ ଗଡ଼େଇ ଗୋପାଳପୁର ଛକ ନିକଟରେ ଥିବା ଦୋକାନରୁ ତେଲ ପକାଇଥିଲା । ତେଲ ପକାଇବାର କିଛି ସମୟ ପରେ ଗାଡ଼ିକୁ ଷ୍ଟାର୍ଟ କରିବାରୁ ହଠାତ୍ ଗାଡ଼ିରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳିଯାଇଥିଲା । ପ୍ରାଣ ବିକଳରେ ରଣଜିତ୍ ବାଇକ୍ ଛାଡ଼ି ଦୌଡି ପଳାଇ ଆସିଥିଲେ ।

# ଡ୍ରେନ ଖୋଳାକୁ ଗ୍ରାମବାସୀଙ୍କ ବିରୋଧ

**ନିଆଳୀ, ୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ବ୍ଲକ ପୋଖରୀ ଗାଁ ପଞ୍ଚାୟତ ରାଣୀପଡା ଗ୍ରାମରେ ଘରୋଇ ଜାଗାରେ ଡ୍ରେନ ନିର୍ମାଣକୁ ନେଇ ବିବାଦ ଉପୁଜିଛି । ଡ୍ରେନ ପାଇଁ ଜେସିବି ମେସିନ ସହାୟତାରେ ଖୋଳା ଆରମ୍ଭ ହେଉଣୁ ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ପରିବାର ଉକ୍ତ ଜାଗା ଘରୋଇ ଜାଗା ଅଭିଯୋଗ ଆଣି କାମ ବନ୍ଦ କରିଥିଲେ । ଏ ନେଇ ଗ୍ରାମରେ ଉତ୍ତେଜନା ଲାଗିରହିଥିଲା । ଗ୍ରାମବାସୀଙ୍କ ଅଭିଯୋଗ ଯେଉଁ ଜାଗାରେ ଡ୍ରେନ ନିର୍ମାଣ ହେଉଛି ସେମାନଙ୍କର ମୂଲ୍ୟବାନ ଜମି ଯାଉଥିବାରୁ ସେମାନେ ଏହାକୁ ତୀବ୍ର ବିରୋଧ କରିଥିଲେ । ଏଠାରେ ପ୍ରଶ୍ନ ଉଠୁଛି ଘରୋଇ ଜାଗାରେ କିଭଳି ଭାବରେ ସରକାରୀ ଅର୍ଥ ବ୍ୟୟବରାଦ କରାଯାଇ



ଡ୍ରେନ ନିର୍ମାଣ କରାଯାଉଛି । ଯେଉଁ ଜାଗାରେ ସରକାରୀ ଅର୍ଥ ବିନିଯୋଗରେ କାମ କରାଯିବ ଉକ୍ତ ଜାଗାର କି କିସମ ରହିଛି, ଗୋଚର, ଅନାବାଦୀ କି ଅନ୍ୟାନ୍ୟ କିସମର ତାହା ତହସିଲଦାର ରିପୋର୍ଟ ଦେଇ ନଥିବା ବେଳେ କିଭଳି ଭାବରେ ମନମୁଖୀ ଡ୍ରେନ ନିର୍ମାଣ କରାଯାଉଛି ।

# ସଫେଇ ହେଉନି ହାଟ : ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଶୂନ୍

**ନିଶ୍ଚିନ୍ତକୋଇଲି, ୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଶ୍ଚିନ୍ତକୋଇଲିର ସର୍ବ ବୃହତ୍ ଏବଂ ସର୍ବପୁରାତନ ନିଶ୍ଚିନ୍ତକୋଇଲି ହାଟ ପରିବେଶ ଠିକ୍ ଭାବରେ ସଫେଇ ହେଉନାହିଁ ଯାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । କଟକ ଜିଲ୍ଲାର ଏହି ସର୍ବବୃହତ ହାଟ ସପ୍ତାହରେ ଦୁଇଥର ସୋମବାର ଓ ଶୁକ୍ରବାର ବସିଥାଏ । ସକାଳ ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଗୋଟିଏ ଲମ୍ବା ସମୟ ହାଟ ବସେ । ଶହ ଶହ ଚାଷୀ, ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ସମାଗମ ଏଠାରେ ହୋଇଥାଏ । ବିକାକିଣାର ଏହି ବଡ଼ ପରିବେଶ ବହୁ ଲୋକଙ୍କ ଆର୍ଥିକ ସ୍ଥିତିର ସୁଧାର ଆଣିବାରେ ସହାୟକ ହୋଇ ଆସୁଅଛି, କିନ୍ତୁ ହାଟ ପରିବେଶ ଠିକ୍ ଭାବରେ ସଫେଇ ହେଉନାହିଁ । ଅଳିଆ, ଆବର୍ଜନା, ପଚା ପନିପରିବା, କୋବି ପତ୍ର ଇତ୍ୟାଦି ହାଟ ପରିସରରେ ବିଛାଡ଼ି ହୋଇ ପଡ଼ି ରହିବାରୁ ହାଟ ପରିବେଶଟି ଅସ୍ୱାସ୍ଥ୍ୟକର ହୋଇ ପଡୁଛି । ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁଁ ଲୋକେ ଖୁବ୍ ହନ୍ତସନ୍ତ ହେଉଛନ୍ତି । ସେହିପରି ନିଶ୍ଚିନ୍ତକୋଇଲି ହାଟ ପାଖ ତାରିଣୀ ମନ୍ଦିର ନିକଟରେ ଗୋଟିଏ ଡ୍ରେନ୍ ପରିତ୍ୟକ୍ତ ଅବସ୍ଥାରେ ଦୁଇ ତିନି ବର୍ଷ ତଳୁ ପଡ଼ି ରହିଥିଲେ ହେଁ ଅଦ୍ୟାବଧି ସେହି ଡ୍ରେନେଜ୍ କାମ ହୋଇପାରି ନାହିଁ । ବ୍ଲକ୍ ପ୍ରଶାସନର ଅଧା କିଲୋମିଟର ଦୂରରେ ଥିବା ସମସ୍ୟାଟି ଯଦି ଏଯାଏଁ ସମାଧାନ ହୋଇ ପାରିନାହିଁ, ତେବେ ଦୂର ଦୂରାନ୍ତରେ ଥିବା ଲୋକଙ୍କ ସମସ୍ୟା କେଉଁ ସ୍ଥିତିରେ ଥିବ ତାହା ଅନୁସନ୍ଧାନ ସାପେକ୍ଷ । ଠିକ୍ ଭାବରେ ହାଟ ସଫେଇ ଏବଂ ମୁକୁଳା ଡ୍ରେନର ସଫେଇ ଏବଂ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର କରାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ବ୍ଲକ୍ ପ୍ରଶାସନ ଓ କଟକ ଉପଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ସମସ୍ୟା ଘେରରେ ସାହାଜଟ ଆଶ୍ରମ ବିଦ୍ୟାଳୟ

**ନୂଆପଡ଼ା, ୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଜଟଗଡ ପଞ୍ଚାୟତର ସାହାଜଟ ଆଶ୍ରମ ବିଦ୍ୟାଳୟ ସମସ୍ୟାଘେରରେ ଗତିକରୁଛି । ୧୯୫୫ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ଶିଶୁ ବାଟିକାକୁ ମିଶାଇ ୯ଟି ଶ୍ରେଣୀ ରହିଛି । ୬ଟି କୋଠରି ରହିଥିବାରୁ ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲା ବାରଣ୍ଡାରେ ବସି ପାଠ ପଢୁଛନ୍ତି । ବିଦ୍ୟାଳୟରେ ୩୮୦ ଛାତ୍ରୀଛାତ୍ର ଥିବାବେଳେ ୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ମେଟ୍ରନ ନ ଥିବାରୁ ହଷ୍ଟେଲରେ ରହୁଥିବା ଛାତ୍ରୀମାନେ ରାତି ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହଠାତ୍ କୌଣସି ଅସୁବିଧା ହେଲେ ଜଣାଇବା ପାଇଁ କେହି ନାହାନ୍ତି । ପରିଚାଳନା କମିଟି ଗଠନ ହୋଇ ନ ଥିବାରୁ ମନମୁଖୀ ଚଳାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଛାତ୍ରଛାତ୍ରୀଙ୍କୁ ପ୍ରତିଦିନ ମଧ୍ୟାହ୍ନ ଭୋଜନ ପେଟପୁରା ମିଳୁନାହିଁ । ଅଭିଭାବକ ଓ ଛାତ୍ରଛାତ୍ରୀ ଏ ନେଇ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ପାଣି ସମସ୍ୟା ରହିଥିଲେ ମଧ୍ୟ ତାହାର ସମାଧାନ କରାଯାଉ ନାହିଁ । ପାଇଖାନାରେ ପାଣିର ସୁବିଧା ନ ଥିବାରୁ ଛାତ୍ରଛାତ୍ରୀ ବାହାରୁ ପାଣି ନେଇ ବ୍ୟବହାର କରୁଛନ୍ତି । ବିଦ୍ୟାଳୟ ଚତୁଃପାଶ୍ୱରେ ପାଚେରି ନ ଥିବାରୁ କୌଣସି ହିଂସ୍ରଜନ୍ତୁ ପଶିଯିବା ସମ୍ଭାବନା ରହିଛି । ବିଦ୍ୟାଳୟରେ ୨୦୨୪ ଓ ୨୦୨୫ରେ ଦୁଇଟି ଅଘଟଣ ଘଟିଥିବାରୁ ଛାତ୍ରଛାତ୍ରୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ଏ ସଂକ୍ରାନ୍ତରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସକୁନ୍ତଳା ତ୍ରିପାଠୀଙ୍କୁ ପଚାରିବାରୁ ବିଦ୍ୟାଳୟର ସମାସ୍ୟ ଉପରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି । ଗ୍ରାମବାସୀଙ୍କ ବିରୋଧ ଯୋଗୁ ବିଦ୍ୟାଳୟ ପରିଚାଳନା କମିଟି ଗଠନ ହୋଇପାରୁ ନାହିଁ । ଆସନ୍ତା ମାର୍ଚ୍ଚ ମାସରେ ପରିଚାଳନା କମିଟି ଗଠନ ହେବ ବୋଲି ସେ କହିଛନ୍ତି ।




### ନାବାଳିକା ଅପହରଣ, ଥାନାରେ ଅଭିଯୋଗ

**ବାଙ୍କୀ, ୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ବଜାରସ୍ଥ ନୃସିଂହଛକ ଠାରୁ ନାବାଳିକାକୁ ଅପହରଣ ହୋଇଛି ଓ ଏ ସଂକ୍ରାନ୍ତରେ ବାଙ୍କୀ ଥାନାରେ ଅଭିଯୋଗ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ ଗୟଳବାଙ୍କ ଗ୍ରାମର ରାଣୀ ଶୁକଦେଈ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ରୀ ବିଦ୍ୟାଳୟରୁ ଫେରୁଥିବା ବେଳେ ବାଙ୍କୀ ସହରସ୍ଥ ନୃସିଂହ ଛକ ଠାରୁ କୁରୁମଚଇନି ଗ୍ରାମର ବବୁଲ ରଣା ଓ ତାଙ୍କର ସାଥୀ ଦ୍ୱାରା ଅପହରଣ ହୋଇଛି । ଏ ସଂକ୍ରାନ୍ତରେ ବାଙ୍କୀ ଥାନାରେ ଝିଅର ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ବର୍ତ୍ତମାନ ସୁଧା ଝିଅର କୌଣସି ପତା ମିଳିନାହିଁ। ବାଙ୍କୀ ଥାନା ପକ୍ଷରୁ ତଦନ୍ତ ଚାଲୁ ରହିଛି ।

# ବାଟବଣା ହେଲା 'ଲୁ' : ସାଢ଼େ ୫କୋଟିର ପ୍ରକଳ୍ପ କାହା ସ୍ୱାର୍ଥରେ

**ରାଉରକେଲା, ୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାସ୍ତା ପାର୍ଶ୍ୱ, ପାର୍କ, ଜନଗହଳିପୂର୍ଣ୍ଣ ସ୍ଥାନରେ ପରିସ୍ରାଗାର (ଲୁ) ନିର୍ମାଣ ହୋଇଛି । ପ୍ରତ୍ୟେକ 'ଲୁ' ପିଛା ୨ ଲକ୍ଷ ୭୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ସହରରେ ଏମିତି ପ୍ରାୟ ୨୦୦ଟି ସ୍ଥାନରେ ନିର୍ମାଣ କରାଯାଇଛି । ୫ କୋଟି ୫୦ ଲକ୍ଷ ବ୍ୟୟରେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପ ଆରମ୍ଭରୁ ଲୋକଙ୍କ କାମରେ ଲାଗିନି । ସହରର ପ୍ରମୁଖ ଡିଏଭି ଛକ, ଉତ୍କଳମଣି ଗୋପବନ୍ଧୁ ଯାନ୍ତ୍ରିକ ପ୍ରତିଷ୍ଠାନ (ୟୁଜିଆଇ) ପରିସ୍ରାଗାର ରହିଛି ହେଲେ ବ୍ୟବହାର ଉପଯୋଗୀ ହେଉନି । ତେବେ, କେବଳ ଏଇ ଦୁଇଟି ନୁହେଁ ସହର ପ୍ରାୟ ସବୁ ସ୍ଥାନରେ ସମାନ ସ୍ଥିତି । ଠିକାସଂସ୍ଥା ଅଧପନ୍ତରିଆ କାମକରି ବିଲ୍ ଉଠାଇ ଚାଲିଗଲା ।

ପୂର୍ବ ସରକାର ସମୟରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ଯୋଜନାରେ ଏହି ସାଢ଼େ ୫ କୋଟିର ପ୍ରକଳ୍ପ କାହା ସ୍ୱାର୍ଥ ବୋଲି ବିଭିନ୍ନ ମହଲରୁ ପ୍ରଶ୍ନ ହେଉଛି । ପ୍ରକଳ୍ପ ନାଁରେ ଯେଉଁମାନେ ସରକାର ଅର୍ଥକୁ ଅପବ୍ୟୟ କରିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି । ବାହାରକୁ ଚକାଚକ୍ ଦିଶୁଛି । ଭିତର ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି । ଠିକ୍ ଭାବେ ପାଣି ଆସୁ ନଥିବାରୁ ଉଭୟ ପୁରୁଷ




ଓ ମହିଳା ଦୁଇଟିଯାକ ପରିସ୍ରାଗାରର ପଥଚାରୀଙ୍କ କାମରେ ଆସୁନି । ସେମିତି ଡଙ୍ଗାଛକରୁ ଠାରୁ ମାତ୍ର ୧୦୦ ମିଟର ଦୂର (ଜେଲରୋଡ)ରେ ନିର୍ମାଣଧୀନ 'ଲୁ' ମାସ ମାସ ଧରି ଅଧପନ୍ତରିଆ ହୋଇ ପଡ଼ିଛି । କାମ ନେଇଥିବା ଏସ୍‌ଏଚ୍‌ଜି ନା ବିଭାଗୀୟ ଅଧିକାରୀଙ୍କ କାହାରି ପାଖରେ ସନ୍ତୋଷଜନକ ଉତ୍ତର ନାହିଁ । ଅନୁରୂପ ଭାବେ ପାନପୋଷ ସ୍ୱୟଂଶାସିତ କଲେଜ ପରିସର, ସିଭିଲଟାଉନସିପ୍ (ବାଇପାସ୍ ରୋଡ ପାର୍ଶ୍ୱ) ପାର୍କରେ ନିର୍ମାଣଧୀନ 'ଲୁ' ବ୍ୟବହାର ଉପଯୋଗୀ ନୁହେଁ ।

ହାଣ୍ଡିରୁ ଗୋଟିଏ ଭାତ ଚିପିଲା ପରି, କେବଳ ଚାରିଟି ସ୍ଥାନରେ ଅଧିକାଂଶ ସ୍ଥାନରେ ସ୍ଥାପନ ହୋଇଥିବା 'ଲୁ'ର ସେହି ସମାନ ଅବସ୍ଥା। ଆର୍‌ଏମ୍‌ସିର ବିଭାଗୀୟ ଅଧିକାରୀ କହିଛନ୍ତି, ନିର୍ମାଣ କାମ ଓ ରକ୍ଷଣାବେକ୍ଷଣ କାମ ଏସ୍‌ଏଚ୍‌ଜି ଗ୍ରୁପମାନଙ୍କୁ ଦିଆଯାଇଛି । ମୁକ୍ତା ଯୋଜନାରେ କେବଳ 'ଲୁ' ନିର୍ମାଣ ନୁହେଁ ବରଂ ବିଗତ ଦିନରେ ପୋଖରୀ ପୁନରୁଦ୍ଧାର କାମରେ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି । ହେଲେ କିଛି ପୋଖରୀ ସେମିତି ଅଧପନ୍ତରିଆ ହୋଇପଡିଛି । ଆହୁରି ସାଂଘାତିକ ଅଭିଯୋଗ ଆସିଛି ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପରେ । ବାସନ୍ତୀକଲୋନି, ରାଉରକେଲା ଶିଳ୍ପାଞ୍ଚଳ, ଇସ୍ପାତ ସହରାଞ୍ଚଳରେ ଯେତେଗୁଡ଼ିକ ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ ହୋଇଛି, ପ୍ରାୟ ସବୁଠି ନିମ୍ନମାନର । ତେବେ ମୁକ୍ତା ଯୋଜନା ପାଣ୍ଠିରେ ଯେଉଁ ସବୁ ପ୍ରକଳ୍ପ କରାଯାଇଛି, ତା'ର ବିଧିବଦ୍ଧ ତଦନ୍ତ ହେଲେ ବଡଧରଣ ଦୁର୍ନୀତିର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି ।

: ଆମେ ଯଦି ପୁରୀ କଥା ଦେଖିବା ରାତ୍ରୀ ବେଳେ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମ୍ ଥାଏ । ପୁରୀ ବାହାରୁ ଆସିଥିବା ପର୍ଯ୍ୟଟକମାନେ ଦର୍ଶନ ସାରି ଫେରିଯିବାକୁ ଚାହାନ୍ତି ସନ୍ଧ୍ୟାସୁଦ୍ଧା । ତେଣୁ ଯେଉଁମାନେ ଅଧିକ ସମୟ ମନ୍ଦିର ରହିବାକୁ ଇଚ୍ଛା ପ୍ରକାଶ କରନ୍ତି ସେମାନେ ରାତ୍ରୀ ସମୟରେ ଯିବା ଉଚିତ୍ । ଜଗନ୍ନାଥଙ୍କୁ ଛାଡ଼ି ଆସିବାକୁ କାହାର ବା ମନ ଚାହିଁବ, କିନ୍ତୁ ଅନ୍ୟମାନଙ୍କୁ ଦର୍ଶନର ସୁଯୋଗ ଦେବା ପାଇଁ ଆମକୁ ମଧ୍ୟ ଏଥିପ୍ରତି ଯତ୍ନବାନ ହେବାକୁ ପଡ଼ିବ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୦ ଫେବୃଆରୀ, ୨୦୨୬ | ମଙ୍ଗଳବାର

## ଓଡ଼ିଶା ଏକ୍ସପ୍ରେସ୍

### ଭିଡ଼ ପରିଚାଳନା ସବୁଠୁ ଗୁରୁତ୍ୱପୂର୍ଣ୍ଣ

ଏଇ କିଛିବର୍ଷ ହେଲା ଧର୍ମ ପର୍ଯ୍ୟଟନ ଖୁବ୍ ବଢ଼ିଛି ଆମ ରାଜ୍ୟରେ । ବିଶେଷ କରି ଆମେ ଯଦି ଶ୍ରୀକ୍ଷେତ୍ର ପୁରୀ କଥା ଦେଖିବା ପ୍ରତିବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢୁଛି । ବିଗତ ତିନିବର୍ଷ ଭିତରେ ଦେଢ଼ଗୁଣା ବଢ଼ିଛି ପର୍ଯ୍ୟଟକଙ୍କ ସଂଖ୍ୟା । ଦର୍ଶନ ପାଇଁ ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ଆଗକୁ ଗ୍ରୀଷ୍ମଋତୁ ଆସିଲେ ଅବସ୍ଥା କ'ଣ ହେବ ଏବେଠୁ ବେଶ୍ ଅନୁମାନ କରିହେଉଛି ।

ଜଗନ୍ନାଥ ଦର୍ଶନ ଉଦ୍ଦେଶ୍ୟରେ ବେଶିଭାଗ ପର୍ଯ୍ୟଟକ ପୁରୀ ଆସିଥାନ୍ତି । ସେମାନଙ୍କ ମୂଳ ଉଦ୍ଦେଶ୍ୟ ଥାଏ ଜଗନ୍ନାଥ ଦର୍ଶନ ଓ ତା'ପରେ ବୁଲାବୁଲି । ପୁରୀ ଆସୁଥିବା ପର୍ଯ୍ୟଟକମାନେ କୋଣାର୍କ ଏବଂ ସାତପଡ଼ାର ସୌନ୍ଦର୍ଯ୍ୟ ମଧ୍ୟ ଉପଭୋଗ କରିବାକୁ ଚାହାନ୍ତି । ଦୁର୍ଗାପୂଜା ପରେ ପରେ ଅର୍ଥାତ୍ କାର୍ତ୍ତିକ ମାସଠାରୁ ଫାଲଗୁନ ମାସ ଯାଏଁ ପୁରୀକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଥିବାର ଦେଖିବାକୁ ମିଳୁଥିଲା । ଏବେ ବର୍ଷସାରା ଭିଡ଼ । ଚାରିଧାମ ଭିତରୁ ପୁରୀ ଏକ ବିଶେଷ ଧାମ ହୋଇଥିବାରୁ ଧର୍ମବିଶ୍ୱାସୀମାନେ ପୁରୀ ଭ୍ରମଣରେ ଆସିବାକୁ ଚାହିଁଥାନ୍ତି । କିନ୍ତୁ ଦେଖାଯାଉଛି ଆମ ପ୍ରଶାସନ ଅଧିକ ଭିଡ଼ ପରିଚାଳନା କ୍ଷେତ୍ରରେ ସେତେଟା ଦକ୍ଷତା ହାସଲ କରିପାରିନାହାନ୍ତି ।

ବିଗତ ରଥଯାତ୍ରାରେ ଭିଡ଼ ପରିଚାଳନାର ତ୍ରୁଟି ପାଇଁ ଦଳାଚକଟାରେ ଦୁଇଜଣ ପ୍ରାଣ ହରାଇବା ସହିତ ଅନେକେ ଆହତ ହୋଇଥିଲେ । ଏଆଇ ପ୍ରଯୁକ୍ତିର ସାହାଯ୍ୟ ନେବା ପରେ ମଧ୍ୟ ଅଘଟଣକୁ ରୋକାଯାଇପାରିନଥିଲା । ଆଗାମୀ ଦିନରେ ବର୍ଦ୍ଧିତ ଭିଡ଼କୁ କିଭଳି ପରିଚାଳନା କରାଯାଇପାରିବ ସେଇଟା ହିଁ ମୂଳ ପ୍ରଶ୍ନ ।

ନୂଆ ସରକାର ଶାସନଭାର ଗ୍ରହଣ କରିବାର ପ୍ରଥମ ଦିନରେ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲି ଦେଇଥିଲେ । ଏହା ଯେ ଭିଡ଼ ପରିଚାଳନାକୁ ସୁଗମ କରିପାରିଛି ଏକଥା କହିବା ଭୁଲ୍ ହେବ । ଶ୍ରୀମନ୍ଦିର ଭିତରକୁ ଯେତିକି ଶ୍ରଦ୍ଧାଳୁ ପ୍ରବେଶ କରିବେ ସେତିକି ସଂଖ୍ୟକ ଶ୍ରଦ୍ଧାଳୁ ଯଦି ଦର୍ଶନ ସାରି ବାହାରକୁ ନ ଆସିବେ ତା'ହେଲେ ତ ମନ୍ଦିର ଭିତରେ ଏବଂ ବାହାରେ ଭିଡ଼ ଲାଗି ରହିବ । ତେଣୁ ପ୍ରବେଶ କରୁଥିବା ଭକ୍ତଙ୍କ ସହିତ ପ୍ରସ୍ଥାନ କରୁଥିବା ଭକ୍ତଙ୍କ ସଂଖ୍ୟାର ସମାନତା ନରହିଲେ ଭିଡ଼ ଆୟତ୍ତ କରିବା ସମ୍ଭବ ହେବନି କେବେବି । ତେଣୁ ଗୋଟେ ପ୍ରବେଶ ପଥରେ ପ୍ରବେଶ ଏବଂ ଦୁଇ କିମ୍ବା ତିନି ପ୍ରସ୍ଥାନ ପଥରେ ପ୍ରସ୍ଥାନ କରିବାର ବ୍ୟବସ୍ଥା କରାଗଲେ ହିଁ ଭିଡ଼କୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଆଶା ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଯେଉଁମାନେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବେ ସେମାନେ କେତେଶୀଘ୍ର ଦର୍ଶନ ସାରି ବାହାରିବେ ତାକୁ ମଧ୍ୟ ଗୁରୁତ୍ୱ ଦେବା ସରକାର । ସିରିଡ଼ି ସାଇ, ତିରୁପତି ଏବଂ ବୈଷ୍ଣୋଦେବୀ ମନ୍ଦିର ଭିତରେ ଶ୍ରଦ୍ଧାଳୁଙ୍କୁ ବେଶି ସମୟ ରହିବାର ସୁଯୋଗ ଦିଆଯାଏ ନାହିଁ, ତେଣୁ ସେଠି ଭିଡ଼ ପରିଚାଳନା ଅଣାୟତ୍ତ ହୁଏନାହିଁ ।

ଆମେ ଯଦି ପୁରୀ କଥା ଦେଖିବା ରାତ୍ରୀ ବେଳେ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମ୍ ଥାଏ । ପୁରୀ ବାହାରୁ ଆସିଥିବା ପର୍ଯ୍ୟଟକମାନେ ଦର୍ଶନ ସାରି ଫେରିଯିବାକୁ ଚାହାନ୍ତି ସନ୍ଧ୍ୟାସୁଦ୍ଧା । ତେଣୁ ଯେଉଁମାନେ ଅଧିକ ସମୟ ମନ୍ଦିର ରହିବାକୁ ଇଚ୍ଛା ପ୍ରକାଶ କରନ୍ତି ସେମାନେ ରାତ୍ରୀ ସମୟରେ ଯିବା ଉଚିତ୍ । ଜଗନ୍ନାଥଙ୍କୁ ଛାଡ଼ି ଆସିବାକୁ କାହାର ବା ମନ ଚାହିଁବ, କିନ୍ତୁ ଅନ୍ୟମାନଙ୍କୁ ଦର୍ଶନର ସୁଯୋଗ ଦେବା ପାଇଁ ଆମକୁ ମଧ୍ୟ ଏଥିପ୍ରତି ଯତ୍ନବାନ ହେବାକୁ ପଡ଼ିବ ।

୨୦୨୨ ମସିହାରେ ୧କୋଟି ୪୭ ଲକ୍ଷ ୪୭ ହଜାର ୩୭୦ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା । ୨୦୨୪ରେ ଏହା ୨ କୋଟି ୪୩ ଲକ୍ଷ ୧୪ ହଜାର ୪୨୫କୁ ବୃଦ୍ଧି ପାଇଛି । ଅର୍ଥାତ୍ ମାତ୍ର ଦୁଇବର୍ଷ ବ୍ୟବଧାନରେ ଅଧିକ ୯୫ ଲକ୍ଷ ୭୨ହଜାର ୧୯୭ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇଛି । ତେଣୁ ଏଇ ହାରରେ ଯଦି ବୃଦ୍ଧି ପାଇ ଚାଲିବ ତା'ହେଲେ ଆଗକୁ ଅବସ୍ଥା ଅସମ୍ଭାଳ ହୋଇପାରେ ।

ପର୍ଯ୍ୟଟକଙ୍କ ଆଗମନ ଓଡ଼ିଶାର ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ସହାୟକ ହେଉଛି ସତ କିନ୍ତୁ ପର୍ଯ୍ୟଟକଙ୍କ ପାଇଁ ଭିତ୍ତିଭୂମିର ବିକାଶ ସେଇ ତାଳରେ କରାଯାଉ ନାହିଁ ବୋଲି ମନେହୁଏ ।

# ଅକର୍ମା ଭୂମି ନିନ୍ଦନ୍ତି...



## ତୁଷମ୍ ଇବ ମନ୍ଥନମ୍- ଚକ୍ଷୁକୁଟା କାମ

ତୁଷାରକାନ୍ତ

(ଏହି ପ୍ରବନ୍ଧଟି, ଏହି ଦୈନିକ ସମ୍ବାଦପତ୍ରର ତା୩.୨.୨୦୨୬ରିଖର ସଂସ୍କରଣରେ ପ୍ରକାଶିତ 'ଅଳ୍ପବିଦ୍ୟା ଭୟଙ୍କରି' ପ୍ରବନ୍ଧର ଦ୍ୱିତୀୟ ଭାଗରୂପେ ପଢ଼ିବାକୁ ଅନୁରୋଧ ।)

ଅକର୍ମା ଭୂମି ନିନ୍ଦନ୍ତି, ଜଳ ନିନ୍ଦନ୍ତି ରୋଗିଣା, ବେଶ୍ୟାଶ୍ଚ ପୁତ୍ର ନିନ୍ଦନ୍ତି, ଚୌରଃ ନିନ୍ଦତି ଚନ୍ଦ୍ରମା ।

ଏହି ଶ୍ଳୋକଟିରେ ମଣିଷର ସ୍ୱଭାବଗତ ଦୋଷାରୋପ ପ୍ରକ୍ରିୟାକୁ ଅତି ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି, ଯଥା–

୧. **ଅକର୍ମା ଭୂମି ନିନ୍ଦନ୍ତି** : ଯେଉଁ ବ୍ୟକ୍ତି ଅଳସୁଆ ଏବଂ କର୍ମ କରିବାକୁ ଚାହେଁ ନାହିଁ, ସେ ନିଜର ଅସଫଳତା ପାଇଁ ସବୁବେଳେ ଜମି କିମ୍ବା ପରିସ୍ଥିତିକୁ ନିନ୍ଦା କରେ (ଯଥା: ମାଟି ଭଲ ନୁହେଁ କିମ୍ବା ସୁଯୋଗ ମିଳିଲାନି) ।

୨. **ଜଳ ନିନ୍ଦନ୍ତି ରୋଗିଣା**: ଜଣେ ଦୀର୍ଘଦିନର ରୋଗୀ ନିଜର କଷ୍ଟ ସହି ନପାରି ନିଜର ଜୀବନକୁ ବା ପରିବେଶକୁ (ଜଳ/ଖାଦ୍ୟ) ନିନ୍ଦା କରେ ।

୩. **ବେଶ୍ୟାଶ୍ଚ ପୁତ୍ର ନିନ୍ଦନ୍ତି**: କନ୍ୟା ସନ୍ତାନ ସେହି ବ୍ୟବସାୟରେ ରହି ରୋଜଗାର କରିଥାଏ । ତେଣୁ ବେଶ୍ୟାମାନେ ପୁତ୍ର ସନ୍ତାନ ଚାହାଁନ୍ତି ନାହିଁ ।

୪. **ଚୌରଃ ନିନ୍ଦତି ଚନ୍ଦ୍ରମା**: ଚୋର ଚନ୍ଦ୍ରକୁ ନିନ୍ଦା କରେ କାରଣ ଚନ୍ଦ୍ରାଲୋକରେ ତା'ର ଚୋରି ଧରାପଡ଼ିଯିବାର ଭୟ ଥାଏ ।

ଏହାକୁ ଅନେକ ସମୟରେ ଚାଣକ୍ୟ ନୀତି କିମ୍ବା ବିଦୁର ନୀତିର ଭାବ ସହ ସମାନ ବୋଲି ଧରାଯାଏ, କିନ୍ତୁ ଏହାର ଓଡ଼ିଆ ରୂପ 'ଅକର୍ମା ଭୂମି ନିନ୍ଦନ୍ତି...' ଓଡ଼ିଶାର ଗାଁଗହଳିରେ ପ୍ରାୟ ପ୍ରତ୍ୟେକ ଶିକ୍ଷିତ ଓ ଅଶିକ୍ଷିତ ଲୋକଙ୍କ ମୁହଁରେ ଶୁଣିବାକୁ ମିଳେ । ଏହା ଆମକୁ ଶିକ୍ଷା ଦିଏ ଯେ 'ନିଜର ଅକ୍ଷମତାକୁ ଲୁଚାଇବା ପାଇଁ ବାହ୍ୟ ବସ୍ତୁକୁ ଦୋଷ ଦେବା ଅନୁଚିତ ।'

ତେବେ, ଯେଉଁ ବ୍ରିଟିଶ ଶାସନ ପୃଥିବୀର ଅନେକ ସ୍ଥାନରେ ପରିବ୍ୟାପ୍ତ ଥିବାରୁ ଏହା ବାବଦରେ କୁହାଯାଉଥିଲା ଯେ, 'ବ୍ରିଟିଶ ଶାସନରେ ସୂର୍ଯ୍ୟାସ୍ତ ହୁଏନାହିଁ', ସେହି ଶାସନକୁ ନିରୋଳା ଅହିଂସା ଉପାୟରେ ଯିଏ ଭାରତ ଭଳି ବିଶାଳ ଭୂଖଣ୍ଡରୁ ତଡ଼ିଥିଲେ, ସେହି ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଅହୋରାତ୍ର ଅପବାଦ, ନିନ୍ଦା ପ୍ରଚାର କରୁଥିବାମାନଙ୍କ ବାବଦରେ କ'ଣ ଅବା କୁହାଯିବା ଉଚିତ?

ମାନବ ସଭ୍ୟତାର ସୁରକ୍ଷାପାଇଁ ସେ ଚାରୋଟି ସୁରକ୍ଷା କବଚ ବି ବତେଇଥିଲେ, ସେଗୁଡିକ ହେଉଛି– (୧) ପ୍ରକୃତି ସମସ୍ତଙ୍କର ଚଳିବାପାଇଁ ଯଥେଷ୍ଟ ଦେଇଛି କିନ୍ତୁ ଲୋଭର ପରିପୂରଣ ପାଇଁ ନୁହେଁ, (୨) ଯେ କୌଣସି ଯୋଜନାଟିଏ ଆରମ୍ଭ କଲାବେଳେ ମନେ ରଖିଥିବେ ଯେ, 'ଏହାଦ୍ୱାରା ସମାଜର ସବୁଠାରୁ ତଳେଥିବା ବ୍ୟକ୍ତିଟି କେତେ ମାତ୍ରାରେ ଉପକୃତ ହେଉଛନ୍ତି', (୩) ଯେଉଁମାନେ ଆପଣଙ୍କ ପାଖକୁ ଯେ କୌଣସି କାମରେ ଆସନ୍ତି, 'ସେମାନେ ଆପଣମାନଙ୍କ କାମରେ ବାଧା ସୃଷ୍ଟି କରନ୍ତି ନାହିଁ, ଆପଣମାନଙ୍କ ନିଯୁକ୍ତି ସେହିମାନଙ୍କ ପାଇଁ ।' (୪) ସମଗ୍ର ସମ୍ପତ୍ତିର ନ୍ୟାସୀକରଣ ମହାତ୍ମା ଗାନ୍ଧୀଙ୍କ ନ୍ୟାସତତ୍ତ୍ୱ (Trusteeship) ହେଉଛି ଏକ ସାମାଜିକ–ଅର୍ଥନୈତିକ ଅବଧାରଣା, ଯାହା ସମ୍ପତ୍ତିର ମାଲିକାନା ଏବଂ ଏହାର ବ୍ୟବହାର ଉପରେ ଏକ ନୂତନ ଦୃଷ୍ଟିକୋଣ ପ୍ରଦାନ କରେଛ ଏହାର ସାରାଂଶ ହେଉଛି – (କ)ମୂଳ ନୀତି: ମାଲିକ ନୁହେଁ, ରକ୍ଷକ, ଗାନ୍ଧୀଜୀଙ୍କ ଅନୁସାରେ, ଜଣେ ବ୍ୟକ୍ତି ନିଜର ବୁଦ୍ଧି କିମ୍ବା ପରିଶ୍ରମ ବଳରେ ଯେଉଁ ସମ୍ପତ୍ତି ଅର୍ଜନ କରେ, ସେ ସେହି ସମ୍ପତ୍ତିର ମାଲିକ ନୁହେଁ, ବରଂ ଜଣେ ନ୍ୟାସୀ (Trustee) ବା ରକ୍ଷକ । ସେ ବିଶ୍ୱାସ କରୁଥିଲେ ଯେ ସମସ୍ତ ସମ୍ପତ୍ତିର ପ୍ରକୃତ ମାଲିକ ହେଉଛନ୍ତି ଈଶ୍ୱର ଏବଂ ସମାଜ । (ଖ) ସମ୍ପତ୍ତିର ସୀମିତ ବ୍ୟବହାର, ଜଣେ ବ୍ୟକ୍ତି ସେହି ସମ୍ପତ୍ତିରୁ କେବଳ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ଆବଶ୍ୟକ ଅଂଶ ଗ୍ରହଣ କରିବା ଉଚିତ୍ । ନିଜର ସର୍ବନିମ୍ନ ଆବଶ୍ୟକତା ପୂରଣ ହେବା ପରେ ବାକି ଉଦ୍ବୃତ୍ତ ସମ୍ପତ୍ତିକୁ ସମାଜର ମଙ୍ଗଳ ପାଇଁ ଖର୍ଚ୍ଚ କରିବା ଏହି ତତ୍ତ୍ୱର ମୁଖ୍ୟ ଉଦ୍ଦେଶ୍ୟ । (ଗ) ଅହିଂସାତ୍ମକ ସମାଜବାଦ, ଏହା ଧନୀ ଏବଂ ଗରିବ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ପାଇଁ ଏକ ଅହିଂସାତ୍ମକ ମାଗ । ଗାନ୍ଧୀଜୀ ଚାହୁଁନଥିଲେ ଯେ ସରକାର ଜୋରଜବରଦସ୍ତି ଧନୀଙ୍କଠାରୁ ସମ୍ପତ୍ତି ଛଡ଼ାଇ ନିଅନ୍ତୁ । ବରଂ ସେ ଚାହୁଁଥିଲେ ଯେ ଧନୀମାନେ ନିଜ ହୃଦୟ ପରିବର୍ତ୍ତନ କରି ସ୍ୱେଚ୍ଛାକୃତ ଭାବେ ସମାଜର ଦରିଦ୍ର ଶ୍ରେଣୀର ହିତ ପାଇଁ ନିଜର ସମ୍ପତ୍ତିକୁ ଉତ୍ସର୍ଗ କରନ୍ତୁ, (ଙ) ସାରାଂଶର ମୁଖ୍ୟ ବିନ୍ଦୁ, (୧) ସମାନତା: ଏହା ଅର୍ଥନୈତିକ ଅସମାନତା ଦୂର କରିବାକୁ ଚାହେ । ସାମାଜିକ ଦାୟିତ୍ୱ:– ବ୍ୟବସାୟ ଓ ଶିଳ୍ପପତିମାନେ କେବଳ ଲାଭ କରିବା ପାଇଁ ନୁହେଁ, ବରଂ ସମାଜ ସେବା ପାଇଁ କାର୍ଯ୍ୟ କରିବା ଉଚିତ୍ ।

(୨)ଅପରିଗ୍ରହ: ଆବଶ୍ୟକତା ଠାରୁ ଅଧିକ ସଞ୍ଚୟ ନ କରିବା (Non-possession) ।

(୩) ଏକ ସରଳ ଉଦାହରଣ: ଯେପରି ଜଣେ ବାପା ତାଙ୍କ ପରିବାରର ସମ୍ପତ୍ତିକୁ ନିଜର ବୋଲି ନ ଭାବି ପିଲାମାନଙ୍କ ଭବିଷ୍ୟତ ପାଇଁ ରକ୍ଷକ ସାଜି ସାଇତି ରଖନ୍ତି, ଧନୀ ଲୋକମାନେ ସମାଜ ପାଇଁ ସେହିଭଳି ରକ୍ଷକ ହେବା ଉଚିତ ।

ଅଥଚ, ଏଗୁଡିକର ବିରୋଧାଚରଣ କରି ଯେଉଁମାନେ ପୃଥିବୀକୁ ଧ୍ୱଂସମୁଖକୁ ଟାଣିନେବା ସହିତ ସେହି ମହାତ୍ମାଙ୍କର କୁତ୍ସା ରଚନା କରିବା ଦିଗରେ ଶତତ ଚେଷ୍ଟିତ, ସେହି ନିର୍ବୋଧମାନଙ୍କ ପ୍ରତି ଯିଶୁଖ୍ରୀଷ୍ଟଙ୍କ ବାଣୀ 'ହେ ପ୍ରଭୁ, ସେମାନଙ୍କୁ କ୍ଷମା କରିଦିଅନ୍ତୁ ଯେହେତୁ ସେମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ' ହିଁ ଯଥେଷ୍ଟ । ଗତ ତା୩୦.୧.୨୦୨୬ ରିଖର ଗାନ୍ଧୀଙ୍କ ପୁଣ୍ୟତିଥି ପାଳନ ଅବସରରେ, ତା୩୧.୧.୨୦୨୬ରିଖର The Indian Express ନାମକ ଇଂରାଜୀ ଭାଷାର ଦୈନିକ ସମ୍ବାଦପତ୍ରରେ 'Gandhi Prayer matrers more than ever' ଶୀର୍ଷକ ଲେଖାଟିଏ ପ୍ରକାଶିତ ହୋଇଥିଲା । 'Ahimsa Conversations' ନାମକ ଗୋଟିଏ You TUBE Channelର ପ୍ରତିଷ୍ଠାତ୍ରୀ ଶ୍ରୀମତୀ ରଜନୀ ବକ୍ସିଙ୍କ ଦ୍ୱାରା ଲିଖିତ ଏହି ଲେଖାଟିର ଓଡ଼ିଆ ଭାଷାରେ ଅନୁବାଦିତ ସାରାଂଶ ହେଉଛି, (ଆରମ୍ଭ) '୧୯୪୮ ମସିହା ଜାନୁଆରୀ ୩୦ ତାରିଖ ସକାଳେ, ଜଣେ ଆମେରିକୀୟ ସାମ୍ବାଦିକା ତଥା ଫଟୋଗ୍ରାଫର ମହାତ୍ମା ଗାନ୍ଧୀଙ୍କ ସାକ୍ଷାତକାର ନେବାକୁ ଆସିଥିଲେ । ମାର୍ଗାରେଟ୍ ବୋର୍ଡ–ହ୍ୱାଇଟ୍ ତାଙ୍କୁ ପଚାରିଥିଲେ, 'ପରମାଣୁ ବୋମା ଆବିଷ୍କାର ପରେ, ଅହିଂସା କ'ଣ ଏବେ ଅପ୍ରାସଙ୍ଗିକ ହୋଇଯାଇ ନାହିଁ?' ଏହାର ଉତ୍ତରରେ ଗାନ୍ଧୀ କହିଥିଲେ, 'ଠିକ୍ ଓଲଟା, ଅହିଂସା ହିଁ ଏବେ ଏହି କ୍ଷେତ୍ରରେ ଏକମାତ୍ର ବିକଳ୍ପ ଭାବେ ବାକି ରହିଛି ।' ବୋର୍ଡ–ହ୍ୱାଇଟ୍ ଗାନ୍ଧୀଙ୍କୁ ପୁନଶ୍ଚ ପଚାରିଥିଲେ ଯେ 'ଯଦି ଗୋଟିଏ ପରମାଣୁ ବୋମା ତାଙ୍କ ଉପରେ ପଡ଼ିବାକୁ ଯାଉଥାଏ, ତେବେ ସେ କ'ଣ କରିବେ?' ଗାନ୍ଧୀ ଏହାର ଉତ୍ତର ଦେଇଥିଲେ ଯେ 'ସେ ନିଶ୍ଚିତ ଭାବେ କୌଣସି ବୋମାରୁ ରକ୍ଷା ଆଶ୍ରୟସ୍ଥଳୀ (shelter) ଆଡକୁ ଦୌଡ଼ିବେ ନାହିଁ – ବରଂ ସେ ବାହାରକୁ ଯାଇ ଆକାଶକୁ ଚାହିଁବେ ଏବଂ ସେହି ବିମାନର ପାଇଲଟ୍‌ଙ୍କ ଆତ୍ମା ପାଇଁ ପ୍ରାର୍ଥନା କରିବେ ।'

ଏହି କାହାଣୀ କିଛି ଲୋକଙ୍କୁ ବିରକ୍ତ କରିଥାଏ । ଏକ ପକ୍ଷ ଏହାକୁ ପ୍ରମାଣ ଭାବରେ ଗ୍ରହଣ କରନ୍ତି ଯେ 'ଗାନ୍ଧୀ ଅହିଂସାକୁ ଅତି ଚରମ ସୀମାରେ ରଖି ଏହାକୁ ସାଧାରଣରେ ଅପହଞ୍ଚ କରିଦେଇଛନ୍ତି ।' ଶୁଦ୍ଧ ବସ୍ତୁବାଦୀମାନଙ୍କ' ପାଇଁ ଏହା ହାସ୍ୟାସ୍ପଦ, କାରଣ ସେମାନେ ପ୍ରାର୍ଥନାର ଜଗତ ବିଷୟରେ ଜାଣନ୍ତି ନାହିଁ ବା ସେଠାରେ ପହଞ୍ଚିପାରନ୍ତି ନାହିଁ । ଯଦି ଆପଣ ବସ୍ତୁବାଦୀମାନଙ୍କ ପ୍ରତି ସହାନୁଭୂତିଶୀଳ, ତେବେ ୩୦ ଜାନୁଆରୀ ୧୯୪୮ର ଘଟଣାଗୁଡ଼ିକୁ ଆପଣଙ୍କ ସପକ୍ଷରେ ଏକ ନିର୍ଣ୍ଣାୟକ ପ୍ରମାଣ ଭାବରେ ଦାବି କରାଯାଇପାରେ । ନଥୁରାମ ଗଡସେ ଅତି ନିକଟରୁ ପିସ୍ତଲ ଚଳାଇଲେ ଏବଂ ଗାନ୍ଧୀଙ୍କର ମୃତ୍ୟୁହେଲା । ସେମାନେ କହିପାରନ୍ତି ଯେ ମୃତ୍ୟୁ ପୂର୍ବରୁ ଗାନ୍ଧୀ 'ହେ ରାମ' କହିବାରେ କ'ଣ ପାର୍ଥକ୍ୟ ପଡ଼ିଲା? ଆମର ଏହି ଯୁଗପୁରୁଷ ଦୂରଦ୍ରଷ୍ଟାଙ୍କ ଆନୁଷ୍ଠାନିକ ସ୍ମୃତିସ୍ତମ୍ଭରେ ସେହି ଶବ୍ଦଗୁଡ଼ିକ ଖୋଦିତ ହୋଇଛି । ଆମର ପୂର୍ବପୁରୁଷମାନେ, ଯେଉଁମାନେ ଏହି ଶିଳାଲେଖକୁ ସୁନିଶ୍ଚିତ କରିଥିଲେ, ସେମାନେ ବୋର୍ଡ–ହ୍ୱାଇଟ୍‌ଙ୍କୁ ଦେଇଥିବା ଗାନ୍ଧୀଜୀଙ୍କ ଉତ୍ତରରେ ବିରକ୍ତ ହୋଇନଥିଲେ ।

ଏବେ ଏହାର ମହତ୍ତ୍ୱ କ'ଣ? ଏହି ଶିଳାଲେଖ ଆମଠାରୁ ପ୍ରଥମ ଦାବି କରେ ଯେ ଆମେ 'ମେରେ ରାମ (ମୋର ରାମ)' କିମ୍ବା 'ତେରେ ରାମ (ତୁମର ରାମ)' ବିବାଦରୁ ଉର୍ଦ୍ଧ୍ୱକୁ ଉଠିବା । ହଁ, ତୁଳସୀଦାସଙ୍କ 'ସିୟାବର ରାମଚନ୍ଦ୍ର'କୁ ଏକ ପକ୍ଷପାତମୂଳକ ରାଜନୀତିର ହତିଆର ଭାବରେ ଗ୍ରହଣ କରାଯାଇଛି । ତଥାପି ଏହା ସେହି ଆତ୍ମା ବା 'ଭାବ'କୁ ବଦଳାଇ ପାରିବ ନାହିଁ, ଯାହା ଗାନ୍ଧୀଙ୍କ ଶେଷନିଶ୍ୱାସରେ ଥିଲା ।

ଦ୍ୱିତୀୟ ଆହ୍ୱାନ ହେଉଛି ସେହି ଗଭୀର ଜୀବନ୍ତ ଅନୁଭୂତିକୁ ମନେ ପକାଇବା ଯାହା ଗାନ୍ଧୀ ଅନୁପ୍ରାଣିତ କରିଥିଲେ । ଏହି କାରଣରୁ ହିଁ ଲକ୍ଷ ଲୋକ ଗାନ୍ଧୀଙ୍କ 'ପାଇଲଟ୍‌ଙ୍କ ପାଇଁ ପ୍ରାର୍ଥନା କରିବା' କଥାରେ ଆଦୌ ଆଶ୍ଚର୍ଯ୍ୟ ହୋଇନଥାନ୍ତେ । ଏହି ସେହି ଲକ୍ଷ ଲକ୍ଷ ଲୋକ ଥିଲେ ଯେଉଁମାନେ ସେହି ରାତିରେ ଖାଇନଥିଲେ– କାରଣ ଗଭୀର ବ୍ୟକ୍ତିଗତ କ୍ଷତି ସମୟରେ ଏମିତି ହିଁ ହୋଇଥାଏ । ଏହି ଘଟଣାର ସବୁଠାରୁ ମର୍ମସ୍ପର୍ଶୀ ଅଭିବ୍ୟକ୍ତି ମଧ୍ୟରୁ ଗୋଟିଏ ଆମେରିକୀୟ ସାମ୍ବାଦିକ ଭିନ୍ସେଣ୍ଟ ଶିଆନଙ୍କ ଦ୍ୱାରା ଲିପିବଦ୍ଧ ହୋଇଥିଲା । ସେ ସେହି ଟ୍ରେନ୍‌ରେ ଯାତ୍ରା କରିଥିଲେ ଯେଉଁଥିରେ ଗାନ୍ଧୀଜୀଙ୍କ ଭସ୍ମକୁ ସଙ୍ଗମରେ ବିସର୍ଜନ ପାଇଁ ଆଲ୍ଲାହାବାଦ ନିଆଯାଉଥିଲା । ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ପ୍ରତିଟି ଷ୍ଟେସନରେ ଭିଡ଼ ଜମିବା କୌଣସି ଆଶ୍ଚର୍ଯ୍ୟର କଥା ନଥିଲା । କିନ୍ତୁ ଯେଉଁ କଥା ଶିଆନଙ୍କୁ ଆଶ୍ଚର୍ଯ୍ୟ କରିଥିଲା, ତାହା ହେଉଛି ଷ୍ଟେସନଗୁଡ଼ିକ ମଧ୍ୟରେ ଥିବା ଖାଲି ସ୍ଥାନରେ ମଧ୍ୟ ଲୋକମାନେ ରେଳ ଧାରଣା କଡ଼ରେ ହାତ ଯୋଡ଼ି ପ୍ରାର୍ଥନା ସହ ଅପେକ୍ଷା କରିଥିଲେ ।

ଆଜି ଆମେ କରିପାରୁଥିବା ସବୁଠାରୁ ସହଜ ଏବଂ ପରାଜୟବାଦୀ କାମ ହେଉଛି ଏହି ସବୁକୁ ଅନ୍ୟ ଏକ ସମୟର ମୁହୂର୍ତ୍ତ ଭାବରେ ଦେଖିବା । ଏଥିରେ ନତି ସ୍ୱୀକାର କରିବା ଆତ୍ମଘାତୀ ହେବ ।

ଶିଆନ ଲିପିବଦ୍ଧ କରିଥିଲେ ଯେ 'ଯେତେବେଳେ ଗାନ୍ଧୀଜୀଙ୍କ ଭସ୍ମ ନେଇ ଯାଉଥିବା ଶୋଭାଯାତ୍ରା ଷ୍ଟେସନରୁ ସଙ୍ଗମ ଆଡକୁ ଯାଉଥିଲା, ଏହା ଏକ ଚର୍ଚ୍ଚ ଦେଇ ଗତି କରିଥିଲା । ସେଥିରୁ ଗାନ୍ଧୀଜୀଙ୍କ ପ୍ରିୟ ଭଜନ 'ଲିଡ୍, କାଇଣ୍ଡଲି ଲାଇଟ୍ (Lead, Kindly Light)'ର ସ୍ୱର ଭାସି ଆସୁଥିଲା । ପାଇଲଟଙ୍କ ପାଇଁ ପ୍ରାର୍ଥନା କରିବାକୁ ଆମେ ଯଥେଷ୍ଟ ବିକଶିତ ହୋଇଥାଉ ବା ନଥାଉ, ଆମ ଭିତରୁ ପ୍ରତ୍ୟେକ ବ୍ୟକ୍ତି ସେହି 'କରୁଣାମୟ ଆଲୋକ (Kindly Light)' ଦ୍ୱାରା ପରିଚାଳିତ ହେବା ପାଇଁ ଚେଷ୍ଟା କରିପାରିବା । (Lead, Kindly Light)ର ସ୍ୱର ଭାସି ଆସୁଥିଲା ।

ପାଇଲଟଙ୍କ ପାଇଁ ପ୍ରାର୍ଥନା କରିବାକୁ ଆମେ ଯଥେଷ୍ଟ ଯୋଗ୍ୟ ହୋଇଥାଉ ବା ନଥାଉ, ଆମ ଭିତରୁ ପ୍ରତ୍ୟେକ ବ୍ୟକ୍ତି ସେହି 'କରୁଣାମୟ ଆଲୋକ (Kindly Light)' ଦ୍ୱାରା ପରିଚାଳିତ ହେବା ପାଇଁ ଚେଷ୍ଟା କରିବା ଉଚିତ ।' (ତାଙ୍କ ଲେଖା ସମାପ୍ତ)

'ଚରଖା ଏବଂ ଲଙ୍କାସାୟର–ଏକ ଐତିହାସିକ ତୁଳନା': ମହାତ୍ମା ଗାନ୍ଧିଙ୍କ ଚରଖା ଏବଂ ବ୍ରିଟେନର ଲଙ୍କାସାୟର କପଡ଼ା କଳ ମଧ୍ୟରେ ତୁଳନା କେବଳ ଦୁଇଟି ଯନ୍ତ୍ରର ତୁଳନା ନୁହେଁ ବରଂ ଏହା ଦୁଇଟି ଭିନ୍ନ ବିଚାରଧାରା– ଗ୍ରାମୀଣ ଆତ୍ମନିର୍ଭରଶୀଳତା ବନାମ ସାମ୍ରାଜ୍ୟବାଦୀ ଶିଳ୍ପାୟନର ସଂଘର୍ଷ ଥିଲା ।

୧. ଚରଖା–କେବଳ ଏକ ଯନ୍ତ୍ର ନୁହେଁ: ଗାନ୍ଧିଜୀଙ୍କ ପାଇଁ ଚରଖା ଅହିଂସାର ଏକ ପ୍ରତୀକ ଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବ୍ରିଟିଶ ବସ୍ତ୍ରକୁ ବର୍ଜନ କରି ଭାରତକୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା । ଧନୀ–ଗରିବ, ଜାତି–ଧର୍ମ ନିର୍ବିଶେଷରେ ସମସ୍ତେ ଚରଖା ଚଳାଇବା ଦ୍ୱାରା ସମାଜରେ ଏକତା ସୃଷ୍ଟି ହୋଇଥିଲା ।

୧୯୩୧ ମସିହାରେ ଦ୍ୱିତୀୟ ଗୋଲଟେବୁଲ ବୈଠକ ପାଇଁ ଲଣ୍ଡନ ଯାଇଥିବା ସମୟରେ ଗାନ୍ଧିଜୀ ଲଙ୍କାସାୟରର ବସ୍ତ୍ର ଶିଳ୍ପାଞ୍ଚଳ ପରିଦର୍ଶନ କରିଥିଲେ । ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା ।

ପରିଦର୍ଶନର ମୁଖ୍ୟ ଦିଗ – ଗାନ୍ଧିଜୀଙ୍କ 'ବିଦେଶୀ ବସ୍ତ୍ର ବର୍ଜନ' ଆନ୍ଦୋଳନ ଯୋଗୁଁ ଲଙ୍କାସାୟରର ଅନେକ କଳକାରଖାନା ବନ୍ଦ ହୋଇଯାଇଥିଲା ଏବଂ ସେଠାକାର ଶ୍ରମିକମାନେ ବେକାର ହୋଇପଡ଼ିଥିଲେ । ବ୍ରିଟିଶ ସରକାର ଭାବିଥିଲେ ଯେ ଶ୍ରମିକମାନେ ଗାନ୍ଧିଜୀଙ୍କୁ ବିରୋଧ କରିବେ । କିନ୍ତୁ ଆଶ୍ଚର୍ଯ୍ୟର କଥା, ସେଠାକାର ଗରିବ ଶ୍ରମିକମାନେ ଗାନ୍ଧିଜୀଙ୍କୁ ବହୁତ ଶ୍ରଦ୍ଧାର ସହ ସ୍ୱାଗତ କରିଥିଲେ ।

ସେଠାକାର ଶ୍ରମିକଙ୍କ ଦୁଃଖ ଦେଖି ଗାନ୍ଧିଜୀ କହିଥିଲେ, 'ଆପଣମାନଙ୍କ ଦେଶରେ ୩୦ ଲକ୍ଷ ଲୋକ ବେକାର ଅଛନ୍ତି, କିନ୍ତୁ ମୋ ଦେଶରେ (ଭାରତରେ) ୩୦ କୋଟି ଲୋକ ବର୍ଷକୁ ୬ ମାସ ପାଇଁ ବେକାର ରହନ୍ତି । ଆପଣଙ୍କ ଦରିଦ୍ରତା ଆମ ଦରିଦ୍ରତା ତୁଳନାରେ କିଛି ନୁହେଁ ।

ସେ କହିଥିଲେ, ଆପଣମାନେ ହୁଏତ ଅଭାବରେ ଅଛନ୍ତି, କିନ୍ତୁ ଭାରତର କୋଟି କୋଟି ଲୋକ ଅନାହାରରେ ମରୁଛନ୍ତି । ମୁଁ ଆପଣଙ୍କୁ ଆଘାତ ଦେବାକୁ ଚାହୁଁନାହିଁ, କିନ୍ତୁ ମୋ ଦେଶର ଲୋକଙ୍କୁ ବଞ୍ଚାଇବା ମୋର ପ୍ରଥମ କର୍ତ୍ତବ୍ୟ ।'

ଗାନ୍ଧିଜୀଙ୍କ ପାଇଁ ଚରଖା କେବଳ ଏକ କାଠର ଯନ୍ତ୍ର ନଥିଲା, ଏହା ଥିଲା ଆର୍ଥିକ ସ୍ୱାଧୀନତାର ଏକ ଶକ୍ତିଶାଳୀ ଅସ୍ତ୍ର, ଆତ୍ମନିର୍ଭରଶୀଳତାର ମୂଳମନ୍ତ୍ର ।

ଭାରତର କଞ୍ଚା କପା ବ୍ରିଟେନକୁ ଯାଉଥିଲା ଏବଂ ସେଠାରୁ ମେସିନରେ ତିଆରି କପଡ଼ା ଭାରତକୁ ଆସୁଥିଲା । ଏହି ଚକ୍ରକୁ ଭାଙ୍ଗିବା ପାଇଁ ଗାନ୍ଧିଜୀ ଚରଖାକୁ ଆପଣେଇଥିଲେ । ଏହା ଅହିଂସା, ଶୋଷଣମୁକ୍ତ ଅର୍ଥନୀତିର ପ୍ରତୀକ ଥିଲା । ଯେଉଁଠାରେ ମେସିନ୍ ମଣିଷକୁ ଗୋଲାମ କରେ, ସେଠାରେ ଚରଖା ମଣିଷକୁ ସ୍ୱାଧୀନ କରେ ।

୨. ଲଙ୍କାସାୟର ପରିଦର୍ଶନ (The Visit to Lancashire, 1931) ୧୯୩୧ ମସିହାରେ ଯେତେବେଳେ ଗାନ୍ଧିଜୀ ଲଣ୍ଡନ ଗଲେ, ସେଠାକାର ଶିଳ୍ପପତିମାନେ ଭାବିଲେ ଯେ ଯଦି ଗାନ୍ଧିଜୀ ବ୍ରିଟିଶ ଶ୍ରମିକଙ୍କ ଦୁଃଖ ଦେଖିବେ, ତେବେ ସେ ହୁଏତ 'ସ୍ୱଦେଶୀ ଆନ୍ଦୋଳନ' ବନ୍ଦ କରିଦେବେ ।

ଶ୍ରମିକଙ୍କ ପ୍ରତି ସମବେଦନା: ଗାନ୍ଧିଜୀ ଲଙ୍କାସାୟରର ଶ୍ରମିକ ବସ୍ତିକୁ ଯାଇଥିଲେ । ବ୍ରିଟିଶ ଶ୍ରମିକମାନେ ଦରିଦ୍ର ଥିଲେ, କିନ୍ତୁ ଗାନ୍ଧିଜୀ ସେମାନଙ୍କୁ ବୁଝାଇଥିଲେ ଯେ ଭାରତର ଚାଷୀମାନଙ୍କ ଅବସ୍ଥା ତାଙ୍କଠାରୁ ଶହେ ଗୁଣ ଖରାପ । ସେ କହିଥିଲେ, 'ଆପଣମାନେ ହୁଏତ ଅଭାବରେ ଅଛନ୍ତି, କିନ୍ତୁ ଭାରତର କୋଟି କୋଟି ଲୋକ ଅନାହାରରେ ମରୁଛନ୍ତି । ମୁଁ ଆପଣଙ୍କୁ ଆଘାତ ଦେବାକୁ ଚାହୁଁନାହିଁ, କିନ୍ତୁ ମୋ ଦେଶର ଲୋକଙ୍କୁ ବଞ୍ଚାଇବା ମୋର ପ୍ରଥମ କର୍ତ୍ତବ୍ୟ ।' ଲଙ୍କାସାୟରର ଶ୍ରମିକମାନେ ମଧ୍ୟ ଏହା ବୁଝିପାରିଥିଲେ, ସେଥିପାଇଁ ସେମାନେ ନିଜର ଆର୍ଥିକ କ୍ଷତି ସତ୍ତ୍ୱେ ଗାନ୍ଧିଜୀଙ୍କର 'ଜୟ ଜୟକାରକରିଥିଲେ ।

ଯେଉଁ ମହାନ ବୈଜ୍ଞାନିକ ଆଇନଷ୍ଟାଇନ ଗାନ୍ଧିଜୀଙ୍କ ବାବଦରେ କହିଥିଲେ ଯେ 'ହୁଏତ ଭବିଷ୍ୟତର ପିଢ଼ି (ଲୋକେ) ବିଶ୍ୱାସ କରିବେ ନାହିଁ ଯେ କେବେ ଧରାପୃଷ୍ଠରେ ଗାନ୍ଧିଜୀଙ୍କ ଭଳି କେହିଜଣେ ବ୍ୟକ୍ତି ବିଚରଣ କରିଥିଲେ', ସେହି ଆଇନଷ୍ଟାଇନ ମହାଶୟ ଯୁଦ୍ଧ ବାବଦରେ କହିଥିଲେ 'ତୃତୀୟ ବିଶ୍ୱଯୁଦ୍ଧ କେଉଁ ଅସ୍ତ୍ରଶସ୍ତ୍ରରେ ଲଢ଼ାଯିବ, ତାହା ମୁଁ (ଆଇନଷ୍ଟାଇନ)କହିପାରିବି ନାହିଁ, କିନ୍ତୁ ଯଦି ଏହା ହୁଏ, ତେବେ ଚତୁର୍ଥ ବିଶ୍ୱଯୁଦ୍ଧ ଯେ ଟେକା ପଥରରେ ଲଢ଼ାଯିବ, ସେ ବାବଦରେ ମୁଁ (ଆଇନଷ୍ଟାଇନ) ନିଶ୍ଚିତ', ଅର୍ଥାତ 'ତୃତୀୟ ବିଶ୍ୱଯୁଦ୍ଧହେଲେ ତାହା ଆମ ସଭ୍ୟତାକୁ ପ୍ରସ୍ତରଯୁଗକୁ ନେଇଯିବ' । ବର୍ତ୍ତମାନର ପୃଥିବୀ ଯେଉଁ 'ଯୁଦ୍ଧର ଘୋର ଘନଘଟାର' ସମ୍ମୁଖୀନ, ଗାନ୍ଧିଜୀଙ୍କ ଅବର୍ତ୍ତମାନରେ ମାନବ ସମାଜର ସୁରକ୍ଷା ପାଇଁ ଆଉ କେହି ଅଛନ୍ତି କି? ଗାନ୍ଧୀଙ୍କ କୁତ୍ସାରଟନାକାରୀମାନଙ୍କ ପାଖରେ ଏହାର ଉତ୍ତର ଅଛି କି?

ମୋ. ୮୮୯୫୮୫୭୩୧୮

# ସଶକ୍ତ ହେବୁଟୁ କେତେଦିନେ?

■ଡ. ମନୋଜ କୁମାର ମହାନ୍ତି■

ଊଣେଇଶ ଶହ ଅଣଚାଶରୁ ଦୁଇ ହଜାର ଛବିଶ । ପ୍ରାୟ ସତସ୍ତରୀ ବର୍ଷ ଅତିକ୍ରାନ୍ତ ହୋଇସାରିଛି ଏ ଭାରତର ଗଣତନ୍ତ୍ରକୁ । ରାଜତନ୍ତ୍ରରୁ ପରାଧିନ କମ୍ପାନୀ ଶାସନ ଓ ଶେଷରେ ଗଣତନ୍ତ୍ର ବ୍ୟବସ୍ଥା । କିଛିଗୋଷ୍ଠୀ ଗଣତନ୍ତ୍ର ବ୍ୟବସ୍ଥାରେ ବେଶ୍ ଆତ୍ମସନ୍ତୋଷ ଅନୁଭବ କରୁଛନ୍ତି, କିନ୍ତୁ କିଛି ଏବେବି ନିଜ ନାର୍ଯ୍ୟଦାବି ଅପେକ୍ଷାରେ । ଆମ୍ବେଦକରଙ୍କ ହାତତିଆରି ସମ୍ବିଧାନ ଓ ତା'ର ଭବିଷ୍ୟତକୁ ସାଧାରଣଜନତାଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିବା ଶାସନ ବ୍ୟବସ୍ଥାକୁ ଆଜି ଯେଉଁରୂପରେ ଉପସ୍ଥାପନ କରାଯାଉଛି ତାହା ଏବେବି କିଛି ଗୋଷ୍ଠୀଙ୍କ ପାଇଁ ଅଭିମାନ, ଅହଙ୍କାର ତଥା ସ୍ୱେଚ୍ଛାଚାରିତା ପାଲଟି ଯାଇଥିବାବେଳେ ଅନ୍ୟ ଗୋଷ୍ଠୀଙ୍କ ପାଇଁ ସନ୍ଦେହ ସହ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସନ୍ଦେହ ସୃଷ୍ଟି ସହ ପ୍ରଶ୍ନବାଚୀ ଏକ ସ୍ୱାଭାବିକ ବିଷୟ । ସମ୍ବିଧାନ ଭଳି ଏକ ପବିତ୍ର ମନ୍ଦିରର ନୀତି ନୈତିକତାକୁ କିଛି ସ୍ୱାର୍ଥବାଦୀଗୋଷ୍ଠୀ ଦୀର୍ଘଦିନରୁ ତାର ଦୁରୋପଯୋଗ କରିଚାଲିଛନ୍ତି । ନିଜକୁ ଦଳିତ ଅବହେଳିତ ଘୃଣିତ, ନିଷ୍ପେସିତ, ନିର୍ଯାତିତ ସହ ଆହୁରି କେତେ କ'ଣ ଭାବପ୍ରବଣତାର ଶବ୍ଦକୁ ହତିଆର କରି ଏ ଦେଶରେ କେତେ କଣ କରୁଛନ୍ତି ତା'ର ହିସାବ ଆମ ପାଖରେ ନାହିଁ । ଅଧିକାଂଶ କ୍ଷେତ୍ରରେ ଅଧିକାରର ହେଉଛି ଦୁରୁପୋଯୋଗ । କେବଳ ସମ୍ବିଧାନିକ ମୌଳିକ ଅଧିକାରର ସମାନତାକୁ ନେଇ ଚାଲିଛି ଦଳୀୟ ରାଜନୀତି । ସ୍ୱାଧୀନତା ପାଇଁ ଲଢ଼େଇ କରିଥିବା ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟଥିଲା ଦେଶର ସ୍ୱତନ୍ତ୍ରତା ସହ ବ୍ୟକ୍ତିର ସ୍ୱାଧୀନତା ଓ ଅଧିକାର । ଜାତି, ବର୍ଣ୍ଣ ଓ ଲିଙ୍ଗଗତ ବୈଶମ୍ୟତାର ଉର୍ଦ୍ଧ୍ୱରେ ଦେଶର ଶାସନ ବ୍ୟବସ୍ଥା । ଦୀର୍ଘଦିନ ଧରି ଉପେକ୍ଷିତ ଅଛୁଆଁ–ଦଳିତ–ଅବହେଳିତ ଗୋଷ୍ଠୀଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ମୌଳିକ ଅଧିକାର ସହ ଦେଶର ଗଣତନ୍ତ୍ରରେ ପ୍ରତିନିଧି ଓ ଅନ୍ୟାନ୍ୟ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାକୁ ଭାରତୀୟ ସମ୍ବିଧାନରେ ପ୍ରଣୟନ ଥିଲା ଆମ୍ବେଦକରଙ୍କ ପ୍ରାଥମିକ ବିଚାରଧାରା ।

ବିଶ୍ୱ ଇତିହାସରେ ସବୁକ୍ଷେତ୍ରରେ ଜାତି–ବର୍ଣ୍ଣ–ଧର୍ମ ଓ ଲିଙ୍ଗ ଆଧାରରେ ପରିଚାଳିତ ହେଉଛି ଶାସନତନ୍ତ୍ର । ଦଳିତଗୋଷ୍ଠୀର ପୃଷ୍ଠପୋଷକଭାବେ ଆମ୍ବେଦକର ନିଜର ବିଚାରଧାରାକୁ ଚରିତାର୍ଥ କରିବା ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ପ୍ରତିଟି ଉଚ୍ଚସ୍ଥାନରେ ଅଧିଷ୍ଠିତ ତଥା ଦାୟିତ୍ୱ ତୁଲାଉଥିବା ବ୍ୟକ୍ତି ନିଜ ପାରିପାର୍ଶ୍ୱିକ ଅଞ୍ଚଳରେ ଅବସ୍ଥାପିତ ନିଜ ବର୍ଣ୍ଣ ଓ ଧର୍ମର ଲୋକମାନଙ୍କର ସାମାଜିକ ପରିଚୟ ସୃଷ୍ଟି କରିବା ପ୍ରତ୍ୟେକ ନେତୃତ୍ୱର ଏକ ମାନସିକ ଅବସ୍ଥା । ଜାତିଗତ ତଥା ଧର୍ମଗତ ଦୃଷ୍ଟିକୋଣରୁ ପ୍ରତ୍ୟେକ ବ୍ୟକ୍ତିର ଏକ ମାନସିକ ସ୍ୱଭାବ ନିଜ ଧର୍ମ ଓ ଜାତି ସମୁଦାୟର ଉତ୍ଥାନ । ବର୍ଣ୍ଣ ଓ ଧର୍ମର ସାମାଜିକ ବ୍ୟବସ୍ଥା ପଛରେ ମୁଖ୍ୟ କାରଣ ହେଉଛି ଅନ୍ୟକୁ ନିୟନ୍ତ୍ରଣ ଓ ଦମନ କରିବା । ବିଗତଦିନରୁ ଆଜି ପର୍ଯ୍ୟନ୍ତ ଅଧିକାଂଶ ଲଢ଼େଇ ସମାଜର ବର୍ଣ୍ଣ ଓ ଧର୍ମ ବ୍ୟବସ୍ଥାପାଇଁ । ଖଣ୍ଡବିଖଣ୍ଡିତ ଭାରତ ତଥା ବିଶ୍ୱ ପ୍ରଚ୍ଛଦ ପଟରେ ଧାର୍ମିକ ଏବଂ ବର୍ଣ୍ଣଗତ ବିଭାଜନ । ବାରଭାଇଙ୍କ ବାର ଆଖଡ଼ାରୁ ବେଳେ ବେଳେ ଅନୁଭବ ହୁଏ ଏ ଦେଶର ମୁରବୀ କିଏ? ଏ ବିଶ୍ୱର ମୁରିବୀ କିଏ? ବିଶ୍ୱର କୋଣ ଅନୁକୋଣରେ ସମସ୍ତ ଦ୍ୱନ୍ଦ୍ୱ, ହିଂସା, ଆକ୍ରମଣ ଓ ପ୍ରତିଆକ୍ରମଣ ସହ ଜ୍ଞାତହେବା ସମ୍ଭବ ନୁହେଁ । କିନ୍ତୁ ଭାରତ ଭଳି ଦେଶରେ ଆନ୍ତରିକ ଦ୍ୱନ୍ଦ୍ୱ, ଲଢ଼େଇ, ହିଂସା, ପ୍ରତିବାଦ ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି । ଗୋଟେପଟେ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ନାରୀଗୋଷ୍ଠୀକୁ ସୁବିଧାସୁଯୋଗ ଯୋଗାଇ ରାଜନୀତିକୁ ଆଗେଇବା ସହ ଶାସନରେ ଅଧିଷ୍ଠିତ ହେବା ମୋହରେ ଶାସକ ଦଳ ଅନ୍ଧ, ଅନ୍ୟପଟେ ସାଧାରଣ ବର୍ଗର ଅଧିକାରକୁ ଧୀରେଧୀରେ ସଙ୍କୁଚିତ କରାଯାଉଛି । ଆମ୍ବେଦକରଙ୍କ ଦଶବର୍ଷର ସଂରକ୍ଷଣକୁ ରାଜନୈତିକ ଦଳ ଦଶନ୍ଧି ପରେ ଦଶନ୍ଧି ଭୋଟ ହାତେଇବାର ଏକ ଅମୋଘ ଅସ୍ତ୍ର ରୂପେ ବ୍ୟବହାର କରିଚାଲିଛନ୍ତି । ବିଚାରା ସାଧାରଣ ବର୍ଗର ଲୋକଟିର ଭୁଲ୍ କ'ଣ? ସ୍ୱାଧୀନ ଭାରତରେ ତା' କଥା କିଏ ପଚାରୁଛି ନା ବୁଝୁଛି । ସମସ୍ତ ଯୋଗ୍ୟତା ଥାଇ ସାଧାରଣ ବର୍ଗର ଛାତ୍ରଟି ସଂରକ୍ଷଣ ରୋଗରେ ଆକ୍ରାନ୍ତ ହୋଇ ସେ ବିଜାତୀୟ ସ୍ରୋତରେ ସାମିଲ ହୋଇପାରୁନି । ଏହା ଏ ଦେଶର ଗଣତନ୍ତ୍ରର ଦୁର୍ଭାଗ୍ୟ ନା ବିଡମ୍ବନା? ଜଣକୁ ଶକ୍ତରୁ ଅଧିକ ଶସକ୍ତ କରିବାର ପ୍ରୟାସ ଓ ଅନ୍ୟକୁ ଦୁର୍ବଳରୁ ଅଧିକ ଦୁର୍ବଳ ଏହା କେଉଁ ସମ୍ବିଧାନର ନିୟମ? କେଉଁ ସ୍ୱତନ୍ତ୍ରତା ଓ ମୌଳିକ ଅଧିକାର ? ଏଭଳି ମାନସିକତାରୁ ନେତାମନ୍ତ୍ରୀ କେବେ ନିବୃତ୍ତ ରହିବେ? ଗଣତନ୍ତ୍ରରେ କାହିଁକି ଏତେ ପକ୍ଷପାତିତା? କିଛି ଗୋଷ୍ଠୀଙ୍କୁ ଯୋଗ୍ୟ କରିବା ଲକ୍ଷ୍ୟରେ ଅନ୍ୟ ଏକ ଗୋଷ୍ଠୀକୁ ଅଯୋଗ୍ୟ ଓ ଅଲୋଡ଼ା ଏହା କେଉଁ ନ୍ୟାୟରେ ଅନ୍ତର୍ଭୁକ୍ତ? ଗୋଟେପଟେ ନାରୀକୁ ନାରାୟଣୀ, ଦୁର୍ଗତୀନାସିନୀ କହି ସକଳ ଶକ୍ତିର ଆଧାର କରି ନାରୀଜାତିର ମହିମାମଣ୍ଡନ ପୁଣି ନାରୀଟିକୁ ନ୍ୟାୟଦେବା ଉଦ୍ଦେଶ୍ୟରେ ମହିଳା ସଶକ୍ତିକରଣ ସହ ମହିଳା କମିଶନ ଗଠନ । ବେଳେବେଳେ ନାରୀ ସୁରକ୍ଷା ଓ ଥଇଥାନ ଏକ ହାସ୍ୟାସ୍ପଦ କଥାଭଳି ଲାଗେ । ନିକଟରେ ବିଶ୍ୱବିଦ୍ୟାଳୟ ଅନୁଦାନ ଦ୍ୱାରା ଶିକ୍ଷାକ୍ଷେତ୍ରରେ ନିର୍ଯାତିତ ହେଉଥିବା ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗର କର୍ମରତ ବ୍ୟକ୍ତିମାନେ ଭେଦଭାବର ମାନସିକ ଯନ୍ତ୍ରଣାର ଉପଶମ ପାଇଁ ସଦନରେ ଏକ ବିଲ୍ ପାସ୍ ନିଶ୍ଚିତ ରୂପେ ଏକ ନୂଆ ରାଜନୈତିକ ପଶାଗୋଟି । ଏ ଦେଶରେ ଉନ୍ନୟନମୂଳକ ତଥା ସଂରକ୍ଷଣ ବ୍ୟବସ୍ଥା କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ମଧ୍ୟରେ ସୀମିତ ହେବାପଛରେ ଭୋଟ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତ ଭଳି ଦେଶରେ ଜାତିଗତ ସମୀକରଣରେ ଶାସକଗୋଷ୍ଠୀ ସର୍ବଦା ଚେଷ୍ଟିତ । ମାତ୍ରାଧିକ ଭୋଟ ହାତେଇବା ଗଣିତରେ ଜାତିଗତ ସମୀକରଣର ଏକ ଦୀର୍ଘସ୍ଥାୟୀ ବ୍ୟବସ୍ଥା । ବ୍ୟକ୍ତିର ସ୍ୱାଧୀନତା, ଅଧିକାର, ସମାନତା ଓ ନ୍ୟାୟ ଜାତି ଆଧାରରେ ନିର୍ଦ୍ଧାରିତ ଏହା ବିଗତଦିନରୁ ସ୍ପଷ୍ଟ । ଯଦି ସଂଖ୍ୟାଗତ ଜାତି ଆଧାରରେ ସଂରକ୍ଷଣକୁ ପ୍ରୋତ୍ସାହନ ସହ ଥଇଥାନ କରାଯାଏ ତେବେ ଏ ରାତିଆଉ ପାହିବନି କାରଣ ଥରେ ମୁହଁରେ ମହୁବେସର ସ୍ୱାଦ ଲାଗିଲେ ତାହା ଏତେ ସହଜରେ ଦୂରେଇ ହେବନି । ସଶକ୍ତି କାହାକୁ କରିବା ଦୁର୍ବଳକୁ ନା ସବଳକୁ । ସଂରକ୍ଷଣ ଆଧାରରେ ଭିନ୍ନଭିନ୍ନ କ୍ଷେତ୍ରରେ ନିଯୁକ୍ତ ବ୍ୟକ୍ତିଟି ଏବେ ଦୁର୍ବଳ ନା ସବଳ? ନିଶ୍ଚିତଭାବେ ସବଳ ଏଥିରେ ଦ୍ୱିମତ ନାହିଁ । ଯେଉଁ ଦୁର୍ବଳତାର ପ୍ରତିକାରପାଇଁ ସଂରକ୍ଷଣ, ତାର କ'ଣ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁକି? ସାମାଜିକ ଓ ଆର୍ଥିକ ସଶକ୍ତସତ୍ତ୍ୱେ ପୁନଶ୍ଚ ନିଜକୁ ଦୁର୍ବଳ ଅନୁଭବ କରିବା ନିହାତି ହାସ୍ୟାସ୍ପଦ । କାହାକୁ କହିବା କିଏ ଶୁଣିବ? ଶୁଣିବା ଲୋକଟି ଶୁଣି ମଧ୍ୟ ନଶୁଣିଲା ପରି । ଖଣ୍ଡେ ଭୋଟ ଓ ଗଦୀ ମାଡ଼ିବସି ରାଜୁତି କରୁଥିବା ଲୋକଗୁଡ଼ାକ ପାଇଁ ସଂରକ୍ଷଣ ଏକ ପ୍ରମୁଖ ଅସ୍ତ୍ର ଯାହାର କୌଣସି ବିକଳ୍ପ ନାହିଁ । ସଶକ୍ତ ନାମରେ ରାଜନୀତି କରିକରି ନେତାମନ୍ତ୍ରୀଗୁଡ଼ାକ ଅଧିକ ସଶକ୍ତ ହୋଇଗଲେଣି କିନ୍ତୁ ସଶକ୍ତ ଉହାଡରେ ସାଧାରଣବର୍ଗଙ୍କୁ ଅବହେଳିତ ଓ ଦୁର୍ବଳ କରୁନାହାନ୍ତି ତ?

ମୋ. ୮୮୯୫୩୪୧୦୩୩

# ବିଜୟ ଭୂମିରେ ଅଧିକ ସମୟ ରହିବା ଠିକ ନୁହେଁ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏହା ଥରେ ନୁହେଁ ଅନେକ ଥର ପରୀକ୍ଷା ହେଲା ପରେ ଏହାକୁ ଜ୍ଞାନୀଗୁଣୀମାନେ କହିଛନ୍ତି । ଯେଉଁ ସ୍ଥଳରେ ହେଉ ମାମଲା ହେଉ, ଯୁଦ୍ଧ ହେଉ, ରାଜ ହେଉ ଏହା ଏକାପରି ସ୍ଥିତି ମୁକୁଟ, ପଦର ଲୋଭ ସମସ୍ତଙ୍କର ଆସେ, ଯଦି ପାଇଗଲେ ଆସେ ପରବର୍ତ୍ତୀ ଲୋଭ ଅଧିକ ଦିନ କେମିତି ସେହି ଆସନରେ କିପରି ରହିବାକୁ ହେବ । ଏପାଇଁ ଖଳବୁଦ୍ଧିମାନ ମନକୁ ଆସେ । ପ୍ରଥମ ପଦବୀକୁ ଆସିଲାବେଳେ ଯେ ଶାସନରେ ଥିଲେ ତାଙ୍କର ଛିଦ୍ର ସବୁ ଲୋକଙ୍କ ଆଗରେ ବୟାନ କରି ଅନେକ ହୃଦୟ ଜିଣି ପାରି ଭୋଟ ପାଇ ଆସି ଯିବେ । ମାତ୍ର ଏମିତି ସମସ୍ୟାରେ ନିଜେ ବହୁଦିନ ରାଜ କଲେ ବା ପଦବୀରେ ରହିଲେ ନିଜେ ସେହିପରି ସ୍ଥିତିରେ ପଡ଼ିବେ । ବ୍ରହ୍ମା ସ୍ରଷ୍ଟା ଦେବତା ସେ ଧ୍ୱଂସର ଦେବତା ନୁହଁନ୍ତି, ଯେଉଁ ଶାସନ ଅଧିକାରୀ ଯାହା ଯୋଜନା କରି ସୃଷ୍ଟି କରିଥାନ୍ତି ତାକୁ ସେ ପୁଣି ନିଜେ ଧ୍ୱଂସ କଲେ ଜନ ମତ କେବେ ସେହି ଅଧିକାରୀଙ୍କ ସପକ୍ଷରେ ଯାଏ ନାହିଁ। ଓଲଟି ଲୋକେ ତାଙ୍କ ବିଦ୍ରୋହୀ ହୁଅନ୍ତି, ରାଜ୍ୟ ବା ଦେଶ ଦେବାଳିଆ ହତଲକ୍ଷ୍ମୀ ହୋଇଥାଏ। ଅର୍ଜିତ ସୁନାମ ଅଧିକ ଦିନ ପଦବୀରେ ରହିବା ଲୋକଙ୍କ ରହେନାହିଁ। ଏପରିକି ମହାପ୍ରତାପୀ ବି ବେଶିଦିନ କଦାପି ରହି ପାରିବେ ନାହିଁ। ପ୍ରତ୍ୟେକ ସ୍ତରରେ ଏହା ବ୍ୟବହାର ହୋଇ ଆସୁଛି ।

ମୋଗଲ ବାଦଶାହଙ୍କ ପ୍ରତାପ ରହିନାହିଁ। ବ୍ରିଟିଶ ରାଜ ଭାରତରେ ରହିନାହିଁ, ଦେଶ ସ୍ୱାଧୀନରେ ଯେଉଁ କଂଗ୍ରେସ ଏତେ ଲୋକ ଗ୍ରାହ୍ୟ ଥିଲା ତହିଁରୁ ଭିନ୍ନ ମତ ହୋଇ ହୋଇ ଜନତାଙ୍କ ଦୃଢ଼ ବିଶ୍ୱାସରୁ ଦୂରେଇ ଯାଉଛି। ଦେଶର କଂଗ୍ରେସର ରାଜ ନାହିଁ, ଜ୍ୟୋତିବସୁଙ୍କ କମ୍ୟୁନିଷ୍ଟ ପ୍ରଶାସନ ରାଜଲୋକପ୍ରିୟ କଂଗ୍ରେସ ପ୍ରଶାସନକୁ ଇତି କରି ଆସିଥିଲା କିନ୍ତୁ ତାହାକୁ ସେହି ରାଜ୍ୟ ଲୋକ ହଟାଇ ତୃଣମୂଳର ମା', ମାଟି, ମାନୁଷର ଆୱାଜ ଦେଉଥିବା ପ୍ରଶାସନକୁ ଆସୀନ କରିଥିଲେ। ପୁଣି କ'ଣ ହେଲା ଭିନ୍ନ ସ୍ୱର ଉଠୁଛି କାହିଁକି? ଅନେକ ସମୟରେ କୁଣିଆଁଙ୍କୁ କାନ୍ଥ ଭରା ଲାଗିବା ପରି ଗତାନୁଗତ ସ୍ଥିତିରେ ନୂଆ ଉପଗତମାନେ ରଙ୍ଗ ଦେଇ କଥାକୁ ଲୋକଙ୍କ ମନମୋହିବାକୁ ପୁରା ଚେଷ୍ଟାର ଦମ ଲଗାନ୍ତି ଲୋକଙ୍କର କର ପଇସା ସୀମିତରେ ଧୀରେ ଧୀରେ ପ୍ରଗତି ନକରି ବହୁ ମହାଜନ ଠାରୁ କରଜ ଆଣି ବାହାବା ଦେଖାଇବା କାମ କରିଚାଲିଲେ। ଯେଉଁ କରଜ ଧନ ସମୂଳ ସୁଧ ସହ ଫେରାଇବାକୁ ପଡ଼େ ଆଉ ତାର ଚୁକ୍ତି ସମୟ ଖିଲାପ ଇ–ମୁକାବିଲା କିଏ କରେ କ'ଣ କେତେ ଦଣ୍ଡ ଦେବାକୁ ପଡି ପରେ ଦଣ୍ଡ ଭୋଗ ହୋଇାପରେ। ଏ ହେଜ ପର ଧନ ଗୁଡ଼ମୁଆଁ ଚିନ୍ତନ ଆଉ ମୋଗଲ ତାମସା ପରି ଖର୍ଚ୍ଚ ଉପଭୋଗ କରିଯିବା ଦେଶ ରାଜ୍ୟ ଲୋକଙ୍କୁ ଅଥଳ ସମୁଦ୍ରକୁ ଠେଲି ଦେଇଯିବା ପରିସ୍ଥିତି କରିଦେବା ହେଉଛି। ଲୋକ କଥା ଅଛି ବଡ଼ ଶିଳ୍ପପତିଙ୍କ ପରିବାରରେ ଯଦି ନାରୀମାନେ ଗର୍ଭବତୀ ହେବା ଜଣାପଡ଼େ ତେବେ ଭ୍ରୂଣ ସାକାର ଅଭିବୃଦ୍ଧି ହୋଇ ସଂସାରକୁ ଆସିବାମାତ୍ରେ ତାର ନାମରେ ଏକ ଶିଳ୍ପ କାରଖାନା, ସେମିତି ଏ ଦେଶରେ ପିଲା ଜନ୍ମମାନେ ତା ମୁଣ୍ଡରେ ଋଣ ଭାର ବଢ଼ିବାରେ ଲାଗୁଛି, କୌଣସି ନେତା ଦେଶକୁ କିପରି ଋଣ ଆଉ ନକରି, ପୂର୍ବ ଋଣଙ୍କୁ ବାରମ୍ବାର ଶୋଧ କରି ଦେଶକୁ ଆଦାୟ ରାଜକରରେ କିପରି ସ୍ୱୟଂ କ୍ରିୟ କରାଯାଇପାରିବ ଏ ଭାବନା ଆସୁନାହିଁ। କନ୍ୟା ବିବାହରେ ଅଳଙ୍କାର ସୁନା, ଆବଶ୍ୟକ ବରଘର କନ୍ୟାକୁ, କନ୍ୟାଘର ବରକୁ ସକ୍ଷମ ଅନୁସାରେ ଅଳଙ୍କରଣ କରିବା ରହିଆସିଛି। ଏ ସମୟରେ ସୁନା ଯେଉଁ ମୂଲ୍ୟ ଏଥିରେ କେବଳ ଧନୀ ପରିବାର ପାଇଁ ବିବାହ ପାଇଁ ମନ ଦେବେ, କାହାରି ଆୟ ବିବର୍ଦ୍ଧନର ହାର ବଢୁନାହିଁ ହେଲେ ପ୍ରଶାସନରେ ରହିବା ଲୋକଙ୍କ ଦରମାର ଅଭିବୃଦ୍ଧି ହୋଇଚାଲିଛି, ଚୋରୀ ରାହାଯାନୀ ସାଇବର ଠକେଇ ଯେଉଁ ହାରରେ ବଢୁଛି ଏହା ଆଗକୁ ଆହୁରି ବଢ଼ିବା କି ଦରକାର ଅଛି ମନ୍ଦିର ମସଜିଦ ଅଧିକ ନିର୍ମାଣ କରିବା, ଦର୍ଶକ ବଣିକ ବଢୁଛନ୍ତି ନା ଭକ୍ତ ବଢୁଛନ୍ତତି? ହରିବୋଲ ହୁଳହୁଳିରେ ଉଛୁଳୁଛି କିନ୍ତୁ ଭୋଗ କାହିଁ? ସବୁବେଳେ ଅତିରୁ ଇତି ଆସେ ବର୍ତ୍ତମାନର ଜୀବନ ଧାରା ଇତି ଆଡ଼କୁ ଦୌଡୁଛିକି?

ମୋ. ୯୪୩୭୦୩୧୨୫୩




# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




# ଆସନ୍ତୁ ଦେଖିବେ ପକ୍ଷୀଙ୍କ ଦୁନିଆକୁ





ଏକ ଭଗବାନ ଆମକୁ ମଣିଷ କରି ଜନ୍ମ ଦେଇଛନ୍ତି । ଆମେ ସବୁ ପ୍ରାଣୀଙ୍କ ଉପରେ । ଏହି ଭାବନାରେ ଆମେ ଏତେ ଖୁସ୍ ଯେ, ଆମ ଆଖପାଖରେ ଥିବା ଛୋଟ ଛୋଟ ଜୀବଙ୍କ ବୁଦ୍ଧିମତାକୁ ଲକ୍ଷ୍ୟ କରିପାରୁନେ । ଆମ ଆଖପାଖରେ ଥିବା ସବୁ ଜୀବଜନ୍ତୁଙ୍କର ନିଜସ୍ୱ ଦୁନିଆ ତ ଅଛି । ହେଲେ ସବୁଠୁ ମଜାଦାର ଚଢ଼େଇ । ମଣିଷ ପରି ବୁଦ୍ଧିମତା ଅଛି, ଭଲପାଇବାରେ ବିଭୋରତା ଆଉ ବସ୍ତୁବାଦିଦା ବି ଅଛି ସେମାନଙ୍କ ପାଖରେ । ଆସନ୍ତୁ ଜାଣିବା ଚଢ଼େଇଙ୍କ ଦୁନିଆର କିଛି ଛୋଟ ଛୋଟ କଥା, ଯାହା ଆମେ ଦେଖୁ ହେଲେ ଅନୁଭବ କରିପାରେନୁ ।

ସନ୍ଧ୍ୟା ଆକାଶରେ ଉଡୁଥିବା ପକ୍ଷୀଙ୍କ ଲମ୍ବା ଧାଡ଼ି ଦେଖିଛନ୍ତି । ସତେ ଯେମିତି ସେମାନଙ୍କୁ ଗୋଟିଏ ଧାଡିରେ ଉଡ଼ିବାକୁ କିଏ ଆଦେଶ ଦେଇଛି । ଏହାକୁ ଦେଖି ସମସ୍ତେ ମୋହିତ ହୁଅନ୍ତି, ହେଲେ ଏହାପଛର କାରଣ ଜାଣିବାକୁ ଖୁବ୍ କମ୍ ଲୋକେ ଚେଷ୍ଟା କରନ୍ତି । ଏତେ ପକ୍ଷୀ କେମିତି ଗୋଟିଏ ଧାଡ଼ିରେ ଉଡ଼ନ୍ତି, ଏକାବେଳେ ଓହ୍ଲାନ୍ତି ଆଉ ଏକା ସାଙ୍ଗରେ ଉଡିବା ଆରମ୍ଭ କରନ୍ତି ! ଏହା କ'ଣ ସାମୂହିକ ନିଷ୍ପତ୍ତି ନା ସେମାନଙ୍କର କେହି ନେତା ଥାଆନ୍ତି ! ଏସବୁ ପ୍ରଶ୍ନର ଉତ୍ତର ପାଇବା ପାଇଁ ବୈଜ୍ଞାନିକମାନେ ଚେଷ୍ଟା କରୁଛନ୍ତି ।

କେବଳ ପକ୍ଷୀ କାହିଁକି, ମାଛ, ପିମ୍ପୁଡ଼ି, ମହୁମାଛି ଆଦି ସମସ୍ତେ ଗୋଟିଏ ଗୋଟିଏ ପ୍ରକାର ଧାଡ଼ିରେ ଚାଲନ୍ତି । ମନେହୁଏ ସେମାନେ କିଛି ବି କରିବା ପାଇଁ ହଠାତ୍ ନିଷ୍ପତ୍ତି ନିଅନ୍ତି, ଏହି ନିଷ୍ପତ୍ତି ପୁରା ସମୂହ ମାନି ନିଏ, କେହି ବିରୋଧ କରନ୍ତି ନାହିଁ । ବିନା ବିରୋଧରେ ଏ ପ୍ରକାରର ସାମୂହିକ ନିଷ୍ପତ୍ତି ମଣିଷ ପକ୍ଷରେ ସମ୍ଭବ ନୁହେଁ । ନ୍ୟୁ ଜର୍ଣ୍ଣାଲ ଅଫ୍ ଫିଜିକ୍ସରେ ଏ ସମ୍ପର୍କରେ ଏକ ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ଏଥିରେ ଏକ ମଡେଲ ଦ୍ୱାରା ବୁଝାଯାଇଥିଲା କେମିତି ପକ୍ଷୀଙ୍କର ପୂରା ଦଳ ବିଦ୍ୟୁତ୍ ଲାଇନ ଉପରେ ବସେ ।

ଅକ୍ସଫୋର୍ଡ ୟୁନିଭର୍ସିଟିର ଜିଓଲୋଜି ବିଭାଗର ବୈଜ୍ଞାନିକଙ୍କ ମତ-ଯେକୌଣସି ନିଷ୍ପତ୍ତିରେ ସବୁ ପକ୍ଷୀମାନଙ୍କ ସହମତି ଥାଏ । ଜଣାଯାଏ କିଛି ପକ୍ଷୀ ସମୂହର ନେତୃତ୍ୱ ନିଅନ୍ତି, ନେତାର ମୃତ୍ୟୁ ଘଟିଲେ, ଜଣେ ଯୁବ ପକ୍ଷୀ ତା'ର ସ୍ଥାନ ପୂରଣ କରେ ।



### ଘର ବାହୁଡ଼ାର ରହସ୍ୟ

ବିଦେଶାଗତ ପକ୍ଷୀମାନେ ପ୍ରାୟ ବର୍ଷେ ପରେ ନିଜ ପ୍ରକୃତ ସ୍ଥାନକୁ ଫେରନ୍ତି । ହେଲେ ସେମାନେ ବାଟ ଚିହ୍ନନ୍ତି କିପରି ? ଦୀର୍ଘ ଉଡାଣ ସମୟରେ ସେମାନେ ନିଜ ଘ୍ରାଣ ଶକ୍ତିର ଉପଯୋଗ କରନ୍ତି । ଏହି କାରଣରୁ ଶହ ଶହ ମାଇଲ ଦୂରରୁ ବି ସେମାନେ ଫେରି ଆସିପାରନ୍ତି ।



ବନ୍ୟଜୀବ ବିଶେଷଜ୍ଞ ଫୈୟାଦ୍ ଖୁଦ୍‌ସରଙ୍କ ଅନୁଯାୟୀ ପକ୍ଷୀଙ୍କ ଉଡାଣକୁ ନେଇ ଦୁଇଟି ମତ ଅଛି- (୧) ସେମାନେ ଚନ୍ଦ୍ର ଓ ତାରାଙ୍କ ସ୍ଥିତିକୁ ଅନୁସରଣ କରନ୍ତି । (୨) ପୃଥିବୀର ମ୍ୟାଗ୍ନେଟିକ ଫିଲ୍ଡ ମଧ୍ୟ ସେମାନଙ୍କୁ ରାସ୍ତା ଦେଖାଏ ।

ପକ୍ଷୀମାନେ ଯେତେବେଳେ କୌଣସି ସ୍ଥାନରେ ଓହ୍ଲାନ୍ତି ସେତେବେଳେ ପ୍ରଥମେ ଆଣ୍ଟିଅକ୍ସିଡାଣ୍ଟ ଯୁକ୍ତ ଫଳ ଖାଆନ୍ତି । ଏଥିରୁ ସେମାନଙ୍କୁ ପୁଣି ଥରେ ଉଡିବାକୁ ଶକ୍ତି ମିଳେ ଓ ରୋଗ କମ୍ ହୁଏ ।

### ଚମତ୍କାର ବୁଦ୍ଧିମତା

ପକ୍ଷୀମାନଙ୍କ ବୁଦ୍ଧିମତା ଅନେକ ସମୟରେ ସ୍ତନ୍ୟପାୟୀଙ୍କଠାରୁ ମଧ୍ୟ ଅଧିକ । ଆଫ୍ରିକାନ୍ ଗ୍ରେ ପ୍ୟାରୋଟ ଉପରେ କରାଯାଇଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି । ଏହି ଶୁଆ କେତେକ ଶବ୍ଦର ଅର୍ଥ ବୁଝିପାରନ୍ତି, କିଛି ଛୋଟ ବାକ୍ୟ ମଧ୍ୟ କହିପାରନ୍ତି । ସେମାନେ ଭିନ୍ନ ଭିନ୍ନ ରଙ୍ଗ ଓ ଜିନିଷ ମଧ୍ୟ ଚିହ୍ନିପାରନ୍ତି ଓ ମନେ ରଖି ପାରନ୍ତି । ସେମିତି କପୋତମାନେ ଦୀର୍ଘଦିନ ପର୍ଯ୍ୟନ୍ତ ଅନେକ ଛବିକୁ ମନେରଖି ପାରନ୍ତି । ସେମିତି ଅନେକ ଜଟିଳ କାମ ଓ ଭିନ୍ନ ଭିନ୍ନ ସ୍ଥିତିରେ ପ୍ରତିକ୍ରିୟା ଦେଖାଇବା ମଧ୍ୟ ଜାଣନ୍ତି । ସବୁ ପକ୍ଷୀ ନିଜ ସ୍ୱର, ଗୀତ ଓ ଅଙ୍ଗଭଙ୍ଗୀ ମାଧ୍ୟମରେ ସାଥୀମାନଙ୍କ ସହ ଯୋଗାଯୋଗ କରନ୍ତି । ବାରମ୍ବାର ଶିଖା ଯାଇଥିବା ଗୀତ ସାରାଜୀବନ ମନେ ରଖନ୍ତି । ଏଲିୟୋବୋରା କୋକ୍‌ଟୁ ଚଢ଼େଇ ଗୀତ ସ୍ୱରରେ ନାଚି ପାରେ ।

ଯମୁନା ବାୟୋଡ଼ାଭର୍ସିଟି ପାର୍କର ସାଇଣ୍ଟିଷ୍ଟ ଫୈଜଲ ମହମ୍ମଦଙ୍କ ଅନୁଯାୟୀ ଘରଚଟିଆ ଚଢ଼େଇ ସାଧାରଣତଃ ଶସ୍ୟ ଖାଏ ହେଲେ ନିଜ ଶାବକମାନଙ୍କୁ ପୋକ ଖୁଆଏ, ଯେମିତିକି ଅଧିକ ପ୍ରୋଟିନ ମିଳିପାରିବ ସେମାନଙ୍କୁ । ଏହା ମମତା ଓ ସନ୍ତାନ ପାଇଁ ଯତ୍ନକୁ ବୁଝାଏ ।

ସାମୂହିକ ନିଷ୍ପତ୍ତି ବ୍ୟତୀତ ପକ୍ଷୀମାନଙ୍କ ମଧ୍ୟରେ ସାମୂହିକ ସୁରକ୍ଷାର ଭାବନା ମଧ୍ୟ ଦେଖିବାକୁ ମିଳେ । ଅଧିକାଂଶ ପକ୍ଷୀ ଶତ୍ରୁଙ୍କୁ ଦେଖିଲେ ନିଜ ମୁହଁରୁ ଭିନ୍ନ ଧରଣର ଶବ୍ଦ କରନ୍ତି । ସେମାନେ ଚାରିଆଡ଼କୁ ଚାହିଁ ଶବ୍ଦ କରନ୍ତି ଯେମିତିକି ସବୁ ସାଥୀ ସଚେତ ହୋଇଯିବେ । ପୈବଲ୍‌ର ଓ ସେଭେନ୍ ସିଷ୍ଟରସ୍ ଚଢ଼େଇ ମାନଙ୍କଠାରେ ଗୋଷ୍ଠୀଗତ ସୁରକ୍ଷା ଭାବନା ଅଧିକ । ସେମାନେ ସବୁବେଳେ ଏକାଠି ଉଡ଼ନ୍ତି । ଖାଦ୍ୟ ଖୋଜିବା ବେଳେ ଦଳେ ଖାଦ୍ୟ ଖୋଜନ୍ତି । ଅନ୍ୟ ଦଳେ ଉପର ଡାଳରେ ବସି ଚାରିଆଡ଼କୁ ତୀକ୍ଷ୍ଣ ଦୃଷ୍ଟି ରଖନ୍ତି । ବିପଦରେ ଆଶଙ୍କା ଦେଖିଲେ ସାଥୀମାନଙ୍କୁ ଚେତାଇ ଦିଅନ୍ତି । ଦଳେ ପକ୍ଷୀ ଖାଇସାରିଲେ ଅନ୍ୟ ଦଳଙ୍କ ପକ୍ଷ ସ୍ଥାନକୁ ଓ ପୂର୍ବ ପକ୍ଷୀମାନେ ସେମାନଙ୍କ ସୁରକ୍ଷା ପ୍ରତିଦୃଷ୍ଟି ଦିଅନ୍ତି ।



### ସେମାନଙ୍କ ସଂସାର

ବାୟା ଚଢ଼େଇର ନାଁ ତ ଶୁଣିଥିବେ ଆପଣ । ଅଣ୍ଡିରା ବାୟା ପକ୍ଷୀ ବସା ବାନ୍ଧେ, ବସା ଅଧା ହୋଇଗଲେ ସେ ଡେଣା ମେଲାଇ ନାଚକରେ । କୌଣସି ମାଈ ପକ୍ଷୀ ତା' ଆଡ଼କୁ ଆକର୍ଷିତ ହେଲେ ସେ ସେଇ ଅଧା ତିଆରି ବସାକୁ ଆସେ ଓ ଦୁହେଁ ମିଶି ବସା ପୂରା କରନ୍ତି । ଯଦି ମାଈ ବାୟା ଚଢ଼େଇକୁ ଅଧା ତିଆରି ବସା ପସନ୍ଦ ନ ଆସେ ତା'ହେଲେ ସେ ସାଥୀ ଭାବରେ ପସନ୍ଦ କରେ ନି ଅଣ୍ଡିରା ଚଢ଼େଇକୁ । ତେଣୁ ଅଣ୍ଡିରା ଚଢ଼େଇକୁ ଗୋଟିଏ ଋତୁରେ ଆଠଦଶଟି ବସା ତିଆରି କରିବାକୁ ପଡ଼େ ।

ଚଢ଼େଇମାନଙ୍କ ମଧ୍ୟରେ ଦାମ୍ପତ୍ୟ ପ୍ରେମ ଓ ଯତ୍ନର ଉଦାହରଣ ମଧ୍ୟ ମିଳେ । କାଠହଣା ଏମିତି ଏକ ଚଢ଼େଇ । ମାଈ କାଠହଣା ଗଛ କୋରଡରେ ଅଣ୍ଡା ଦିଏ । ଅଣ୍ଡିରା ଚଢ଼େଇ ମାଟି ଦେଇ କୋରଡ଼ର ମୁହଁକୁ ବନ୍ଦ କରିଦିଏ, କେବଳ ମାଈ ଚଢ଼େଇର ଚଞ୍ଚୁଟି ବାହାରକୁ ଦେଖାଯାଏ । ସେଇପଟେ ଖାଇବାକୁ ଦିଏ ସେ । ଅଣ୍ଡା ଫୁଟି ଛୁଆ ବାହାରିଲେ ସେ ମାଟି ପରସ୍ତ କାଡିଦିଏ ।

### ସାଜସଜ୍ଜା

କେବଳ ମଣିଷ ନୁହଁନ୍ତି ପକ୍ଷୀମାନେ ନିଜ ସାଜସଜ୍ଜା ଉପରେ ବି ଗୁରୁତ୍ୱ ଦିଅନ୍ତି । ଏକଥା ବିଶ୍ୱାସ ନ ହେଲେ ମାଈ ଫ୍ଲେମିଙ୍ଗୋ ଚଢ଼େଇକୁ ଦେଖନ୍ତୁ । ନିଜକୁ ସୁନ୍ଦର ଦେଖାଇବା ପାଇଁ ଓ ସାଥୀକୁ ଆକର୍ଷିତ କରିବା ପାଇଁ ଶରୀରରୁ ବାହାରୁଥିବା ପ୍ରାକୃତିକ ରଙ୍ଗ କଣିକାକୁ ସେ ନିଜ ପରରେ ଲଗାଏ । ସନ୍ତାନ ଧାରଣ ଋତୁ ଆସିଲେ ସେମାନଙ୍କ ଦେହରେ ଲାଲ ଚିହ୍ନ ଦେଖାଯାଏ । ସାଥୀ ଆକର୍ଷିତ ହୁଏ ଏଥିରେ । ସେମିତି ଗାଈ ଉପରେ ବସୁଥିବା କ୍ୟାଟଲ ଇଗ୍ରେଟ୍ ଚଢ଼େଇ ସନ୍ତାନ ଧରଣ ଋତୁ ଆସିଲେ ଧଳାରୁ ସୁନେଲୀ ରଙ୍ଗ ହୋଇଯାଏ । ଅଣ୍ଡିରା କୋଇଲି ମାଈ କୋଇଲିକୁ ଆକର୍ଷିତ କରିବା ପାଇଁ ଗୀତ ଗାଏ ।

### ଆଉ କିଛି ବିଶେଷତ୍ୱ

ପକ୍ଷୀ ଉଡିବା ବେଳେ ଇଂରାଜୀ ଭି (V) ବା ଅନ୍ୟ ନିର୍ଦ୍ଦିଷ୍ଟ ଆକାରର ଧାଡ଼ିରେ ଉଡନ୍ତି । ଉଡ଼ିବା ବେଳେ ଅଧିକ ଥକ୍‌କା ନ ଲାଗିଲା ପାଇଁ ସେମାନେ ଏପରି କରନ୍ତି । ସାଧାରଣତଃ ଧାଡିର ଆଗରେ ବଳବାନ ଚଢ଼େଇଟି ଥାଏ । ମଝି ମଝିରେ ସେ ସ୍ଥାନ ବଦଳାଏ । ଚଢ଼େଇ ୪୦ ମାଇଲ ପ୍ରତି ଘଣ୍ଟା ବେଗରୁ ଅଚାନକ ଶୂନକୁ ଚାଲି ଆସି ପାରନ୍ତି ଓ ହଲୁଥିବା ଗଛ ଡାଳରେ ଆରାମରେ ଓହ୍ଲାଇ ଯାଆନ୍ତି । ହମିଙ୍ଗ ବାର୍ଡ ଲଗାତାର ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଡେଣା ହଲାଇ ପାରେ । ଅନ୍ୟ କୌଣସି ଚଢ଼େଇ ଏହା କରିପାରନ୍ତି ନାହିଁ ।



### କୁଆଡ଼େ ଗଲେ

ପକ୍ଷୀର ଅନେକ ପ୍ରଜାତି ବିଲୁପ୍ତ ହେବାରେ ଲାଗିଛନ୍ତି । ଶାଗୁଣା, କଘରଚଟିଆ ଓ କାଉ ଖୁବ୍ କମ୍ ଦେଖାଯାଉଛନ୍ତି ଆଜିକାଲି । ବିଶେଷଜ୍ଞମାନଙ୍କ ସୂତ୍ରରୁ ଜଣାଯାଇଛି । ଆମେରିକାରେ ସବୁଠୁ ଅଧିକ ପ୍ରଜାତିର ପକ୍ଷୀ ଗାଏବ ହେଉଛନ୍ତି । ଏହା ବ୍ୟତୀତ ଇଣ୍ଡୋନେସିଆ, ବ୍ରାଜିଲ ଓ ଭାରତରେ ପକ୍ଷୀମାନଙ୍କ ଉପରେ ଅଧିକ ବିପଦ ଅଛି । ତେବେ ପକ୍ଷୀ ବିଲୁପ୍ତ ହେବାର ସବୁଠାରୁ ବଡ଼ ଘଟଣା ପର୍ଯ୍ୟଟକ କପୋତ ଗାଏବ ହେବା । ଉତ୍ତର ଆମେରିକାରେ ଜଙ୍ଗଲ-ପାହାଡରେ କୋଟି କୋଟି ସଂଖ୍ୟାରେ ଏହି ପାରା ରହୁଥିଲେ । ଯେତେବେଳେ ସେମାନେ ଏକ ମାଇଲ ଚଉଡ଼ା ଓ ଅନେକ ମାଇଲ ଲମ୍ବାରେ ଦଳ ହୋଇ ଉଡୁଥିଲେ ସେତେବେଳେ ଆକାଶ କେଇ ଘଣ୍ଟା ପର୍ଯ୍ୟନ୍ତ ଅନ୍ଧାର ହୋଇଯାଉଥିଲା । ଊନବିଂଶ ଶତାବ୍ଦୀରେ ସେମାନଙ୍କର ସଂଖ୍ୟା ଦୁଇ ଶହରୁ ପାଞ୍ଚ ଶହ କୋଟି ପର୍ଯ୍ୟନ୍ତ ଥିଲା । ବିକାଶ ନାମରେ ଜଙ୍ଗଲ ନଷ୍ଟ ହେବାରୁ ସେମାନଙ୍କ ସଂଖ୍ୟା କମିବାରେ ଲାଗିଲା । ଏବେ ଖୋଜିଲେ ବି ଦେଖାଯାଉ ନାହାନ୍ତି ସେମାନେ । ଅର୍ଥାତ୍ ଦୁନିଆରେ ସବୁଠାରୁ ଅଧିକ ସଂଖ୍ୟାରେ ଥିବା ଚଢ଼େଇ ମଣିଷ ଯୋଗୁଁ ଗାଏବ ହୋଇଗଲା ।

### ଚଢ଼େଇଙ୍କ ଡାଏରୀ

- ୯୭୦୩ରୁ ଅଧିକ ପ୍ରଜାତିର ପକ୍ଷୀ ଅଛନ୍ତି ସାରା ବିଶ୍ୱରେ ।
- ୧-୨ ଲକ୍ଷ ପ୍ରାପ୍ତ ବୟସ୍କ ବ୍ୟକ୍ତି ଥାଆନ୍ତି ପୃଥିବୀରେ ଗୋଟିଏ ସମୟରେ ।
- ୪୦ ହଜାର ପ୍ରଜାତି ଏବେ ବିପଦରେ ।
- ୧୨ ପ୍ରତିଶତ ଆଗାମୀ ଶହେ ବର୍ଷରେ ଶେଷ ହୋଇଯିବେ ।
- ୧୮୨ ପକ୍ଷୀ ପ୍ରଜାତି ଆଗାମୀ ୧୦ ବର୍ଷ ମଧ୍ୟରେ ଶେଷ ହୋଇଯିବାର ଆଶଙ୍କା ଅଛି ।
- ୬୮୦ଟି ପକ୍ଷୀ ପ୍ରଜାତି ଆସନ୍ତା ୧୦୦ ବର୍ଷରେ ବିଲୁପ୍ତ ହୋଇଯିବ



# ଶୃଙ୍ଗାର ପ୍ରିୟ ସାଧୁ

ଠିକ୍ ମହିଳାଙ୍କ ଭଳି ନାଗା ସାଧୁ-ସନ୍ନ୍ୟାସୀମାନେ ମଧ୍ୟ ଖୁବ୍ ପ୍ରସାଧନ ପ୍ରିୟ । ଶୃଙ୍ଗାରକୁ ଖୁବ୍ ଗୁରୁତ୍ୱ ଦିଅନ୍ତି ଏମାନେ । କୁହାଯାଏ ନାରୀର ରହିଛି ୧୬ ଶୃଙ୍ଗାର କିନ୍ତୁ ନାଗାଙ୍କ ଶୃଙ୍ଗାର ୧୭ ପ୍ରକାରର । ନାରୀଠାରୁ ଗୋଟିଏ ଅଧିକ । ନାରୀମାନଙ୍କ ସାଜ ଏବଂ ଶୃଙ୍ଗାର ଠାରୁ ଏମାନଙ୍କ ରୂପଚର୍ଯ୍ୟା ଅଲଗା ହେଲେ ମଧ୍ୟ ଏମାନେ ନିଜ ଶୈଳୀରେ ଅନ୍ୟମାନଙ୍କୁ ଆକର୍ଷିତ କରିବାକୁ ସବୁବେଳେ ଚାହାନ୍ତି । କିନ୍ତୁ ନାରୀମାନଙ୍କ ଶୃଙ୍ଗାର ଏବଂ ବେଶପୋଷାକ ସମୟ ସହିତ ତାଳଦେଇ ବଦଳୁଥିବା ସମୟରେ ନାଗା ସାଧୁ ସନ୍ଥଙ୍କ ଶୃଙ୍ଗାର ଅପରିବର୍ତ୍ତନୀୟ । କୁମ୍ଭମେଳାରେ ଏଇଭଳି ବିଭିନ୍ନ ସାଜର ନାଗା ସନ୍ନ୍ୟାସୀଙ୍କୁ ଦେଖିବାକୁ ମିଳେ । ଏଥର ମଧ୍ୟ ଏ ପୂର୍ଣ୍ଣକୁମ୍ଭ ମେଳାରେ ଏମାନଙ୍କୁ ଦେଖିବାକୁ ବିଦେଶରୁ ପର୍ଯ୍ୟଟକ ଆସିଯାଇଛନ୍ତି । ଏମାନେ କୁମ୍ଭମେଳାର ଆଉ ଏକ ଆକର୍ଷଣ । ଆସନ୍ତୁ ଦେଖିବା କେତେ ସାଜ, କେତେ ଭିନ୍ନ ଭିନ୍ନ ଶୃଙ୍ଗାରର ନାଗା ସାଧୁ ଦେଖିବାକୁ ମିଳନ୍ତି କୁମ୍ଭମେଳାରେ ।

**ଭସ୍ମ ବୋଳା ସାଧୁ :** ଭସ୍ମ, ନାଗା ସାଧୁଙ୍କର ସବୁଠୁ ପ୍ରିୟ ପ୍ରସାଧନ । ଭଗବାନ ଶିବ ଅଘୋର ରୂପରେ ଭସ୍ମ ବୋଳି ହେଉଥିବାର ପୁରାଣରେ ବର୍ଣ୍ଣନା ରହିଛି । ସେଇ କାରଣରୁ ଶୈବ ସମ୍ପ୍ରଦାୟର ନାଗା ସନ୍ନ୍ୟାସୀମାନେ ଦେହରେ ଭସ୍ମ ବୋଳି ହେବାକୁ ପସନ୍ଦ କରନ୍ତି । ଏ ଭସ୍ମ କୁଆଡେ ଶରୀରକୁ ସତେଜ ରଖିବାରେ ସାହାଯ୍ୟ କରେ ଏବଂ ଏଥିସହିତ ଏ ଭସ୍ମର ଆସ୍ତରଣ ପୋଷାକର ବିକଳ୍ପ ହୋଇଥାଏ ।

**ଚୁମୁଟା ବାବା :** ଅଧିକାଂଶ ନାଗା ବାବାମାନେ ହାତରେ ଲୁହାର ଚୁମୁଟା ଧାରଣ କରନ୍ତି । ଧୁନି ଜଳେଇବା ସମୟରେ ନିଆଁକୁ ଏବଂ ପୋଡା କାଠକୁ ଓଲଟାଇବା କାର୍ଯ୍ୟରେ ଖୁବ୍ ସହାୟତା ଦିଏ ଏଇ ଚୁମୁଟା । ଅନେକ ସମୟରେ ଜନ୍ତୁଜନ୍ତୁ କିମ୍ବା ସରୀସୃପଙ୍କ କବଳରୁ ମଧ୍ୟ ରକ୍ଷା କରିଥାଏ ଏ ଚୁମୁଟା । ନାଗା ସନ୍ନ୍ୟାସୀମାନେ ସେମାନଙ୍କ ଚୁମୁଟା ଛୁଆଁଇ ଆଶୀର୍ବାଦ ଦିଅନ୍ତି । ବିଶ୍ୱାସ ଅଛି- 'ମହାରାଜା କା ଚିମ୍‌ଟା ଲଗାଜାଏ ତୋ ନୈୟା ପାର୍ ହୋ ଜାତା' । ବାବାଙ୍କ ଚୁମୁଟା ଦେହରେ ବାଜିଗଲେ ନାଆ ପାରି ହୋଇଯାଏ ।





**ଜଟା ବାବା:** ଜଟା ମଧ୍ୟ ନାଗା ସାଧୁଙ୍କର ଆଉ ଏକ ପରିଚୟ । ସବୁଠୁ ବଡ ପରିଚୟ, ଶୃଙ୍ଗାରର ମୁଖ୍ୟ ଅଙ୍ଗ । ଜଟାର ମଧ୍ୟ ଯତ୍ନ ନିଅନ୍ତି ସାଧୁବାବାମାନେ । କଳା ମାଟିରେ ଜଟାକୁ ଧୁଆଯାଏ । ସୂର୍ଯ୍ୟକିରଣରେ ଶୁଖାଯାଏ । ଜଟାକୁ ଭିନ୍ନ ଭିନ୍ନ ଶୈଳୀରେ ବିନ୍ୟାସ କରନ୍ତି ସାଧୁମାନେ । କେହି କେହି ଏଥିରେ ରୁଦ୍ରାକ୍ଷର ମାଳା ଗୁଡାଇ ରଖନ୍ତି । ଜଟାର ବିଶାଳତା ଏବଂ ଲମ୍ବରୁ ନାଗା ସନ୍ନ୍ୟାସୀଙ୍କ ଅଭିଜ୍ଞତା ଜଣାଯାଏ ।



**ଦାଢ଼ି :** ଜଟ ଭଳି ଦାଢ଼ିର ମଧ୍ୟ ଖୁବ୍ ଯତ୍ନ ନିଅନ୍ତି ନାଗା ସାଧୁମାନେ । ଏହା ମଧ୍ୟ ଶୃଙ୍ଗାରର ଏକ ଅଂଶ ।

**ଲଙ୍ଗୋଟ :** ଅଧିକାଂଶ ନାଗା ସାଧୁ ଉଲଗ୍ନ ରହନ୍ତି । କେହି କେହି ଲେଙ୍ଗୁଟି ମଧ୍ୟ ଧାରଣ କରନ୍ତି । ଏହାର ମଧ୍ୟ କିଛି କାରଣ ରହିଛି । ବେଳେବେଳେ ଭକ୍ତମାନେ ଉଲଗ୍ନ ବାବାଙ୍କ ପାଖକୁ ଆସିବାକୁ ସଂକୋଚ କରନ୍ତି । ଏଇ କାରଣରୁ ନାଗା ବାବାମାନଙ୍କ ଭିତରୁ ଅନେକେ ଲେଙ୍ଗୁଟି ପିନ୍ଧନ୍ତି । ଯେଉଁମାନେ ହଠଯୋଗୀ ସେମାନେ ଲୁହା, ରୁପା, ତମ୍ବା ଏବଂ କାଠର ଲେଙ୍ଗୁଟି ମଧ୍ୟ ଧାରଣ କରିବାର ଦେଖାଯାଏ ।

**ତିଳକ :** ନାଗା ସାଧୁମାନେ ସବୁଠୁ ଅଧିକ ଧ୍ୟାନ ଦିଅନ୍ତି ସେମାନଙ୍କ ତିଳକ ଉପରେ । ଏହା ସେମାନଙ୍କ ପରିଚୟ ଏବଂ ଶକ୍ତିର ପରିଚୟ ବୋଲି ଜଣାଯାଏ । ପ୍ରତିଦିନ ଏକଦମ୍ ଏକାଭଳି ତିଳକ ଲଗାଇବାରେ ଖୁବ୍ ଯତ୍ନଶୀଳ ଏମାନେ । ସାମାନ୍ୟ ପରିବର୍ତ୍ତନ ହୁଏନାହିଁ ଏଥିରେ । ଏମାନେ ତିଳକର ଶୈଳୀ କେବେ ବି ପରିବର୍ତ୍ତନ କରନ୍ତି ନାହିଁ । ଏମାନେ ଏତେ ନିଖୁଣ ଭାବରେ ତିଳକ ଲଗାନ୍ତି ଯେ ସିନେମାର ମେକଅପ୍ ମ୍ୟାନ ମଧ୍ୟ ବିସ୍ମିତ ହୋଇଯାନ୍ତି ।

**ରତ୍ନ :** କେତେକ ନାଗା ସାଧୁ ମୂଲ୍ୟବାନ ରତ୍ନ ମଧ୍ୟ ଧାରଣ କରନ୍ତି । ପୋଖରାଜ, ମାଣିକ୍ୟ, ପ୍ରବାଳ ଭଳି ମୂଲ୍ୟବାନ ପଥର ମଧ୍ୟ ଏମାନଙ୍କ ଆଭୂଷଣର ଏବଂ ଶୃଙ୍ଗାରର ଆଉ ଏକ ଉପାଦାନ ।

**ଅସ୍ତ୍ର ଏବଂ ହତିଆର :** ସନ୍ନ୍ୟାସୀ ହେଲେ ମଧ୍ୟ ଏମାନଙ୍କୁ ଯୋଦ୍ଧା କୁହାଯାଏ । ଯୁଦ୍ଧ କଳାରେ ମଧ୍ୟ ଏମାନେ ଖୁବ୍ ପାରଙ୍ଗମ । ତେଣୁ ଏମାନେ ପାଖରେ ହତିଆର ରଖନ୍ତି । କେହି କେହି ଖଣ୍ଡା ମଧ୍ୟ ଧରିଥା'ନ୍ତି ହାତରେ । କେତେକଙ୍କ ହାତରେ ଫାର୍ଶା ଏବଂ ତ୍ରିଶୂଳ ମଧ୍ୟ ଦେଖିବାକୁ ମିଳେ ।

**ପୋଷାକ :** କେହି କେହି ଗଛର ବକ୍କଳ ଏବଂ ପଶୁ ଚର୍ମରେ ଦେହକୁ ଖୁବ୍ ସୁନ୍ଦର ଭାବରେ ଘୋଡାଇ ରଖିଥା'ନ୍ତି । ଏବେ ପଶୁ ଚର୍ମ ଉପଲବ୍ଧ ନହେବା ଏବଂ ଏଥିରେ କଟକଣା ଲାଗି ଯାଇଥିବାରୁ ସନ୍ନ୍ୟାସୀମାନେ ସୂତା ବସ୍ତ୍ରର ଲେଙ୍ଗୁଟି ବ୍ୟବହାର କଲେଣି ।

## ହିନ୍ଦୁ ଯୋଦ୍ଧା ନାଗା

ମହାକୁମ୍ଭ ମେଳାର ମୁଖ୍ୟ ଆକର୍ଷଣ ହେଉଛନ୍ତି ନାଗା ସାଧୁ । ସମ୍ପୂର୍ଣ୍ଣ ଉଲଗ୍ନ, ଭସ୍ମଲେପନ ଶରୀର, ବିପର୍ଯ୍ୟସ୍ତ କେଶରାଶି ଓ ଜଟା, ପାଟିରେ ଚିଲମ ସହ ନଗ୍ନ ପାଦରେ ଦଳ ଦଳ ହୋଇ ଚାଲିଥାନ୍ତି । ଯେତେବେଳେ କିଛି କହନ୍ତି କି ଉତ୍ତର ଦିଅନ୍ତି ସେସବୁ ପହେଳିରେ । ନାଗା ସାଧୁଙ୍କ ବିଚିତ୍ର ବେଶ ପରିପାଟୀ କୁମ୍ଭମେଳାର ତୀର୍ଥଯାତ୍ରୀଙ୍କୁ ଆମୋଦିତ କରିଥାଏ । ସେମାନଙ୍କୁ ଦେଖିବାକୁ, ଫଟୋ ଉଠାଇବାକୁ ଯାତ୍ରୀ ଓ ଭକ୍ତଙ୍କ ଭାରି ଆଗ୍ରହ । ମାତ୍ର ହିନ୍ଦୁ ଧର୍ମ ଓ ସଂସ୍କୃତି ସହ ଅତି ନିଗୂଢ଼ ସମ୍ପର୍କ ରହିଥିବା ନାଗା ସାଧୁଙ୍କ ସମ୍ପର୍କରେ ବିଶେଷ କେହି ଜାଣନ୍ତି ନାହିଁ କି ସେମାନେ ନିଜ ବିଷୟରେ କିଛି କହନ୍ତି ନାହିଁ । ମହାକୁମ୍ଭରେ ରହନ୍ତି ସ୍ୱତନ୍ତ୍ର ଆଖଡ଼ା ବା କ୍ୟାମ୍ପରେ । ଏହି ନାଗାମାନେ କିଏ ?

ବାସ୍ତବରେ ନାଗା ସାଧୁମାନେ ହେଉଛନ୍ତି ହିନ୍ଦୁ ଧାର୍ମିକ ସେନା ବା ହିନ୍ଦୁ ଯୋଦ୍ଧା । ଅଷ୍ଟମ ଶତାବ୍ଦୀରେ ଆଦିଶଙ୍କରାଚାର୍ଯ୍ୟଙ୍କ ସମୟରେ ନାଗା ପରମ୍ପରା ଆରମ୍ଭ ହୋଇଥିଲା । ହିନ୍ଦୁ ଆଖଡ଼ାରେ ସେମାନେ ଅସ୍ତ୍ର ଚାଳନା ଅଭ୍ୟାସ କରନ୍ତି । ସେମାନେ ଲୁଚି ରହୁଥିବା କ୍ୟାମ୍ପ ବା ଚଉନିରେ ମଧ୍ୟ ନାଗା ସାଧୁମାନେ ନିଜ ନିଜ ଭିତରେ ଖଣ୍ଡା, ତ୍ରିଶୂଳ ଆଦି ପାରମ୍ପରିକ ଅସ୍ତ୍ରଶସ୍ତ୍ର ଯୁଦ୍ଧ ଅଭ୍ୟାସ ବି କରନ୍ତି । ପ୍ରାୟ ୧୯୫୦ ଦଶକ ପର୍ଯ୍ୟନ୍ତ ସେମାନଙ୍କର ଏହି ଅଭ୍ୟାସ ଚାଲିଥିଲା । ସାଧାରଣ ସମାଜଠାରୁ ନିଜକୁ ଦୂରେଇ ରଖୁଥିବା ନାଗା ସାଧୁମାନେ କୁମ୍ଭମେଳାକୁ ଆସିବା ବେଳେ କେହି ଅସମ୍ମାନ ପ୍ରଦର୍ଶନ କଲେ ହତ୍ୟା କରିବାକୁ ପଛାନ୍ତି ନାହିଁ ବୋଲି ବିଶ୍ୱାସ କରାଯାଏ । ଭଲ ଭାବରେ ପରୀକ୍ଷା ନୀରିକ୍ଷା କରିବା ପରେ ନାଗାମାନେ ବାହାର ଲୋକଙ୍କ ସହ ମିଶନ୍ତି ବା କେହି କିଛି ପଚାରିଲେ ଉତ୍ତର ଦିଅନ୍ତି । ତେଣୁ ଅନ୍ୟମାନେ ନାଗା ସାଧୁଙ୍କୁ ଦେଖିଲେ ଭୟ ବି କରନ୍ତି । ଗୀତାର ସାରମର୍ମ ନ୍ତଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ' ପଂକ୍ତି ନାଗା ସନ୍ନ୍ୟାସୀମାନଙ୍କର ମୂଳ ମନ୍ତ୍ର । ଏବେ ବି ସେମାନେ ସ୍ତୁତି କରନ୍ତି - ଶଙ୍କରମ୍ ଶଙ୍କରାଚାର୍ଯ୍ୟମ୍, କେଶବମ୍, ବଦ୍ୟରାୟନନ୍, ସୂତ୍ର ଭାଷ୍ୟ କାଟୋ ବନ୍ଦେ । ଆଦି ଶଙ୍କରାଚାର୍ଯ୍ୟଙ୍କ ସମୟରେ ହିନ୍ଦୁ ଧର୍ମର ପ୍ରତିଷ୍ଠା ପାଇଁ ହିନ୍ଦୁ ସୈନିକ ଭାବରେ ନିୟୋଜିତ ନାଗାମାନେ ତୀକ୍ଷ୍ଣ ଅସ୍ତ୍ରଶସ୍ତ୍ରର ତାଲିମ ମଧ୍ୟ ନେଉଥିଲେ । ଆଜିକାଲି ଏହି ନାଗାଙ୍କ ମଧ୍ୟରୁ କିଛି ରମ୍‌ତା ପଞ୍ଚ ବା ପରିବ୍ରାଜକ ସନ୍ନ୍ୟାସୀ ସଂଗଠନ ଗଠନ କରି ଦଶନାମ ସନ୍ନ୍ୟାସୀ ପରମ୍ପରାର ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି । ଦଶନାମୀ ନାଗାମାନେ ଶଙ୍କରାଚାର୍ଯ୍ୟଙ୍କ ଧ୍ୱଜା ଓ ଡ୍ରମ୍ ଧରି ଖାଲି ପାଦରେ ଗୋଟିଏ କୁମ୍ଭରୁ ଆଉ ଗୋଟିଏ କୁମ୍ଭକୁ ପଦବ୍ରଜ କରନ୍ତି । ଆଦି ଶଙ୍କରାଚାର୍ଯ୍ୟଙ୍କ ମତରେ ଆଚାର୍ଯ୍ୟମାନଙ୍କର ଭୂଷଣ ହେଉଛି ଶାସ୍ତ୍ର ଏବଂ ନାଗାମାନଙ୍କର ଭୂଷଣ ହେଉଛି ଅସ୍ତ୍ରଶସ୍ତ୍ର ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୦ ଫେବୃଆରୀ ୨୦୨୬ । ମଙ୍ଗଳବାର


## ମେସିନରେ ପଶିଲା ନାବାଳକଙ୍କ ହାତ

**ଦିଗପହଣ୍ଡି,୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ରେଡ୍ଡୀ ସାହିରେ ରବିବାର ରାତିରେ ଏକ ଅଘଟଣ ଘଟିଛି । ରେଡ୍ଡୀ ସାହିରେ ଥିବା ସିଙ୍ଗପୁର ଗ୍ରାମର ମନୁ ସାହୁଙ୍କ ମା'ତାରାତାରିଣୀ ମିଠା ଦୋକାନରେ ମିଠା ପ୍ରସ୍ତୁତ ନିମନ୍ତେ ମେସିନ ଦ୍ୱାରା ଅଟା ମିଶ୍ରଣ ସମୟରେ ଅସାବଧାନତା କାରଣରୁ ସେଠାରେ କାମକରୁଥିବା କାଳିଆ ସାହୁଙ୍କ ପୁଅ ତଥା ମିଠା ଦୋକାନୀ ମନୁଙ୍କ ଭଣଜା ଷଷ୍ଠ ଶ୍ରେଣୀ ଛାତ୍ର ସାହିଲ ସାହୁ(୧୨)ଙ୍କ ଡାହାଣ ହାତ ମେସିନରେ ପଶି ଯାଇଥିଲା । ସମସ୍ତ ଚେଷ୍ଟା ସତ୍ତ୍ୱେ ହାତ ଆଉ ବାହାରକୁ ବାହାରି ନ ଥିଲା । ସାହିଲ ବାରମ୍ବାର ଚେତାଶୂନ୍ୟ ହୋଇପଡ଼ିଥିଲେ । ଖବର ପାଇ ଦିଗପହଣ୍ଡି ଅଗ୍ନିଶମ ବାହନୀ ଘଟଣାସ୍ଥଳରେ ପହଞ୍ଚି କଟର ମେସିନ ସହାୟତାରେ ମିଠା ମେସିନର କିଛି ଯନ୍ତ୍ରାଂଶକୁ କାଟିବା ପରେ ତାଙ୍କ ହାତଟି ବାହାରିଥିଲା । ସାହିଲଙ୍କ ୩ଟି ଅଙ୍ଗୁଳି କଟି ଯିବା ସହ ପାପୁଲିରେ ଗଭୀର ଆଘାତ ଲାଗିଛି । ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ପରିବାର ଲୋକେ ଜଣାଇଛନ୍ତି ।

## ରେଢ଼ାଖୋଲରେ ହିନ୍ଦୁ ସମ୍ମିଳନୀ

**ରେଢ଼ାଖୋଲ,୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ କଦମ୍ବ ପଡ଼ିଆ ଠାରେ ରବିବାର ଏକ ଭବ୍ୟ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମଗ୍ର ହିନ୍ଦୁ ସମାଜ ରାମପୁରର ସଭାପତି କରୁଣାକର ପ୍ରଧାନଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବରେ ବ୍ରହ୍ମ ଅବଧୂତ ବାବା ଆନନ୍ଦ ଚନ୍ଦ୍ର ଦାଶ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ ପ୍ରାନ୍ତ କାର୍ଯ୍ୟବାହ ପଶ୍ଚିମ ପ୍ରାନ୍ତ ଓଡ଼ିଶାର ହରିଶ ପରିଡ଼ା ଯୋଗଦେଇ ହିନ୍ଦୁତ୍ୱ ବିଚାର ଧାରା ଓ ସାଂପ୍ରତିକ ପରିସ୍ଥିତିରେ ଦେଶର ଅଖଣ୍ଡତା ସାର୍ବଭୌମତ୍ୱ ଓ ସୁରକ୍ଷା ପାଇଁ ସମଗ୍ର ହିନ୍ଦୁ ସମାଜର ଏକତା ବର୍ତ୍ତମାନ ପରିସ୍ଥିତି ଅନିବାର୍ଯ୍ୟ ଏବଂ ଅଖଣ୍ଡ ଭାରତ ପରିକଳ୍ପନା ପାଇଁ ଜାତି ମତଭେଦ ସଂପ୍ରଦାୟରୁ ଉର୍ଦ୍ଧ୍ୱରେ ରହି ଆମେ ସମସ୍ତେ ଗୋଟିଏ ପରିବାର ଏକତ୍ରିତ ମନୋଭାବ ନେଇ ଦେଶ ମାତୃକାର ସେବା କଲେ ଅଖଣ୍ଡ ଭାରତ ଗଠନ ସମ୍ଭବ ହୋଇ ପାରିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ମୁଖ୍ୟଅତିଥି ବାବା ଆନନ୍ଦ ଚନ୍ଦ୍ର ଭୀମଭୋଇଙ୍କ ବାଣୀର ଉଦ୍ଧୃତ କରି ବିଶ୍ୱ ଭାତୃତ୍ୱ ସୃଷ୍ଟି ପାଇଁ ଅହିଂସା, ଦ୍ୱେଷ ଓ ଜାତିବାଦରୁ ଉର୍ଦ୍ଧ୍ୱରେ ରହି ଜଗତର କଲ୍ୟାଣ ନିମନ୍ତେ ସମସ୍ତଙ୍କୁ ଆଶ୍ରିବଚନ ପ୍ରଦାନ କରିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ଅଧକ୍ଷ ପୁଷ୍ପାଞ୍ଜଳି ସାମନ୍ତରାୟ, ସାଧୁ ବାବା ମଦନ ଦାଶ ମଞ୍ଚାସିନ ରହିଥିଲେ । ଏହି ଅବସରରେ ସମାଜସେବୀ ଅନୁଷ୍ଠାନ ଆରୟନ ଫାଉଣ୍ଡେସନ, ସମାଜସେବୀ ପ୍ରକାଶ ମୁଖୀ ଓ ରାଜୁ ପାରମାରଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଏକ ଘୃତ ଯଜ୍ଞ, ଦୀପ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଘୃତ ଯଜ୍ଞରେ ପୁରୁଷୋତ୍ତମ ଅଗ୍ରୱାଲ ସପନ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସଭାପତି ତ୍ରିଲୋଚନ ସାହୁ ସଂପାଦକ ଇଶ୍ୱର ଚନ୍ଦ୍ର ପୃଷ୍ଟି, ସହ ସଂପାଦକ ଦୁଃଖବନ୍ଧୁ ପ୍ରଧାନ, କୋଷାଧକ୍ଷ ପଞ୍ଚାନନ ଗଡ଼ନାୟକ, ଉପଦେଷ୍ଟା ତୁଷାରକାନ୍ତି ପ୍ରଧାନ, ଖଗେଶ୍ୱର ବେହେରା, ସନ୍ତୋଷ ରଥ, ମହାବୀର ସିଂ ଦେଓ, ହରିଶଙ୍କର ହୋତା, ସୁବାଷ ପ୍ରଧାନ, ସୁରଥ ବିଶ୍ୱାଳ, ପ୍ରତାପ ପ୍ରଧାନ, ସଞ୍ଜୟ ବେହେରା ପ୍ରମୁଖଙ୍କ ସହ ହିନ୍ଦୁ ସମ୍ମିଳନର ସମସ୍ତ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ । ଏହି ହିନ୍ଦୁ ସମ୍ମିଳନୀରେ ସହସ୍ରାଧିକ ସଂଖ୍ୟାରେ ଜନ ସାଧାରଣ ସମ୍ମିଳିତ ହୋଇଥିବା ଦେଖିବାକୁ ମିଳିଥିଲା ।

## ଲଙ୍ଗୁଳି ମଠ ମହନ୍ତଙ୍କ ଦେହାବସାନ



**ବାଲିଚନ୍ଦ୍ରପୁର,୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଶୁଖୁଆପଡାସ୍ଥିତ ଅଗ୍ନି ଅବଧୂତ ସମ୍ପ୍ରଦାୟ ଲଙ୍ଗୁଳି ମଠର ମହନ୍ତ ବାବାଜୀ ପର୍ଶୁରାମ ଦାସଙ୍କର ରବିବାର ଅପରାହ୍ନ ସାଢେ ଗୋଟାଏ ବେଳେ ଦେହାବସାନ ଘଟିଛି । ଦେହାବସାନ ବେଳକୁ ବାବାଙ୍କୁ ୯୭ବର୍ଷ ବୟସ ହୋଇଥିଲା । ରବିବାର ଭୋରବେଳା ଲଙ୍ଗୁଳିମଠରେ ଥିଲାବେଳେ ବାବା ଖଟରୁ ପଡିଯିବା ପରେ ମଠ ଅନ୍ତେବାସୀମାନେ ତାଙ୍କୁ ଚାରିନଙ୍ଗଳ ଓ ପରେ କେନ୍ଦ୍ରାପଡା ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ । ସେଠାରୁ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡଡାକ୍ତରଖାନାକୁ ନେବା ପରେ ଅପରାହ୍ନରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

ବାବାଙ୍କ ନିଜ ଜନ୍ମସ୍ଥାନ କେନ୍ଦ୍ରାପଡା ଜିଲ୍ଲା ଛୋଟିମଙ୍ଗଳପୁର ଗ୍ରା.ପ ଅନ୍ତର୍ଗତ ନୁରୁଖାପାଟଣାକୁ ନେବା ପରେ ସଂକୀର୍ତ୍ତନ ଶୋଭାଯାତ୍ରା ସହିତ ଗ୍ରାମ ପରିକ୍ରମା କରାଯାଇଥିଲା । ସେଠାରୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ବନ୍ଦରେଶ୍ୱର ଛକରୁ ଲଙ୍ଗୁଳିମଠକୁ ନିଆଯାଇଥିଲା । ଜଣେ ସ୍ନେହସଜଳ ଓ ଭଗବତକୃପାପ୍ରାପ୍ତ ବର୍ଷିୟାନ ବାବାଜୀଙ୍କ ଶେଷଦର୍ଶନ ପାଇଁ ମଠ ଲୋକାରଣ୍ୟ ହୋଇଉଠିଥିଲା । ସ୍ଥାନୀୟ ପଲାଇ, ବନ୍ଦରେଶ୍ୱର, ଶୁଖୁଆପଡା, ଲଳିତଗିରି ଓ ଗୋବଣ୍ଡିଆ ଗ୍ରାମର ଶହ ଶହ ଭକ୍ତ, ଶ୍ରଦ୍ଧାଳୁ ଓ ଗ୍ରାମବାସୀ ବାବାଙ୍କୁ ଶେଷଦର୍ଶନ କରିଥିଲେ । ଓଳାଶୁଣୀ ମଠର ବାବାଜୀ ଅଜୟ କୁମାର ଦାସ ପହଲି ବାବାଙ୍କଠାରୁ 'ନାମ ଟୀକା' ଓହ୍ଲାଇବାପରେ ସ୍ନାନ ଓ ବିବସ୍ତ୍ର ପରିଧାନ କରି ମଠ ପରିସରରେ ବାବାଙ୍କୁ ସମାଧି ପ୍ରଦାନ କରାଯାଇଥିଲା ।

ବାବାଙ୍କ ଜ୍ୟେଷ୍ଠ ପୁତ୍ର ଅଧାପକ କିଶୋର ଚନ୍ଦ୍ର ସ୍ୱାଇଁ, ରାଇବ ଚରଣ ଦାସ, ହଗୁରି ମହାରଣା, ଅଶୋକ ମହାରଣା, ଅର୍ଜୁନ ଚରଣ ନାୟକ, ଅଜୟ କୁମାର ଜେନା, ଗୋପାଳ ଚନ୍ଦ୍ର ସାହୁ, ପ୍ରସନ୍ନ ଜେନା, ଅରିଲୋସ୍ଥିତ ବାବା ବଳିଆଙ୍କ ଆଶ୍ରମର ବାବାଜୀ ଆତ୍ମାରାମ ଦାସ, ସାମ୍ବାଦିକ ବେବର୍ତ୍ତା ଅଜୟ ବଲ୍ଲଭ ଦାଶ, ନିମାଇଁ ଚରଣ ମହାରଣ, ଶ୍ରୀକାନ୍ତ ସାମଲ ଓ ସୁମନ୍ତ ସାମଲଙ୍କ ସମେତ ଶୁଖୁଆପଡା ଗ୍ରାମର ଶତାଧିକ ଭକ୍ତ ବାବାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ସନ୍ଥ ଅରକ୍ଷିତ ଦାଶ ଫାଉଣ୍ଡେସନ ଏବଂ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ପକ୍ଷରୁ ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ, ଉପଦେଷ୍ଟା ବଟକୃଷ୍ଣ ସାମଲ, ବିଜୟ କୁମାର କୁମାର ତ୍ରିପାଠୀ, ପ୍ରଫେସର ରବିନ୍ଦ୍ର କୁମାର ସାମଲ, ଉମାକାନ୍ତ ସାମଲ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

## ୨୮ ମାର୍ଚ୍ଚରେ ସ୍ୱର୍ଣ୍ଣଚୁଡ ଯୁବ ମହୋତ୍ସବ

**ନୀଳଗିରି,୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଚତୁର୍ଥ ସ୍ୱର୍ଣ୍ଣଚୁଡ ଯୁବ ମହୋତ୍ସବ ୨୦୨୭ ନିମନ୍ତେ ୨ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ନୀଳଗିରି ଡାକବଙ୍ଗଳା ପରିସରରେ ଯୁବମହୋତ୍ସବ କମିଟିର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଓ ଆଗାମୀ ଯୁବମହୋତ୍ସବ ସମ୍ପର୍କର ରୂପରେଖ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରଥମ ପ୍ରସ୍ତୁତି ବୈଠକରେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ଥିବାରୁ ଏଥିପାଇଁ ଯୁବମହୋତ୍ସବର ତାରିଖ ପରିବର୍ତ୍ତନ ହୋଇ ମାର୍ଚ୍ଚ ୨୮ ତାରିଖରୁ ଏପ୍ରିଲ ମାସ ୧ ତାରିଖ ପର୍ଯ୍ୟନ୍ତ ୫ଦିନଧରି ଦର୍ଶକମାନେ ଧାର୍ମିକ, ସାଂସ୍କୃତିକ ସହିତ ରଙ୍ଗାରଙ୍ଗ କାର୍ଯକ୍ରମକୁ ଦେଖିବା ସହିତ ରାମଦୋଳି, ଘରକରଣା ସାମଗ୍ରୀ କିଣାବିକା ଓ ବିଭିନ୍ନ ପ୍ରକାର ଖାଦ୍ୟର ମଜା ଉଠାଇବା ପାଇଁ କମିଟି ପକ୍ଷରୁ ଷ୍ଟଲ ହେବ ବୋଲି ପ୍ରସ୍ତୁତି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରଯାଇଥିଲା । ଏଥିସହିତ ୫ଦିନ ଧରି ଯୁବମହୋତ୍ସବର କାର୍ଯକ୍ରମର ପ୍ରତ୍ୟେକ ଦିନ କାର୍ଯକ୍ରମ ସମ୍ପର୍କରେ କମିଟି ପକ୍ଷରୁ ସୂଚନା ପ୍ରଦାନ କରିଥିଲେ ସବ୍ୟସାଚି ମହାପାତ୍ର (ଟୁବୁଲୁ) । ଚତୁର୍ଥ ସ୍ୱର୍ଣ୍ଣଚୁଡ ଯୁବମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଉପସ୍ଥିତ ସଦସ୍ୟ/ ସଦସ୍ୟାମାନେ ନିଜନିଜର ମତାମତ ଦେଇଥିଲେ । ଆଜିର ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ମହୋସବର ବହୁ ବରିଷ୍ଠ ସଦସ୍ୟ/ସଦସ୍ୟାଙ୍କ ସହିତ ଅନ୍ୟ ସଦସ୍ୟ ଓ ନୀଳଗିରିର ବହୁ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ୨୬ ୱାର୍ଡକୁ ନେଇ ଗଠନ ହେଲା କବିସୂର୍ଯ୍ୟନଗର ମ୍ୟୁନିସିପାଲଟି

**କବିସୂର୍ଯ୍ୟନଗର,୯।୨ ଏକ୍ସପ୍ରେସ୍ ନ୍ୟୁଜ୍**



କବିସୂର୍ଯ୍ୟନଗରକୁ ନୂଆ ମ୍ୟୁନିସିପାଲିଟି ଘୋଷଣା ପରେ ଏବେ ହେବ ମୁନ୍ସିପାଲଟି ନିର୍ବାଚନ । ଏନେଇ ୱାର୍ଡ ସୀମା ନିର୍ଦ୍ଧାରଣ, ୱାର୍ଡ ପୁନର୍ଗଠନ, ସଂରକ୍ଷଣ ପ୍ରକ୍ରିୟା ମାର୍ଚ୍ଚ ୩୧ ସୁଦ୍ଧା ସାରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯିବା ପରେ ଗଞ୍ଜାମ ଜିଲ୍ଲାପାଳଙ୍କ ଆଦେଶ ପ୍ରକାରେ କବିସୂର୍ଯ୍ୟନଗର ନୂଆ ମ୍ୟୁନିସିପାଲିଟି ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି ପ୍ରକ୍ରିୟା । ସୋମବାର କବିସୂର୍ଯ୍ୟନଗର ଏନଏସିରେ ଭାରପ୍ରାପ୍ତ ଅଧକ୍ଷ ବିକ୍ରାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ସ୍ୱତନ୍ତ୍ର କାଉନସିଲ ବୈଠକ ବସି ନୂଆ ମ୍ୟୁନିସିପାଲିଟି ପାଇଁ ସୀମା ନିର୍ଦ୍ଧାରଣ, ୱାର୍ଡ ଗଠନ କରାଯାଇଥିବା ଜଣାଯାଇଛି ।

ଯାହା ସୂଚନା ମିଳିଛି କବିସୂର୍ଯ୍ୟନଗର ଏନଏସିରେ । ପୂର୍ବରୁ ୧୮ଟି ୱାର୍ଡ ରହିଥିଲା ଏବେ ନୂଆ ମ୍ୟୁନିସିପାଲିଟି ପାଇଁ ୱାର୍ଡ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି । ନୂଆ ମୁନ୍ସିପାଲଟିରେ ଗୁଡିଆଲି ପଞ୍ଚାୟତକୁ ସମ୍ପୂର୍ଣ୍ଣ ମିଶ୍ରଣ କରାଯାଇ ୫ଟି ୱାର୍ଡ ଗଠନ କରାଯାଇଥିବା ବେଳେ ଗଙ୍ଗାପୁର ପଞ୍ଚାୟତର ବଡଆଗୁଲ ଗ୍ରାମକୁ ୨ଟି ୱାର୍ଡ କରାଯାଇଛି । ସେହିପରି କବିସୂର୍ଯ୍ୟନଗର ଏନଏସିରେ ଥିବା ୧୮ଟି ୱାର୍ଡରୁ ୧୯କୁ ବୃଦ୍ଧି କରାଯାଇ ମୋଟ ୨୬ଟି ୱାର୍ଡରେ ସୀମିତ ରଖାଯାଇଛି ବୋଲି ସୋମବାର କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି । କାଉନସିଲ ବୈଠକରେ ଆଗତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଛି । ସରକାରୀ ନିର୍ଦ୍ଦେଶ କ୍ରମେ ଫେବୃଆରୀ ୧୨ରୁ ୨୧ ଯାଏଁ ଆପତ୍ତି ଅଭିଯୋଗ ସମୟ ରହିଥିବା ଯୋଗୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାଯାଇଛି । ଅନୁଷ୍ଠିତ ବୈଠକରେ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ରଥ, ମନୋରଞ୍ଜନ ମହାପାତ୍ର, ମନମୋହନ ଜେନା, ପ୍ରିୟଙ୍କା ସୁବୁଦ୍ଧି, ଲକ୍ଷ୍ମୀପ୍ରିୟା ସାହୁ, ସୁଦେଷ୍ଣା ପ୍ରଧାନଙ୍କ ସମେତ ବହୁ କାଉନସିଲର ଉପସ୍ଥିତ ଥିଲେ ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି

**ପୋଲସରା,୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୋଲସରା ବ୍ଲକ ମଧୂପଲ୍ଲୀ ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଦୀପ୍ତିମୟୀ ପାତ୍ରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମଧୂପଲ୍ଲୀ ପଞ୍ଚାୟତର ମଧୂପଲ୍ଲୀ, ସୁନାରୀ ବୁଗୁଡ଼ା, ହିରାପଲ୍ଲୀ, ଜିଲୁଣ୍ଡା ଗ୍ରାମର ଜନସାଧାରଣଙ୍କ ଅଭିଯୋଗ ପଞ୍ଜିକରଣ କରିଥିଲେ । ଏଥିରେ ମୋଟ ୪୦ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା । ସେଥିମଧ୍ୟରୁ ୧୮ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ୮ଜଣଙ୍କୁ ରାସନ୍ କାର୍ଡ, ୧୦ ଜଣଙ୍କୁ ଘରପଟ୍ଟା ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବସନ୍ତ କରଣ, ବ୍ଲକ ଉପାଧକ୍ଷ କାହ୍ନୁଚରଣ ପରିଡ଼ା, ଏବିଡିଓ ସୋନମ୍ ବେହେରା, ସିଡିପିଓ ତିଳୋତ୍ତମା ରାଉତ, ବିଇଓ ଶ୍ରୀହର୍ଷ ବାବୁ ଖାଡେଙ୍ଗା, ପୋଲସରା ମେଡିକାଲ ଡାକ୍ତର ସୁଭ୍ରାମୟୀ ପାଢ଼ୀ, ପ୍ରଧାନ ଶିକ୍ଷକ ଲମ୍ବୋଦର ସାହୁ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ । ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସ୍ୱରୁପ ତ୍ରିପାଠୀ, ବ୍ଲକ ଯନ୍ତ୍ରୀ ପ୍ରଧାନ୍ତ ସାହୁ, କୃଷି ଅଧିକାରୀ ଗଣେଶ୍ୱର ସାହୁ, ଡଃ ଭକ୍ତଚରଣ ଦଳାଇ, ଫିସରୀ ପ୍ରିୟବ୍ରତ ଦାସ, ବରିଷ୍ଠ ରାଜସ୍ୱ ସହାୟକ ଗିରିଜା ଶଙ୍କର ମିଶ୍ର, ସ୍ୱାସ୍ଥ୍ୟ କର୍ମୀ ପ୍ରିୟଦର୍ଶିନୀ ମହାପାତ୍ର, ପାୟଲ ସାହୁ ଓ ରାଜିବ ଲୋଚନ ସାହୁ, ବନପାଳ ମୁନା ଦାସଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଜନଶୁଣାଣିରେ ଯୋଗଦେଇଥିଲେ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ଜନଶୁଣାଣି ଅଧିକାରୀଣୀ ଲିପ୍ସା ରାଣୀ ଭଞ୍ଜ, ଏଡିଓ ରବିନ୍ଦ୍ର କୁମାର ସାହୁ ସମେତ ଅଙ୍ଗନବାଡ଼ି କର୍ମୀ, ସିଆରପି, ଏମବିକେ ବ୍ଲକ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ ।

## ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**କେନ୍ଦୁଝର,୯।୨ ଏକ୍ସପ୍ରେସ୍ ନ୍ୟୁଜ୍**



ସହେଭଞ୍ଜ ନୋଡାଲ ଉଚ୍ଚବିଦ୍ୟାଳୟ ପଳାଶପଙ୍ଗାର ୫୩ତମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା, ସଂସ୍କୃତି ଓ କ୍ରୀଡାର ସମନ୍ୱୟ ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା । ସଦର ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ, ଆତ୍ମବିଶ୍ୱାସ ଓ ଲକ୍ଷ୍ୟନିଷ୍ଠ ଜୀବନ ଗଢ଼ିବା ପାଇଁ ପ୍ରେରଣା ଦେଇଥିଲେ । ପଞ୍ଚସଖା ଶିକ୍ଷା ସେତୁ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କଠିନ ଅଧ୍ୟବସାୟ ବଳରେ ଛାତ୍ରଛାତ୍ରୀ ନିଜ ନିଜର ଲକ୍ଷ୍ୟ ହାସଲ କରିବାକୁ ଆହ୍ୱାନ ଦେଇଥିଲେ । ଗୁଣାତ୍ମକ ଉନ୍ନତି ଓ ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଉପରେ ଆଲୋକପାତ କରିଥିଲେ । ଅତିରିକ୍ତ ଶିକ୍ଷା ଅଧିକାରୀ ସଦର ତରଣୀସେନ ମୁଣ୍ଡା, ସ୍ଥାନୀୟ ପଞ୍ଚାୟତ ସମିତିସଭ୍ୟ ସଞ୍ଜୟ କୁମାର ନାଏକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଙ୍ଗଳ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ ବଳରେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷୟିତ୍ରୀ ସଙ୍ଗୀତା ପ୍ରଧାନ ଓ କ୍ରୀଡାଶିକ୍ଷକ ମୌଳୀନ୍ଦୁ କୁମାର ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତ ବାର୍ଷିକ ବିବରଣୀ ଉପସ୍ଥାପନ ସହ ବିଦ୍ୟାଳୟର ସଫଳତା ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ ସେମାନଙ୍କର ଆତ୍ମବିଶ୍ୱାସ, ପ୍ରତିଭା ଓ ନେତୃତ୍ୱ କୁଶଳତାକୁ ପରିପ୍ରକାଶ କରିଥିଲେ । ଏହି ଅବସରରେ ପାଠ୍ୟ, ସହପାଠ୍ୟ, କ୍ରୀଡା ଓ ସ୍କାଉଟଗାଇଡ୍ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଉତ୍ସବକୁ ସଫଳ କରିଥିଲେ ।

## ଜାତୀୟ ରାଜପଥ ଅଧିକ୍ଷଣ ଯନ୍ତ୍ରୀଙ୍କ ଯୋଗଦାନ

**କଟକ,୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ଜାତୀୟ ରାଜପଥ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଭାବେ ଇଂ ଆଦର୍ଶ ପାଣିଗ୍ରାହୀ ତାଙ୍କ କ୍ୟାଣ୍ଟେନ ମେଣ୍ଟ ରୋଡ଼ ସ୍ଥିତ କାର୍ଯ୍ୟାଳୟରେ ଯୋଗ ନେଇଛନ୍ତି । ପୂର୍ବରୁ ଏଠାରେ ଥିବା ଯନ୍ତ୍ରୀଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯିବା ପରେ ସର୍ବୋଚ୍ଚ ଯନ୍ତ୍ରୀ (ଇଆରସି)ଙ୍କ କାର୍ଯ୍ୟାଳୟର ଅଧିକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଇଂ ପାଣିଗ୍ରାହୀଙ୍କୁ କଟକରେ ଅବସ୍ଥାପିତ କରାଯାଇ ଥିଲା । କାର୍ଯ୍ୟରେ ଯୋଗଦାନ ପରେ ସେ ଜିଲ୍ଲାରେ ଚାଲୁରହିଥିବା କାର୍ଯ୍ୟ ଗୁଡିକର ସମୀକ୍ଷା କରିବା ସହିତ ରାଜ୍ୟ ସରକାରଙ୍କ ଅଧୀନରେ ଚାଲୁ ରହିଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ ଧାରାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ତାଙ୍କର ଏହି ଦାୟିତ୍ୱ ଗ୍ରହଣ ବେଳେ ନିର୍ବାହୀ ଯନ୍ତ୍ରୀ ଜୟ କୃଷ୍ଣ ରାଉତ, ବିକାଶ ବାବୁ, ମୁନିନ୍ଦ୍ର ଗଡ଼ ନାୟକ, ଶ୍ରୋତଲିନା ଦାସ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଧର୍ମଘଟ ସଫଳ ପାଇଁ ପ୍ରସ୍ତୁତି

**ଖୋର୍ଦ୍ଧା,୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ ବାତିଲ, ଖାଲି ପଡ଼ିଥିବା ସମସ୍ତ ସରକାରୀ ପଦବୀ ପୂରଣ, ସ୍ମାର୍ଟ ମିଟର ବସାଇବା ବନ୍ଦ, ସ୍କିମ୍ ଶ୍ରମିକମାନଙ୍କୁ ଶ୍ରମିକର ମାନ୍ୟତା, ପୁରୁଣା ପେନସନ ସ୍କିମ ପ୍ରଚଳନ, କୃଷିଜାତ ଦ୍ରବ୍ୟର ଲାଭ ଜନକ ମୂଲ୍ୟ, ଏମଏନ୍ ରେଗାରେ ବର୍ଷକୁ ୨୦୦ଦିନ କାମର ଗ୍ୟାରେଣ୍ଟି ଇତ୍ୟାଦି ଦାବିରେ ୧୨ ଫେବୃୟାରୀ ଖୋର୍ଦ୍ଧା ଜିଲ୍ଲାରେ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ପ୍ରାଣନାଥ ଭବନଠାରେ ପ୍ରସ୍ତୁତି ବୈଠକ ସିଆଇଟିୟୁ ନେତା ଅନନ୍ତ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଏଆଇୟୁଟିୟୁସି ଶ୍ରମିକ ନେତା ଅଶୋକ ସାହୁ, କାର୍ତ୍ତିକ ଘଡ଼େଇ, ଶିକ୍ଷକ ନେତା କିଶୋରଚନ୍ଦ୍ର ପରମଗୁରୁ, ସୁରେଶ ବିଶ୍ୱାଳ, କର୍ମଚାରୀ ନେତା ଶଙ୍କର୍ଷଣ ପ୍ରଧାନ, ରତ୍ନାକର ସୁନ୍ଦରାୟ ଉପସ୍ଥିତ ଥିଲେ । ଖୋରଧା ଜିଲ୍ଲାର ସକଳସ୍ତରର ଜନସାଧାରଣ ଏହି ଧର୍ମଘଟ ସାମିଲ ହେବାକୁ ଆହ୍ୱାନ କରିଛନ୍ତି ।

## ପୂର୍ବ ବିବାଦରୁ ଗୋଷ୍ଠୀ ସଂଘର୍ଷ

**ଜଳେଶ୍ୱର,୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ । ପରିସ୍ପରକୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ । ଯେଉଁଥିରେ ୪ ଜଣ ଗୁରୁତର ହୋଇଛନ୍ତି । ସମସ୍ତ ଗୁରୁତଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି ।

ଇନ୍‌ଷ୍ଟାଗ୍ରାମରେ କମେଣ୍ଟମରା ଓ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା କୁହ୍ଲାଚଢ଼ ଗାଁରେ ଗୋଷ୍ଠୀ ସଂଘର୍ଷ ହୋଇଛି । କୁହ୍ଲାଚଢ଼ ଗାଁରେ ଫଜଲ ଖାନ୍ ଏବଂ କୁହ୍ଲା ଗାଁର ସେଖ୍ ଲାଲୁଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଲାଗିରହିଥିଲା । ରବିବାର ଉଭୟ ପରିବାର ମଧ୍ୟରେ ବିବାଦ ଦେଖାଦେଇଥିଲା । ଏହାପରେ କଥା କଟାକଟି ଏବଂ ଗଣ୍ଡଗୋଳ ଯାଏଁ ସ୍ଥିତି ଯାଇଥିଲା । ଯାହାଫଳରେ କି ଉଭୟ ପକ୍ଷର ୪ ଜଣ ଆହତ ହୋଇଥିଲେ । ଆହତଙ୍କୁ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

ସେପଟେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । କିଏ ଦୋଷୀ ଏବଂ କେତେ ଦିନ ଧରି ବିବାଦ ଲାଗିରହୁଥିଲା । ସେନେଇ ଛାନ୍‌ଭିନ୍ ଜାରି ରଖିଛି ପୋଲିସ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସାର୍ଥକଙ୍କ ମା'

**ରାଉରକେଲା,୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମଝି ସମୁଦ୍ରରେ ଓଡ଼ିଆ ଶିକ୍ଷାନବୀଶ ନାବିକ ସାର୍ଥକ ମହାପାତ୍ର ନିଖୋଜ ହୋଇଯିବାର ଆଜିକୁ ପାଞ୍ଚଦିନ ବିତିଗଲା । ତଥାପି ତାଙ୍କ ସମ୍ପର୍କରେ କୌଣସି ସନ୍ଧାନ ମିଳିପାରିଲା ନାହିଁ । ଅନ୍ୟପକ୍ଷରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଡାକରା ପାଇ ସାର୍ଥକଙ୍କ ମା' ରଶ୍ମିତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସାକ୍ଷାତ କରି ତାଙ୍କର ଏକମାତ୍ର ପୁଅ ସାର୍ଥକକୁ ଫେରାଇ ଆଣିବାକୁ ଆକୁଳ ନିବେଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କୁ ଆଶ୍ୱସନା ଦେଇଥିବା ରଶ୍ମିତା କହିଛନ୍ତି । ଏହାସହ ଶ୍ରୀଜଗନ୍ନାଥ ମୋ ଧନକୁ ଜୀବନ୍ତ ଫେରାଇ ଆଣିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ତେବେ କମ୍ପାନୀ ପକ୍ଷରୁ ତାଙ୍କୁ ଉପଯୁକ୍ତ ସହଯୋଗ ମିଳୁ ନଥିବା ସେ ଗୁରୁତର ଅଭିଯୋଗ କରିଛନ୍ତି । ୬ତାରିଖ ପରେ ସିପିଂ ଡିଜିଙ୍କ ପକ୍ଷରୁ ଆଉ କୌଣସି ସୂଚନା ମିଳୁନାହିଁ । ଯେତେବେଳେ ପଚାରିଲେ ସନ୍ଧାନ ଚାଲିଥିବାର ସଂକ୍ଷିପ୍ତ ଉତ୍ତର ମିଳୁଛି । ତେବେ ପ୍ରଥମ ଦିନରୁ ସିସିଟିଭି ଫୁଟେଜ ଓ ଭଏଜ୍ ଡାଟା ରେକର୍ଡର (ଭିଡିଆର) ପ୍ରଦାନ କରିବା ପାଇଁ ସାର୍ଥକଙ୍କ ପରିବାର ପକ୍ଷରୁ ଦାବି ହେଉଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ଏସବୁ ପ୍ରଦାନ କରିବାକୁ ରାଜି ହେଉନାହାନ୍ତି । ଏହାସହ କମ୍ପାନୀ ଲଗ ବୁକ୍ ମଗା ଯାଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ତାହା ପ୍ରଦାନ କରୁ ନଥିବାରୁ କମ୍ପାନୀର ଭୂମିକା ନେଇ ସନ୍ଦେହ ପ୍ରକାଶ ପାଉଛି । ଗୁରୁତ୍ୱପୂର୍ଣ୍ଣ କଥା କେବଳ ଜାହାଜର ବାହାର ଅଂଶ ଦେଖାଯାଉଥିବା ବେଳେ ଜାହାଜ ଭିତରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ତାଙ୍କ ମା' ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ମାମଲାକୁ ନେଇ ବୈଦେଶିକ ମନ୍ତ୍ରାଳୟ ସହ କ୍ରମାଗତ ଯୋଗାଯୋଗରେ ଅଛନ୍ତି । ଶିକ୍ଷ ମନ୍ତ୍ରୀ ସମ୍ପଦ ସ୍ୱାଇଁ ସାର୍ଥକଙ୍କ ପରିବାରକୁ ଭେଟି ସମସ୍ତ ପ୍ରକାର ସରକାରୀ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି । ସେପଟେ ସାର୍ଥକଙ୍କୁ ଖୋଜିବାରେ ଇଏ ଜର୍ସି ସହ ତିନୋଟି ଜାହାଜ ସହ ଆକାଶ ମାର୍ଗରୁ ମଧ୍ୟ ତଲାସି ଅଭିଯାନ ଜାରି ରହିଥିବା ସୂଚନା ମିଳିଛି ।

## ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ କବି ଓ ଲେଖକ

**ଆଳି,୯।୨ ଏକ୍ସପ୍ରେସ୍ ନ୍ୟୁଜ୍**



ଆଜିର ବିଶ୍ୱ ବୈଷୟିକ କ୍ଷେତ୍ରରେ ଯେତିକି ଉନ୍ନତି ଲାଭ କରିଛି, ବୌଦ୍ଧିକ କ୍ଷେତ୍ରରେ ସେହି ପରିମାଣରେ ଉନ୍ନତି କରି ନାହିଁ ବୋଲି 'ପରାଗ' ସାହିତ୍ୟ ସଂସଦର ୪୪ତମ ବାର୍ଷିକ ଉତ୍ସବରେ ଅତିଥିମାନେ ଏହା ପ୍ରକାଶ କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ ପରାଗ ସାହିତ୍ୟ ସଂସଦର ସଭାପତି ଅଧାପକ ରମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ ଯୋଗଦେଇ କହିଲେ ଯେ ବୈଷୟିକ ବିକାଶ ସହ ସମାନୁପାତିକ ଭାବେ ବୌଦ୍ଧିକ ବିକାଶ ନ ଘଟିଲେ ଏକ ସନ୍ତୁଳିତ ସମାଜ ଗଠନ ସମ୍ଭବ ନୁହେଁ । ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ କବି ଡ.ଶ୍ରୀହରି ଧଳ କହିଲେ ଯେ ମଣିଷ ଏବେ ବ୍ୟକ୍ତି କୈନ୍ଦ୍ରିକ ହୋଇଯାଇଛି । ଯାହା ଫଳରେ ପରିବାର ମଧ୍ୟରେ ଠିକ୍ ସମନ୍ୱୟ ରହି ପାରୁନାହିଁ । ସମ୍ମାନିତ ଅତିଥି ଭାବେ କବି ଓ ପ୍ରାବନ୍ଧିକ ରାଜୀବ ପାଣି ଓ ସଂସଦର ଉପସଭାପତି ଇଂ ନିଳାଦ୍ରୀଭୂଷଣ ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଗୋକାର୍ଣ୍ଣିକାର ସଂପାଦକ ରମାକାନ୍ତ ଯେନାଙ୍କୁ ପରାଗ ସ୍ୱତନ୍ତ୍ର ସମ୍ମାନ, ରାଜୀବ ପାଣିଙ୍କୁ ପ୍ରଥମ ଶୋଭମଣି ସ୍ୱାଇଁ କବିତା ସମ୍ମାନ, ପ୍ରେମାନନ୍ଦ ଖଣ୍ଡୁଆଳଙ୍କୁ ରତ୍ନାକର ମିଶ୍ର ଶିକ୍ଷା ଓ ସାହିତ୍ୟ ସମ୍ମାନ, ସିମାଞ୍ଚଳ ଦାସଙ୍କୁ ପରାଗ ଗଳ୍ପ ସମ୍ମାନ, ଡ଼. ସ୍ୱର୍ଣ୍ଣପ୍ରଭା ଖଟୁଆଙ୍କୁ ପରାଗ ଯୁବ କବି ସମ୍ମାନ, ପ୍ରଦୀପ୍ତ ମହାନ୍ତିଙ୍କୁ ପରାଗ ସର୍ଜନ ସମ୍ମାନ, ଖଗେଶ୍ୱର ମହାନ୍ତିଙ୍କୁ ପରାଗ କବିତା ସମ୍ମାନ ୨୦୨୬, ଶୋଭନା ଜେନାଙ୍କୁ ପରାଗ ସଫଳ ସାହିତ୍ୟିକ ସମ୍ମାନ, ନିହାରିକା ରଥଙ୍କୁ କବିତା ସମ୍ମାନ, ସନ୍ତୋଷୀନି ଦାଶ ଗିରିଙ୍କୁ ସଫଳ କବି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ନୀଳାମ୍ବର ପଣ୍ଡାଙ୍କ କବିତା ସଂକଳନ ନୀଳତରଂଗ ଓ ସନ୍ତୋଷୀନି ଦାଶ ଗିରିଙ୍କ କବିତା ଗୋଧୂଳି ସଞ୍ଚାର ଗୀତକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଦିତୀୟ ଅଧିବେଶନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ବରିଷ୍ଠ କବି ଅଶୋକ ବିଶ୍ୱାଳ ଅଧକ୍ଷତା କରିଥିଲେ । କବି ସର୍ବାଣି ଦାସ ଓ ଚାରୁଲତା ଭୂୟାଁଙ୍କ ସଯୋଜନାରେ ଓଡିଶାର ବିଭିନ୍ନ ପ୍ରାନ୍ତରରୁ ଆସି ଥିବା ୪୦ରୁ ଉର୍ଦ୍ଧ୍ୱ ଅତିଥିକବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ । ସଂପାଦକ ବନମାଳୀ ସେନାପତି ସଂପାଦକୀୟ ବିବରଣୀ ପାଠ କରିଥିଲେ ଓ କବି ସୁରେନ୍ଦ୍ର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । କବି ପୂଜାଶ୍ରୀ ସେଠୀ ମାନପତ୍ର ପାଠ କରିଥିଲେ ।

# ଋଷିକୂଲ୍ୟା ନଦୀର ସୁରକ୍ଷା ଲାଗି ସ୍ୱର ଉତ୍ତୋଳନ



**ବ୍ରହ୍ମପୁର,୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମର ଜୀବନରେଖା ଭାବେ ପରିଚିତ ଋଷିକୂଲ୍ୟା ନଦୀର ଉପର ମୁଣ୍ଡରେ ସୋରଡ଼ା ବ୍ଲକର ପିପଲପଙ୍କା ଠାରେ ଏକ ଜଳଭଣ୍ଡାର ନିର୍ମାଣ କରିବାକୁ ବର୍ତ୍ତମାନର ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ଏହି ନଦୀବନ୍ଧ ଜରିଆରେ ଋଷିକୂଲ୍ୟାର ପାଣିକୁ ଶହେ କି.ମି ଲମ୍ବା ପାଇପ୍ ଲାଇନ୍ ଯୋଗେ ନିଆଯାଇ ଛତ୍ରପୁର ଓ ଗୋପାଳପୁର ଶିଳ୍ପ କରିଡ଼ରରେ ଥିବା ଶିଳ୍ପମାନଙ୍କୁ ଦିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି । ଉପର ମୁଣ୍ଡରୁ ପାଣିକୁ କମ୍ପାନୀମାନଙ୍କ ପାଇଁ ନେଇଗଲେ ଋଷିକୂଲ୍ୟା ନଦୀ ଜଳଶୂନ୍ୟ ହୋଇଯିବ ଏବଂ ତା'ଉପରେ ନିର୍ଭରଶୀଳ ଜିଲ୍ଲାର ଲକ୍ଷ ଲକ୍ଷ ଲୋକଙ୍କ ଚାଷ ଓ ପିଇବା ପାଣି ପ୍ରଭାବିତ ହେବ ବୋଲି ଆଜି ଋଷିକୂଲ୍ୟା ନଦୀ ସୁରକ୍ଷା କନ୍‌ଭେନସନ୍‌ରେ ମତ ପ୍ରକାଶ ପାଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଳବାୟୁ ସଙ୍କଟ ଓ ନଦୀଶଯ୍ୟାରୁ ବ୍ୟାପକ ବାଲି ଖନନ ଫଳରେ ବର୍ତ୍ତମାନ ଋଷିକୂଲ୍ୟା ନଦୀ ଏକ ଶୁଷ୍କ ନଦୀରେ ପରିଣତ ହୋଇଛି । ବର୍ଷାଦିନର ତିନି ଚାରି ମାସକୁ ଛାଡ଼ିଲେ ବର୍ଷର ଅଧିକାଂଶ ସମୟ ନଦୀରେ କୌଣସି ପାଣି ରହୁନି । ଏପରି ସ୍ଥଳେ ଉପରମୁଣ୍ଡରୁ ନଦୀର ପାଣି ନେଇ କମ୍ପାନୀଙ୍କୁ ଦେଇଦେଲେ ନଦୀ ଉପରେ ଚାଷ ଓ ପିଇବା ପାଣି ପାଇଁ ନିର୍ଭରଶୀଳ ଜିଲ୍ଲାର ଲକ୍ଷ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହେବେ । ନଦୀର ପାଣି ଶୁଖିଗଲେ ଦୁଇ ପାର୍ଶ୍ୱରେ ଥିବା ଶତାଧିକ ଗ୍ରାମର ଭୂତଳ ଜଳ ହ୍ରାସ ପାଇ ଗ୍ରାମବାସୀଙ୍କ ପାଇଁ ସଙ୍କଟ ସୃଷ୍ଟି ହେବ । ଏହା ସହ ନଦୀର ପାଣି ଉପରେ ନିର୍ଭର କରୁଥିବା ବ୍ରହ୍ମପୁର, ଆସିକା, ପୁରୁଷୋତ୍ତମପୁର, ଛତ୍ରପୁର, ଗଞ୍ଜାମ, ଗୋପାଳପୁର ଆଦି ସହରର ଲକ୍ଷାଧିକ ବାସିନ୍ଦାଙ୍କ ପିଇବା ପାଣି ବ୍ୟବସ୍ଥା ପ୍ରଭାବିତ ହେବ । ପୁନଶ୍ଚ ନଦୀର ପାଣି କମିଗଲେ ନଦୀ ମୁହାଣ ଦେଇ ସମୁଦ୍ରର ଲୁଣି ପାଣି ବହୁତ ଭିତରକୁ ଆସିବା ଫଳରେ ଲୋକଙ୍କ ଚାଷ ଓ ପିଇବା ପାଣି କ୍ଷତିଗ୍ରସ୍ତ ହେବ ।

ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଜୀବନରେଖା ରୂପେ ପରିଚିତ ଋଷିକୂଲ୍ୟାର ସୁରକ୍ଷା ପାଇଁ ଲଗାତାର ଅଭିଯାନ ଚଳାଇ ଆସିଥିବା ଋଷିକୂଲ୍ୟା ନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ଏନ୍‌ଜିଓ ହଲ୍ ଠାରେ ଜିଲ୍ଲାର ସବୁ ରାଜନୈତିକ ଦଳର ନେତା ଓ ଲୋକ ପ୍ରତିନିଧିମାନଙ୍କୁ ଡ଼ାକି ଏକ ରାଉଣ୍ଡ ଟେବୁଲ କନ୍‌ଭେନସନ୍ ଅନୁଷ୍ଠିତ ହୋଇଥିଲା । କମିଟିର ଆବାହକ ସୁଧୀର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କନ୍‌ଭେନସନ୍‌ରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, କମିଟିର ସଂଯୋଜକ ଭାଲଚନ୍ଦ୍ର ଷଡ଼ଙ୍ଗୀ ଋଷିକୂଲ୍ୟା ନଦୀର ବର୍ତ୍ତମାନର ସ୍ଥିତି ଏବଂ ଅବାଧ ବାଲି ଖନନ ଓ ପ୍ରସ୍ତାବିତ ପିପଲପଙ୍କା ଡ୍ୟାମ୍ ଦ୍ୱାରା କିଭଳି ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି, ତା'ର ଉପସ୍ଥାପନା କରିଥିଲେ । କମ୍ପାନୀଙ୍କ ସ୍ୱାର୍ଥରେ ସରକାର ଯେଉଁ ନଦୀବନ୍ଧ କରିବାକୁ ଯାଉଛନ୍ତି ତା'ରି ଫଳରେ ଆଗାମୀ ଦିନରେ ଜିଲ୍ଲାର କୃଷି, କୃଷକ, ମତ୍ସ୍ୟଜିବୀ ଓ ଋଷିକୂଲ୍ୟାର ପାନୀୟ ଜଳ ଉପରେ ନିର୍ଭରଶୀଳ ସାଧାରଣ ଜନତା ସଙ୍କଟରେ ପଡ଼ିବେ ବୋଲି କହିଥିଲେ । ଦଳମତ ନିର୍ବିଶେଷରେ ବୁ ରାଜନୈତିକ ନେତା, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ସଚେତନ ନାଗରିକ ସମସ୍ତେ ଋଷିକୂଲ୍ୟା ନଦୀର ସୁରକ୍ଷା ପାଇଁ ଆଗେଇ ଆସିବାକୁ ନିବେଦନ କରିଥିଲେ ।

## ଆଶୁତୋଷ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ମାହାଙ୍ଗା,୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ମଧୁପୁର ପଞ୍ଚାୟତସ୍ଥିତ ଦୋବନ୍ଧିଆ ଠାରେ ଆଶୁତୋଷ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୬ଟି ଟିମ ଭାଗ ନେଇଥିଲେ । ଏହି ଖେଳକୁ ପ୍ରାକ୍ତନ ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ର କୁମାର ଜେନା ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଫାଇନାଲ ମ୍ୟାଚ୍ ଲାପଟୁଆଁ କ୍ରିକେଟ ଟିମ ଓ ଗୁଣୁପୁର କ୍ରିକେଟ ଟିମ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଲାପଟୁଆଁ ଟିମ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବ ଉଦ୍ୟୋଗୀ ଅଧ୍ୟକ୍ଷ ତଥା ସମାଜସେବୀ ଅରବିନ୍ଦ ମହାନ୍ତି, ମୁଖ୍ୟବକ୍ତା ସାମ୍ବାଦିକ ଅଖିଳେଶ ପଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ବେତାର ଶିଳ୍ପୀ ଅକ୍ଷୟ କୁମାର ସ୍ୱାଇଁ, ଆଶୁକବି ଉମ୍ବରୁଧର ପରିଡା, କବି ପ୍ରଭାକର ରାଉତ ପ୍ରମୁଖ ଯୋଗଦେଇ ଖେଳର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଚାମ୍ପିୟନ ଓ ରନର୍ସ ଅଫ ଟିମକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 53-KUR-TRD-OT-2025-26

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ (KUR) - ପୁରୀ, ଜଖପୁରା (JKPR) - ନୟାଗଡ଼ (NYG), କପିଳାସ ରୋଡ଼(KIS)-ସାଳଗାଁ(SQQ) ଏବଂ ନିର୍ଗୁଣ୍ଡି (NRG) - ରାଜଆଠଗଡ଼ (RJGR) ସେକ୍ସନରେ କବଚ ବ୍ୟବସ୍ଥା ସମ୍ବନ୍ଧୀୟ 06 ଗୋଟି ଟାୱାରଗୁଡ଼ିକ ନିମନ୍ତେ 10kVA ପାୱାର ଅଗଜିଲିଆରୀ ଟ୍ରାନ୍ସଫର୍ମର (AT) ଯୋଗାଣ ନିମନ୍ତେ ବ୍ୟବସ୍ଥା ।

**ବିଜ୍ଞାପିତ ମୂଲ୍ୟ(₹):** 14,39,018.70, EMD (₹) : 28,800.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.02.2026 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.02.2026 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-1097/Q/25-26

## ହେଲ୍‌ଥ ଟନିକ୍



**ଅସହିଷ୍ଣୁ ଗ୍ରାମବାସୀ**

ପ୍ରେମ କରୁଥିବା ଜଣେ ଯୁବକ ତା'ର ସାଙ୍ଗକୁ କହୁଥିଲା- ବୁଝିଲୁରେ, ଆମ ଗାଁ ବାଲା କାହା ସୁଖ ଦେଖି ପାରନ୍ତିନି। ସାଙ୍ଗ ପଚାରିଲା- କାହିଁକି ଏମିତି ତୁ କହୁଛୁ? ଆଉ ସାଙ୍ଗ କହିଲା- ଦେଖ୍‌ନୁ, ତୋର ଯଦି ଦିନ ଦ୍ୱିପ୍ରହରରେ କାହା ଘର ଲୁଟିଥାଏ ତେବେ କେହି ସେପଟକୁ ଦୃଷ୍ଟି ଦେବନି। କିନ୍ତୁ ତୁ ଯଦି ରାତିରେ ତୋ ଗାର୍ଲ ଫ୍ରେଣ୍ଡକୁ ନେଇ ଘରକୁ ଆସିଲୁ ତା'ହେଲେ ଗାଁ ଲୋକ ଏହାକୁ ନେଇ ହୋହାଲ୍ଲା କରିବେ।


**ଶେଷ ପୃଷ୍ଠା**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 10th February, 2026 Tuesday | RNI Regd. No. ODIODI/2006/23033 | Postal Regd. No. : BN/169/13-15


# ଟି-୨୦ ବିଶ୍ୱକପ: ୧୫ରେ ଭାରତ ସହ ଖେଳିବ ପାକିସ୍ତାନ

**ଦୁବାଇ,୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଟି-୨୦ ବିଶ୍ୱକପରେ ଭାରତ ବିପକ୍ଷ ମ୍ୟାଚ୍ ଖେଳିବାକୁ ପାକିସ୍ତାନ ପ୍ରସ୍ତୁତ ରହିଛି। ନିଜର ବୟକଟ ନିଷ୍ପତ୍ତିର ବିଚାର କରିବା ଓ ସରକାରଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ରାଜି ଥିବା ପାକିସ୍ତାନ ଆଇସିସି ଆଗରେ ୩ଟି ସର୍ତ୍ତ ରଖିଛି।

ଯଦି ଆଇସିସି ୩ ସର୍ତ୍ତରେ ରାଜି ହେବ, ତା'ହେଲେ ଆସନ୍ତା ୧୫ ତାରିଖରେ ପାକିସ୍ତାନ ବିଶ୍ୱକପରେ ଭାରତ ବିପକ୍ଷରେ ମ୍ୟାଚ୍ ଖେଳିବାକୁ କଲମ୍ବୋ ପିଚକୁ ଓହ୍ଲାଇବ ବୋଲି କହିଛି। କିନ୍ତୁ ପାକିସ୍ତାନ କ୍ରିକେଟ ବୋର୍ଡ ବା ପିସିବି ପକ୍ଷରୁ ରଖାଯାଇଥିବା ୩ ସର୍ତ୍ତ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ଏହା ମଧ୍ୟରେ ଭାରତୀୟ ଖେଳାଳିଙ୍କ ସହ ହାତ ମିଳାଇବା ଭଳି ସର୍ତ୍ତ ମଧ୍ୟ ରହିଛି।

ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ଜାରି ରହିଥିବା ବିବାଦର ସମାଧାନ ପାଇଁ ରବିବାର ଲାହୋରର ଗଦାଫି ଷ୍ଟାଡିୟମରେ ଆଇସିସ, ପିସିବି ଓ ବାଂଲାଦେଶ କ୍ରିକେଟ ବୋର୍ଡର ମୁଖ୍ୟ ଅମିନୁଲ ଇସଲରାମ ବୁଲବଲଙ୍କ ମଧ୍ୟରେ ବୈଠକ ହୋଇଥିଲା। ଏହି ବୈଠକରେ ଆଇସିସି ଧାର୍ଯ୍ୟ ସୂଚୀ ଅନୁସାରେ ଭାରତ-ପାକିସ୍ତାନ ମ୍ୟାଚ୍ ଆୟୋଜନ ଉପରେ ଫୋକସ କରିଥିଲା।

ପାକିସ୍ତାନ ପୂର୍ବରୁ ଏହି ମ୍ୟାଚକୁ ବୟକଟ କରିବ ବୋଲି ଘୋଷଣା କରିଥିବାରୁ ଏହାର ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ଆଇସିସି ଉପାଧ୍ୟକ୍ଷ ପିସିବିର ସଦସ୍ୟମାନଙ୍କୁ ବୁଝାଇଥିଲେ। ପିସିବି ସବୁ କିଛି ବୁଝିବା ପରେ ଏକାଧିକ ସର୍ତ୍ତ ଆଇସିସି ଆଗରେ ଉପସ୍ଥାନ କରିଛି।




ଏହା ମଧ୍ୟରେ ଥିବା ୩ଟି ସର୍ତ୍ତ ସମସ୍ତଙ୍କୁ ଚକିତ କରିଛି। ସର୍ତ୍ତଗୁଡ଼ିକ ହେଲା ଆଇସିସି ପକ୍ଷରୁ ପିସିବିକୁ ମିଳୁଥିବା ରାଜସ୍ୱକୁ ବୃଦ୍ଧି କରିବା, ଭାରତ ସହ ଦ୍ୱିପାକ୍ଷିକ କ୍ରିକେଟକୁ ପୁଣି ଚାଲୁ କରିବା ଓ ହାତ ମିଳାଇବା ପ୍ରୋଟକଲକୁ କଡାକଡି ଲାଗୁ କରିବା।

ଏସିଆ କପରେ ଭାରତୀୟ ଖେଳାଳିମାନେ ପାକିସ୍ତାନର ଖେଳାଳିଙ୍କ ସହ ହାତ ମିଳାଇ ନଥିଲେ। ସେହିପରି ଏସିଆ କପ ଫାଇନାଲ ଜିତିବା ପରେ ମଧ୍ୟ ପିସିବି ମୁଖ୍ୟ ଭାବେ କାର୍ଯ୍ୟ କରୁଥିବା ଏସିସି ଅଧ୍ୟକ୍ଷ ମୋହଶିନ ନକଭୀଙ୍କ ଠାରୁ ଭାରତୀୟ ଟିମ ଟ୍ରଫି ଗ୍ରହଣ କରି ନଥିଲା। ଏହାକୁ ନେଇ ଲୋକଲଜ୍ଜାର ସମ୍ମୁଖୀନ ହୋଇଥିବା ପାକିସ୍ତାନ ଏବେ ଭାରତୀୟ ଖେଳାଳିଙ୍କ ସହ ହାତ ମିଳାଇବାକୁ ବିକଳ ହୋଇ ଉଠିଛି। ଭାରତ ବିପକ୍ଷ ବିଶ୍ୱକପ ମ୍ୟାଚ ଖେଳିବା ନେଇ ପାକିସ୍ତାନ ଏହାକୁ ପ୍ରମୁଖ ସର୍ତ୍ତ ଭାବେ ଉପସ୍ଥାପନ କରିଛି।

ପିସିବି ପକ୍ଷରୁ ଉପସ୍ଥାପନ ହୋଇଥିବା ୩ ସର୍ତ୍ତ ଉପରେ ଆଇସିସି କୌଣସି ପ୍ରକାରର ସ୍ପଷ୍ଟୀକରଣ ରଖିନାହିଁ। ସେହିପରି ଦ୍ୱିପାକ୍ଷିକ ସିରିଜ ଆରମ୍ଭ କରିବା ସଂପୂର୍ଣ୍ଣ ଭାବେ ଦୁଇ ବୋର୍ଡଙ୍କ ଉପରେ ନିର୍ଭର କରେ। ତଥାପି ପିସିବି ପକ୍ଷରୁ କାହିଁକି ଆଇସିସି ଆଗରେ ଏହାର ସର୍ତ୍ତ ରଖାଗଲା, ତାହା ମଧ୍ୟ ବୁଝାପଡିନି।

ପ୍ରଥମ ସର୍ତ୍ତ ଉପସ୍ଥାପନ କରି ପିସିବି ଅଧିକ ଟଙ୍କା ଆଇସିସି ଠାରୁ ହାତେଇବାକୁ ଲକ୍ଷ୍ୟ ରଖିଛି। ଭାରତ-ପାକିସ୍ତାନ ବିଶ୍ୱକପରେ ମ୍ୟାଚ୍ ନଖେଳିଲେ ପିସିବି ଭଲ ଭାବେ ଜାଣିଛି ଯେ ଆଇସିସିକୁ ବଡ କ୍ଷତି ସହିବାକୁ ପଡିବ। ତେଣୁ ପାକିସ୍ତାନ ଜାଣିଶୁଣି ଆଇସିସି ଆଗରେ ମ୍ୟାଚ ଖେଳିବା ପାଇଁ ରାଜସ୍ୱ ବୃଦ୍ଧିର ପ୍ରସ୍ତାବ ରଖିଛି। ଆଇସିସି ରାଜସ୍ୱ ବଣ୍ଟରୁ ସର୍ବାଧିକ ଲାଭ ପାଉଥିବା ଦେଶଗୁଡିକ ମଧ୍ୟରେ ପାକିସ୍ତାନ ୪ ନମ୍ବରେ ରହିଛି। ଆଇସିସି ଆୟର ୫.୭୫% ରାଜସ୍ୱ ପିସିବି ପାଉଛି। ୨୦୨୩ରେ ପାକିସ୍ତାନ ୩୪.୫୧ ମିଲିୟନ ଡଲାର ପାଇଥିଲା। ପାକିସ୍ତାନ ତୁଳନାରେ ବିସିସିଆଇ ୨୯୩ ମିଲିୟନ ଡଲାର, ଇଂଲଣ୍ଡ ୧୩୯ ମିଲିୟନ ଡଲାର ଓ ଅଷ୍ଟ୍ରେଲିଆ ୧୨୮ ମିଲିୟନ ଡଲାର ଆଇସିସି ଠାରୁ ପାଉଛନ୍ତି। ଏବେ ପାକିସ୍ତାନ ଏହାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି।

# ପୋଲିସ ଅଧିନିୟମ ୩୦ ଧାରା ମଇ ୨ ପର୍ଯ୍ୟନ୍ତ ବଳବତ୍ତର

**କଟକ,୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସବିଶେଷ ସୂଚନା ଅନୁଯାୟୀ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ଶ୍ରମିକ ସାମୁଖ୍ୟ/ଛାତ୍ରସଂଘ ଇତ୍ୟାଦି ଏବଂ ଅନ୍ୟାନ୍ୟ ଶ୍ରେଣୀ/ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ଶୋଭାଯାତ୍ରା ଓ ସାଧାରଣ ସଭା ଆଦି ସର୍ବସାଧାରଣ ସ୍ଥାନ/ସାହି ଏବଂ କଟକ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ସଂଗଠିତ ହୋଇଥାଏ । ଏହି ଶୋଭାଯାତ୍ରା ଓ ସାଧାରଣ ସଭାଗୁଡ଼ିକୁ ସର୍ବସାଧାରଣ ସ୍ଥାନରେ ନିୟନ୍ତ୍ରଣ କରିବା ନିମନ୍ତେ ପୋଲିସ ଅଧୀନିୟମ ୩୦ ଅନୁଯାୟୀ ଜିଲ୍ଲାର ସମସ୍ତ ୨୧ଟି ପୋଲିସ ଥାନା ଯଥା-ସାଲେପୁର, ନିଶ୍ଚିନ୍ତକୋଇଲି, ନେମାଳ, ମାହାଙ୍ଗା, ଭଦ୍ରେଶ୍ୱର, କିଶନନଗର, ନିଆଳି, ଗୋବିନ୍ଦପୁର, ଓଲଟପୁର, ଟାଙ୍ଗୀ, ଗୁରୁଡ଼ିଝାଟିଆ, ଖୁଣ୍ଟୁଣୀ, ଆଠଗଡ଼, ତିଗିରିଆ, ବଡ଼ମ୍ବା, ମାଣିଆବନ୍ଦ, ନରସିଂହପୁର, ଜୋବ୍ରା, କାନପୁର, ବାଙ୍କୀ ଓ ବୈଦେଶର ପୋଲିସ ସୀମା ମଧ୍ୟରେ ଆଦେଶନାମା ଜାରି କରାଯାଇଛି ।

ଏଠାରେ ସୂଚିତ କରାଯାଇପାରେ ଯେ, ୦୨.୦୨.୨୦୨୬ ରିଖ ଠାରୁ ୦୨.୦୫.୨୦୨୬ ରିଖ ମଧ୍ୟରେ କୌଣସି ରାଜନୈତିକ ସଂଗଠନ/ ବ୍ୟକ୍ତିବିଶେଷ ସାମୂହିକ ଭାବେ ଶୋଭାଯାତ୍ରା, ଧାରଣା/ଅନିୟନ୍ତ୍ରିତ ଗହଳି ସଂଗଠିତ ହେଉଥିବା ଓ ଏଥି ଜନିତ ଶାନ୍ତି ଭଂଗ ହେବାର ଆଶଙ୍କା ଥିଲେ । ସଂପୃକ୍ତ ଅଂଚଳ ଉପଖଣ୍ଡ ପୋଲିସ ଅଧିକାରୀ/ପୋଲିସ ନିରୀକ୍ଷକ/ଭାରାପ୍ରାପ୍ତ ଅଧିକାରୀଙ୍କ ଠାରୁ ୩୦ ଧାରା ଅନୁଯାୟୀ ଅନୁମତିପ୍ରାପ୍ତ କରିବାକୁ ହେବ ବୋଲି କଟକ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ଆଦେଶନାମାରେ ପ୍ରକାଶ କରିଛନ୍ତି ।

ବିଶେଷ ଭାବେ ସାଧାରଣ ସଭା ସଂଗଠିତ କରିବା ନିମନ୍ତେ ଆବେଦନକାରୀ ସମୟ, ସ୍ଥାନ ଓ ଉଦ୍ଦେଶ୍ୟ ଏବଂ ସ୍ଥିରୀକୃତ ବକ୍ତାମାନଙ୍କ ନାମ ସୂଚିତ କରିବାକୁ ଆଦେଶନାମାରେ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଶୋଭାଯାତ୍ରା କ୍ଷେତ୍ରରେ ଦରଖାସ୍ତଗୁଡ଼ିକ ଏହାର ଗନ୍ତବ୍ୟସ୍ଥଳ, ରହଣିସ୍ଥାନ, ସମୟ ଅଂଶଗ୍ରହଣକାରୀଙ୍କ ଆନୁମାନିକ ସଂଖ୍ୟା, ଯଦି ଡାକବାଜି ଯନ୍ତ୍ର ଓ ସଂଗୀତ ଯନ୍ତ୍ରାଂଶର ଆବଶ୍ୟକ ଥାଏ, ତେବେ ଏହାର ସଂଖ୍ୟା ନିରୂପଣ ପୂର୍ବକ ଉଲ୍ଲେଖ କରିବା ଆବଶ୍ୟକ । ଏଥି ସହ ଆବେଦନକାରୀ ଯଦି ଆତଶବାଜି ପ୍ରଦର୍ଶନ କରିବାକୁ ଚାହୁଁଥାନ୍ତି, ତେବେ ତାହା କେଉଁ ଶ୍ରେଣୀଭୁକ୍ତ ଏବଂ ଏହାର ନିର୍ଦ୍ଧାରିତ ସମୟ ଓ ପ୍ରଦର୍ଶନ ସ୍ଥାନ ସୂଚିତ କରିବାର ଆବଶ୍ୟକତା ରହିଛି ବୋଲି ଆଦେଶନାମାରେ ଉଲ୍ଲେଖ କରାଯାଇଛି । ବିଜ୍ଞପ୍ତି ମୁତାବକ ଲାଇସେନ୍ସ ପ୍ରାପ୍ତ ନିମନ୍ତେ ପ୍ରତ୍ୟେକ ଦରଖାସ୍ତ ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ କାର୍ଯ୍ୟକ୍ରମ ସଂଗଠିତ ହେବାର ସର୍ବନିମ୍ନ ୩ ଦିନ ପୂର୍ବରୁ ପହଞ୍ଚିବା ଆବଶ୍ୟକ । ଏଠାରେ ସୂଚିତ କରାଯାଇପାରେ ଯେ, ଏହି ଆଦେଶନାମା ପୂର୍ବ ସୂଚିତ ଅଂଚଳଗୁଡ଼ିକରେ ୯୦ଦିନ ପର୍ଯ୍ୟନ୍ତ ବା ୦୨.୦୨.୨୦୨୬ ଠାରୁ ୦୨.୦୫.୨୦୨୬ ରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜଣାପଡ଼ିଛି । ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଏହି ଆଦେଶନାମା ସଂଖ୍ୟା ୩୩୫/ ନ୍ୟାୟିକ ୦୪.୦୨.୨୦୨୬ ରିଖରେ ଅନୁମୋଦନ ଲାଭ କରିଛି ବୋଲି କଟକ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି।

# ଏସଆଇଆର ପ୍ରକ୍ରିୟାରେ ବାଧା ସୃଷ୍ଟି କରିବାକୁ ଦେବୁ ନାହୁଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୁପ୍ରିମକୋର୍ଟ ଏସଆଇଆର ପ୍ରସଙ୍ଗରେ ସମସ୍ତ ରାଜ୍ୟଗୁଡିକୁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପଠାଇଛନ୍ତି। ରାଜ୍ୟଗୁଡିକୁ କୁହାଯାଇଛି ଯେ ଏହି ପ୍ରକ୍ରିୟାରେ କୌଣସି ବାଧା ସୃଷ୍ଟି କରିବାକୁ ଦେବୁ ନାହିଁ। ସିଜେଆଇ ସୂର୍ଯ୍ୟକାନ୍ତ ପଶ୍ଚିମବଙ୍ଗରେ ଏସଆଇଆର ମାମଲାର ଶୁଣାଣି ସମୟରେ ଏହି ମନ୍ତବ୍ୟ ଦେଇଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି ଯେ 'ଏସଆଇଆର ପ୍ରକ୍ରିୟାରେ ଯେଉଁଠାରେ ଉନ୍ନତି ଆବଶ୍ୟକ, ସେଠାରେ ନିର୍ଦ୍ଦେଶ ଜାରି କରାଯିବ। ତଥାପି, ଯଦି କୌଣସି ପ୍ରତିବନ୍ଧକ ସୃଷ୍ଟି ହୁଏ, ତେବେ ଆମେ ତାହା ହେବାକୁ ଦେବୁ ନାହିଁ' ସମସ୍ତ ରାଜ୍ୟ ଏହାକୁ ବୁଝିବା ଉଚିତ।

ସିଜେଆଇ ଆହୁରି ମଧ୍ୟ କହିଛନ୍ତି ଯେ ଗତ ଶୁଣାଣିରେ କୁହାଯାଇଥିଲା ଯେ ଡ୍ରାଫ୍ଟରେ ୭୦ ଲକ୍ଷ ଭୋଟରଙ୍କ ନାମର ସ୍ପେଲିଂ ମେଳ ଖାଉ ନାହିଁ ଏବଂ ଏହା ମଧ୍ୟ କୁହାଯାଇଥିଲା ଯେ କର୍ମଚାରୀ ଅଭାବ ଯୋଗୁଁ ନିର୍ବାଚନ କମିଶନଙ୍କୁ ମାଇକ୍ରୋ-ପର୍ଯ୍ୟବେକ୍ଷକ ନିଯୁକ୍ତ କରିବାକୁ ପଡିଥିଲା।

ମମତା ବାନାର୍ଜୀଙ୍କ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଓକିଲ ଶ୍ୟାମ ଦିବାନ କୋର୍ଟକୁ ସୂଚନା ଦେଇଥିଲେ ଯେ ସରକାର ୮,୫୦୦ ଅଧିକାରୀଙ୍କ ବ୍ୟବସ୍ଥା କରିଛନ୍ତି। ସିଜେଆଇ ନିର୍ବାଚନ କମିଶନଙ୍କୁ ପଚାରିଥିଲେ ଯେ ଏହି ଅଧିକାରୀଙ୍କ ତାଲିକା ମିଳିଛି କି? ନିର୍ବାଚନ କମିଶନଙ୍କ ଓକିଲ କୋର୍ଟକୁ କହିଥିଲେ ଯେ ଏପର୍ଯ୍ୟନ୍ତ ଅଧିକାରୀଙ୍କ ନାମ ପ୍ରଦାନ କରାଯାଇ ନାହିଁ। ସିଜେଆଇ କହିଛନ୍ତି ଯେ ନାମଗୁଡ଼ିକ ଫେବୃଆରୀ ୪ କିମ୍ବା ୫ ତାରିଖରେ ପଠାଯାଇପାରିଥାନ୍ତା।

ଏହି ସମୟରେ, କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଏସଜି ତୁଷାର ମେହେଟ୍ଟା କହିଛନ୍ତି ଯେ ଏକ ସାମ୍ବିଧାନିକ ସଂସ୍ଥା, ଭାରତର ନିର୍ବାଚନ କମିଶନକୁ ଧମକ ଦିଆଯାଉଛି। ପରିସ୍ଥିତିକୁ ସୁଧାରିବା ପାଇଁ ଯେକୌଣସି ନିର୍ଦ୍ଦେଶ ଜାରି କରାଯିବା ଉଚିତ। ରାଜନେତାମାନେ ହିଂସାକୁ ଉସୁକାଉଛନ୍ତି। ଏହି ବାର୍ତ୍ତା ପଠାଯିବା ଉଚିତ ଯେ ସମ୍ବିଧାନ ସମସ୍ତ ରାଜ୍ୟ ପାଇଁ ପ୍ରଯୁଜ୍ୟ।

ପଶ୍ଚିମବଙ୍ଗ ନିଶ୍ଚିତ କରିବା ଉଚିତ ଯେ ସମସ୍ତ ୮,୫୫୫ ଗ୍ରୁପ୍ ବି ଅଧିକାରୀ, ଯାହାଙ୍କ ତାଲିକା ଆଜି ଦାଖଲ କରାଯାଇଛି, ସେମାନେ ସନ୍ଧ୍ୟା ୫ଟା ସୁଦ୍ଧା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ରିପୋର୍ଟ କରନ୍ତୁ। ନିର୍ବାଚନ କମିଶନଙ୍କ ପାଖରେ ବିଦ୍ୟମାନ ଇଆରଓ ଏବଂ ଏଇଆରଓମାନଙ୍କୁ ବଦଳାଇବା ଏବଂ ଯୋଗ୍ୟ ବୋଲି ଜଣାପଡିଥିବା ଅଧିକାରୀଙ୍କ ସେବା ବ୍ୟବହାର କରିବାର ଅଧିକାର ରହିବ। ଅଧିକାରୀଙ୍କ ଜୀବନାବଳୀର ଏକ ସଂକ୍ଷିପ୍ତ ଯାଞ୍ଚ ପରେ, ଏହି ରାଜ୍ୟ ସରକାରୀ ଅଧିକାରୀମାନେ ମାଇକ୍ରୋ ପର୍ଯ୍ୟବେକ୍ଷକ ଭାବରେ କାର୍ଯ୍ୟ କରିବା ପାଇଁ ଗୋଟିଏ କିମ୍ବା ଦୁଇ ଦିନର ଏକ ସଂକ୍ଷିପ୍ତ ତାଲିମ ପାଇପାରିବେ।

ମାଇକ୍ରୋ ପର୍ଯ୍ୟବେକ୍ଷକ କିମ୍ବା ରାଜ୍ୟ ସରକାରୀ ଅଧିକାରୀମାନଙ୍କୁ ନ୍ୟସ୍ତ ଦାୟିତ୍ୱ କେବଳ ଇଆରଓଙ୍କୁ ସହାୟତା କରିବା ପାଇଁ ହେବ, କାରଣ ଚୂଡ଼ାନ୍ତ ନିଷ୍ପତ୍ତି ଇଆରଓଙ୍କ ଉପରେ ନିର୍ଭର କରେ। ଯେହେତୁ ସରକାରୀ ଅଧିକାରୀଙ୍କ ଏକ ନୂତନ ଗୋଷ୍ଠୀ ଯୋଡାଯାଇଛି, ପ୍ରଭାବିତ ବ୍ୟକ୍ତିମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଡକ୍ୟୁମେଣ୍ଟ ଯାଞ୍ଚ ପ୍ରକ୍ରିୟା ଅଧିକ ସମୟ ନେବାର ସମ୍ଭାବନା ରହିଛି।

# ଅଭିନେତା ସାତ୍ତ୍ୱିକୀ ମିଶ୍ରଙ୍କୁ ହତ୍ୟା ଧମକ

**କଟକ,୯।୨: ଏକ୍ସପ୍ରେସ୍ ନ୍ୟୁଜ୍**

ପାରିବାରିକ ବିବାଦକୁ ନେଇ କଟକ ଡିସିପିଙ୍କୁ ଓଡ଼ିଆ ଅଭିନେତା ସାତ୍ତ୍ୱିକୀ ମିଶ୍ର ଭେଟିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୈତୃକ ସଂପତ୍ତି ଓ ବ୍ୟବସାୟିକ ପ୍ରତିଷ୍ଠାନର ମାଲିକାନାକୁ ନେଇ ଓଲିଉଡ଼ ଅଭିନେତା ସାତ୍ତ୍ୱିକୀ ମିଶ୍ରଙ୍କୁ ହତ୍ୟା କରିବାକୁ ଧମକ ଆସିଛି । ପୁସ୍ତକ ପ୍ରକାଶନ ସଂସ୍ଥା "କଟକ ଷ୍ଟୁଡେଣ୍ଟ ଷ୍ଟୋର" ମାଲିକାନାକୁ ନେଇ ବିବାଦ ହୋଇଥିଲା । ୨ ବଡ଼ ବାପାଙ୍କ ପୁଅଙ୍କ ବିରୋଧରେ ସାତ୍ତ୍ୱିକୀ ଅଭିଯୋଗ ଆଣିଛନ୍ତି । ଗତ ୬ ତାରିଖରେ ସାତ୍ତ୍ୱିକୀଙ୍କ ଘରେ ପଶି ଅଭିଯୁକ୍ତମାନେ ତାଙ୍କ ବୃଦ୍ଧ ବାପାଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି । ପୁରୀଘାଟ ଥାନାରେ ଏତଲା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନହେବାରୁ ସାତ୍ତ୍ୱିକୀ ଡିସିପିଙ୍କୁ ଭେଟିଛନ୍ତି । ଡିସିପିଙ୍କୁ ଭେଟି ନିଜ ପରିବାରର ସୁରକ୍ଷା ଓ ନ୍ୟାୟ ପାଇଁ ସାତ୍ତ୍ୱିକୀ ଗୁହାରି କରିଛନ୍ତି । ଡିସିପିଙ୍କ ନିକଟରେ ଫେରାଦ ହୋଇ ଅଭିନେତା ସାତ୍ତ୍ୱିକୀ କହିଛନ୍ତି, ମୋ ଜୀବନ ପ୍ରତି ବିପଦ ଅଛି । ଜୀବନରୁ ମାରିଦେବାକୁ ଧମକ ମିଳିଛି । କେବଳ ଏତିକି ନୁହେଁ, ମୋ ପତ୍ନୀଙ୍କୁ ମଧ୍ୟ ଅଶାଳୀନ ବ୍ୟବହାର କରାଯାଉଛି ବୋଲି ସାତ୍ତ୍ୱିକୀ ଅଭିଯୋଗ କରିଛନ୍ତି । ଅପର ପକ୍ଷରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।










## ପ୍ରଥମ ପୃଷ୍ଠାରୁ...

### ଛାତ୍ରୀକୁ ହତ୍ୟା...

ପ୍ରାଣ ହରାଇଛନ୍ତି। ତେବେ ପ୍ରିନ୍ସ ରାଜ ଗୁଳି ମାଡରେ ଗୁରୁତର ଆହତ ହୋଇ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସିତ ହେଉଛି।

ସିସିଟିଭି ଫୁଟେଜରେ ଦେଖିବାକୁ ମିଳୁଛି ଯେ ପ୍ରିନ୍ସ ରାଜ କାନ୍ଧରେ ବ୍ୟାଗ ପକାଇ କ୍ଲାସରୁମକୁ ଆସୁଛି। ସେ କ୍ଲାସରୁମରେ ପଶିବା ପରେ କୌର ଓ ଆଉ ଜଣେ ଛାତ୍ରୀଙ୍କ ପାଖକୁ ଆସିଥିଲା। ସେମାନଙ୍କ ସହ କିଛି ସେକେଣ୍ଡ କଥା ହୋଇଥିଲା। ୩ ଜଣ ଯାକ କଥା ହୋଇ ପଛ ବେଞ୍ଚକୁ ବସିବାକୁ ଆସିଥିଲେ। କବାଟ ପାଖରୁ ପଛ ବେଞ୍ଚ ଯାଏ ଆସିବା ବେଳେ ମଧ୍ୟ ସେମାନେ ପରସ୍ପର ସହ କଥା ହେବା ଜାରି ରଖିଥିଲେ।

ପଛ ବେଞ୍ଚରେ ବସି କଥା ହେଉଥିବା ବେଳେ ହଠାତ୍ ପ୍ରିନ୍ସ ରାଜ ଛିଡା ହୋଇଥିଲା ଓ ନିଜ ବ୍ୟାଗ ଖୋଲି ବନ୍ଧୁକ ବାହାର କରିଥିଲା। କେହି କିଛି ବୁଝିବା ଆଗରୁ ସେ ପଏଣ୍ଟ ବ୍ଲାଙ୍କରୁ କୌରଙ୍କ ଉପରକୁ ଗୁଳି ଚଳାଇଥିଲା। କୌର ଘଟଣା ସ୍ଥଳରେ ହିଁ ଟଳି ପଡିଥିଲେ। ସହପାଠୀମାନେ ତାଙ୍କ ପାଖକୁ ଦୌଡି ଆସୁଥିବା ବେଳେ ପ୍ରିନ୍ସ ରାଜ ସେହି ବନ୍ଧୁକରୁ ଆଉ ଗୋଟିଏ ଗୁଳି ନିଜ ଉପରକୁ ଚଳାଇଥିଲେ। ସେ ମଧ୍ୟ ସେଠାରେ ପଡି ଯାଇଥିଲା।

ଏହା ଦେଖି ଅନ୍ୟ ଶିକ୍ଷାର୍ଥୀମାନେ ଭୟରେ ଚିତ୍କାର କରିବା ସହ ବାହାରକୁ ଦୌଡାଦୌଡି ହୋଇ ଚାଲି ଯାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ସ୍କୁଲ କର୍ତ୍ତୃପକ୍ଷ ଓ ପୁଲିସ୍ ପକ୍ଷରୁ କୌର ଓ ପ୍ରିନ୍ସ ରାଜକୁ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ସେଠାରେ କୌରଙ୍କୁ ମୃତ ଘୋଷଣା କରାଯାଇଛି। ଏବେ ବି ପ୍ରିନ୍ସ ରାଜ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ପୁଲିସ୍ ଅଧିକାରୀଙ୍କ କହିବା କଥା ଯେ କ୍ଲାସ ଆରମ୍ଭ ହେବାର କିଛି ମିନିଟ ପୂର୍ବରୁ ହିଁ ପୂରା ଘଟଣା ଘଟିଥିଲା। କିନ୍ତୁ ଏହାର ପ୍ରକୃତ କାରଣ ଏଯାଏ ଜଣାପଡିନି। ସେହିପରି କଲେଜ ପରିସରକୁ କେମିତି ପ୍ରିନ୍ସ ରାଜ ବନ୍ଧୁକ ନେଇ ଆସିଲା, ତା' ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ମୋହନଙ୍କୁ ନବୀନଙ୍କ...

ଦିଆଯାଇଥିଲା। ହେଲେ ବାସ୍ତବ ଚିତ୍ର ଭିନ୍ନ। ମଣ୍ଡିଗୁଡିକ ଏବେ ନିର୍ଯ୍ୟାତନାର କେନ୍ଦ୍ର ପାଲଟିଛି। ଆର୍ଦ୍ରତା ଓ ନିମ୍ନ ମାନର ଧାନ ଆଳ ଦେଖାଇ କ୍ୱିଣ୍ଟାଲ ପିଛା ୫ ରୁ ୭ କେଜି ପର୍ଯ୍ୟନ୍ତ କଟନୀ-ଛଟନୀ କରାଯାଉଛି। ଯାହାକି ଚାଷୀଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ମିଲର ଓ ସ୍ଥାନୀୟ ଅଧିକାରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଚାଷୀମାନଙ୍କ କଠିନ ପରିଶ୍ରମର ମୂଲ୍ୟ ପାଉନାହାନ୍ତି। ଏ କଟନୀ ଛଟନୀ କେବେ ବନ୍ଦ ହେବ? ସରକାର କେବେ ପ୍ରତିଶ୍ରୁତି ପାଳନ କରିବେ? ରାଜ୍ୟର ସବୁ ଚାଷୀ ଭାଇ ଭଉଣୀଙ୍କୁ କ୍ୱିଣ୍ଟାଲ ପିଛା ଇନପୁଟ୍ ସବସିଡି ୮୦୦ ଟଙ୍କା ଲେଖାଏଁ ଦେବା ପାଇଁ ବିଜେପି ସରକାର ଘୋଷଣା କରିଥିଲେ। କିନ୍ତୁ ନିକଟରେ ସରକାର ଏହି ସବସିଡି ପାଇଁ ଚାଷୀ ପିଛା ସର୍ବାଧିକ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ଧାର୍ଯ୍ୟ କରି ପ୍ରତିଶ୍ରୁତି ଭାଙ୍ଗିଛନ୍ତି। ଏହି ସିଲିଙ୍ଗ୍ ଅଧିକ ଉତ୍ପାଦନ କରୁଥିବା ଚାଷୀମାନଙ୍କ ପାଇଁ ଦଣ୍ଡ ପାଲଟିଛି। ଚାଷୀଙ୍କୁ ସେମାନଙ୍କର ସମଗ୍ର ଉତ୍ପାଦନ ଉପରେ ୩୧୦୦ ଟଙ୍କା ଇନପୁଟ୍ ସବସିଡି ଦେବା ଘୋଷଣାରୁ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି?

ସେପଟେ ନବୀନଙ୍କ ଚିଠି ପରେ କାଉଣ୍ଟର କରିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଶ୍ରୀ ସାମଲ କହିଛନ୍ତି ଯେ ଯେଉଁମାନେ ଧାନ କିଣା ବ୍ୟବସ୍ଥାରେ ବିଭ୍ରାଟ କରିଥିଲେ ସେମାନଙ୍କ ଧାନ କିଣା ବିଷୟରେ କହିବାକୁ ନୈତିକ ସାହସ ନାହିଁ ବୋଲି କହିଛନ୍ତି। ଏହାସହ ସେ କହିଛନ୍ତି କି, ସରକାର ଇନପୁଟ ସବସିଡି ୮୦୦ ଟଙ୍କା କେମିତି ଦେଉଛନ୍ତି ତାହାକୁ ସେମାନେ ସହି ପାରୁନାହାନ୍ତି। ୮୦୦ ଟଙ୍କା ପ୍ରସଙ୍ଗକୁ ବାଟବଣା କରିବା ପାଇଁ ସେମାନେ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ଧାନ କିଣାକୁ ଷ୍ଟ୍ରିମ ଲାଇନ କରିବାକୁ ସରକାର ସମସ୍ତ ବ୍ୟବସ୍ଥା କରିଛନ୍ତି। ଧାନ କ୍ୟୁଣ୍ଟାଲ ୮୦୦ ଟଙ୍କା ଅଧିକ ଦିଆଯାଉଛି, କିନ୍ତୁ ସେମାନେ ୫୦ ଟଙ୍କା ୧୦୦ ଟଙ୍କା ଅଧିକ ଦେଇ ପାରୁନଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିକଟରେ ଭାରତ ସରକାର ଧାନର ସଂଗ୍ରହ ମୂଲ୍ୟରେ ୬୯ ଟଙ୍କା ବୃଦ୍ଧି କରିଛନ୍ତି । ଓଡିଶାର ଚାଷୀଙ୍କୁ ଏହି ବର୍ଦ୍ଧିତ ୬୯ ଟଙ୍କା ନଦେବା ଏକ ପ୍ରତାରଣା ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଛି। ତେଣୁ ଧାନକୁ କାକର ଓ ଚୋରୀରୁ ରକ୍ଷା କରିବା ପାଇଁ ଚାଷୀମାନଙ୍କୁ ରାତିସାରା ଜଗି ରହିବାକୁ ପଡୁଛି। ମଣ୍ଡି ଗୁଡିକରେ ସର୍ବନିମ୍ନ ସୁବିଧାର ଅଭାବ, ଟୋକନ ବ୍ୟବସ୍ଥାରେ ବିଫଳତା ଏବଂ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ ଆଦି ସମସ୍ୟା ଚାଷୀମାନଙ୍କୁ ଆନ୍ଦୋଳନାତ୍ମକ ମାର୍ଗ ବାଛିବାକୁ ବାଧ୍ୟ କରୁଛି। ବିଜେପି ନିର୍ବାଚନୀ ଇସ୍ତାହାରର ଦୁଇ ନମ୍ବର ପଏଣ୍ଟରେ ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ପ୍ରାପ୍ୟ ଦେବା ପାଇଁ କୁହା ଯାଇଥିଲା, କିନ୍ତୁ ଅଧିକାଂଶ କ୍ଷେତ୍ରରେ ଚାଷୀମାନଙ୍କୁ ସେମାନଙ୍କର ହକ୍ ପାଇବାକୁ ଏକ ସପ୍ତାହରୁ ଅଧିକ ସମୟ ଲାଗୁଛି। ସେହିପରି କଟନୀ-ଛଟନୀ, ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ଏବଂ ଧାନ ସଂଗ୍ରହ ଓ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି, ଯାହା ଦ୍ୱାରାକି ଚାଷୀମାନେ ଅସାଧୁ ବ୍ୟବସାୟୀ ଓ ମିଲରମାନଙ୍କ ଶୋଷଣର ଶିକାର ହେଉଛନ୍ତି। ଚାଷୀକୁ ତାର ଋଣ ପରିଶୋଧ କରିବା ପାଇଁ ବାଧ୍ୟ ହୋଇ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ବହୁତ କମ୍ ଦରରେ ଧାନ ବିକିବାକୁ ପଡୁଛି ।

କଟନୀ-ଛଟନୀ ବନ୍ଦ କରିବା ପାଇଁ ତୁରନ୍ତ ମଣ୍ଡି ଗୁଡିକରେ ସ୍ପେଶାଲ ସ୍କ୍ୱାର୍ଡ ନିୟୋଜିତ, ଦୋଷୀ ମିଲ୍ ମାଲିକ ଓ ସରକାରୀ ଅଫିସରଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ଇନପୁଟ୍ ସବ୍ସିଡି ପ୍ରଦାନ ପାଇଁ ରଖାଯାଇଥିବା ଚାଷୀ ପିଛା ସର୍ବାଧିକ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ସର୍ତ୍ତ ପ୍ରତ୍ୟାହାର, ରେଜେଷ୍ଟ୍ରିଭୁକ୍ତ ସବୁ ଚାଷୀଙ୍କ ଠାରୁ ସବୁ ଧାନ କିଣିବା, ସବୁ ଚାଷୀଙ୍କୁ ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ପ୍ରାପ୍ୟ, ୭୨ ଘଣ୍ଟା ମଧ୍ୟରେ ମଣ୍ଡିରୁ ଧାନ ଉଠାଣ ପାଇଁ ନବୀନ ଦାବି କରିଛନ୍ତି।

### ରାହୁଲଙ୍କ ହାତରେ...

ଏଥି ଲାଗି ପ୍ରି ଅର୍ଡର ନିଆଯାଉଥିଲା ଓ ଅନଲାଇନରେ ପ୍ରି ବୁକିଂ ହେଉଥିଲା। ତେବେ ଏହାର ଲୋକାର୍ପଣକୁ ରୋକି ଦିଆଯାଇଥିଲା। ଏହା ପରଠାରୁ ଏ ପର୍ଯ୍ୟନ୍ତ ପୁସ୍ତକ ପ୍ରକାଶିତ ହୋଇ ନାହିଁ। ଏବେ ଏହି ପୁସ୍ତକର ଟାଇପ୍ ସ୍କ୍ରିପ୍ଟ ବା ପାଣ୍ଡୁଲିପି ରକ୍ଷାମନ୍ତ୍ରାଳୟ (ଏମଓଡି)ର ମଞ୍ଜୁରୀ ପାଇଁ ଲମ୍ବିତ ରହିଛି।

ଏବେ ପ୍ରଶ୍ନ ଉଠୁଛି କୌଣସି ପୁସ୍ତକ ପ୍ରକାଶିତ ହେବା ପାଇଁ ରକ୍ଷାମନ୍ତ୍ରାଳୟରେ ଲମ୍ବିତ ଥିବା ବେଳେ ଏହା ପ୍ରକାଶିତ ହେଲା କିପରି ଓ ରାହୁଲ ଗାନ୍ଧିଙ୍କ ହାତକୁ ଏହାର କପି ଆସିଲା କିପରି? 'ଦି ଇଣ୍ଡିଆନ ଏକ୍ସପ୍ରେସ୍'ର ଏକ ରିପୋର୍ଟ ଅନୁସାରେ ରକ୍ଷା ମନ୍ତ୍ରାଳୟ ୨୦୨୦ ଓ ୨୦୨୪ରେ ୩୫ଟି ପୁସ୍ତକକୁ ମଞ୍ଜୁରୀ ଦେଇଥିଲା, ଫୋର ଷ୍ଟାର ଅଫ ଡେଷ୍ଟିନୀ ଏକ ଏପରି ପୁସ୍ତକ ଯାହାର ପ୍ରକାଶନ ଲାଗି ମଞ୍ଜୁରୀ ମିଳିନାହିଁ। ତେବେ ଇଣ୍ଡିଆ ଟୁଡେ ରିପୋର୍ଟରେ ଏହା ବି ଆଶଙ୍କା କରାଯାଇଛି ଯେ ହୁଏତ ଏହା ପୂର୍ବରୁ ପ୍ରକାଶିତ ହୋଇ ଯାଇଥାଇପାରେ ଓ ସେଗୁଡିକ ବୁକ୍ ଷ୍ଟୋରକୁ ପହଞ୍ଚି ଯାଇଥାଇପାରେ ଓ ପରେ ଫେରାଇ ନିଆଯାଇଥାଇପାରେ। ରିପୋର୍ଟରେ ଏହା ବି ପ୍ରଶ୍ନ କରାଯାଇଛି ଯେ ପବ୍ଲିସର ରକ୍ଷା ମନ୍ତ୍ରାଳୟରୁ ମଞ୍ଜୁରୀ ନେଇ ଜେନେରାଲ ନରଓ୍ୱାଣେଙ୍କ ପୁସ୍ତକ ଛାପି ବହି ଦୋକାନକୁ ପଠାଇଥିଲା କି? ନା ରକ୍ଷା ମନ୍ତ୍ରାଳୟ ପକ୍ଷରୁ କୌଣସି ତ୍ରୁଟି ରହି ଯାଇଛି, ଯାହା ପରେ ପବ୍ଲିସରଙ୍କୁ କପି ଫେରସ୍ତ କରିବା ପାଇଁ କୁହାଗଲା? ଉଲ୍ଲେଖଯୋଗ୍ୟ ଯେ ପୂର୍ବ ସେନାମୁଖ୍ୟ ଜେନେରାଲ ନରଓ୍ୱାଣେ ସେନାରେ ତାଙ୍କର ୪ ଦଶନ୍ଧୀର ଅଭିଜ୍ଞତାକୁ ଏହି ପୁସ୍ତକରେ ଲେଖିଛନ୍ତି। ସେ ତାଙ୍କର ସେକେଣ୍ଡ ଲେଫ୍ଟନାଣ୍ଟ ପଦରୁ ଜଣେ ଜେନେରାଲ ପଦ ପର୍ଯ୍ୟନ୍ତ ଯାତ୍ରା ବିଷୟରେ ଏହି ପୁସ୍ତକରେ ଉଲ୍ଲେଖ କରିଛନ୍ତି। 'ପେଙ୍ଗୁଇନ ରାଣ୍ଡମ ହାଉସ୍ ଇଣ୍ଡିଆ' ଏହି ପୁସ୍ତକର ପ୍ରକାଶକ ଅଛନ୍ତି।

### ବାଚସ୍ପତିଙ୍କ ବିରୋଧରେ...

ପ୍ରତାପଗଡ଼ି କାର୍ଯ୍ୟାନୁଷ୍ଠାନ ଦାବି କରି କହିଛନ୍ତି, ମୁଖ୍ୟମନ୍ତ୍ରୀ ଭାବରେ ହିମନ୍ତ ବିଶ୍ୱ ଶର୍ମା ଏପରି ଭିଡିଓ କରନ୍ତି, ଯାହାକୁ ଆସାମ ଭାଜପା ପୋଷ୍ଟ କରେ ଏବଂ ସେଗୁଡ଼ିକୁ ଡିଲିଟ କରିଦିଏ। ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ବିରୋଧୀ ଦଳ ହିମନ୍ତ ବିଶ୍ୱ ଶର୍ମାଙ୍କ ଏକ ଭିଡିଓକୁ ନେଇ ତୀବ୍ର ବିରୋଧ କରିଛି। ଆସାମ ଭାଜପା ଦ୍ୱାରା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଜାରି କରାଯାଇଥିବା ଭିଡିଓରେ, ମୁଖ୍ୟମନ୍ତ୍ରୀ ଏକ ଟୋପି ପିନ୍ଧି ଦୁଇଜଣଙ୍କୁ ଆକ୍ରମଣ କରୁଥିବା ଦେଖାଯାଇଛି। ଯଦିଓ ଭିଡିଓଟି କିଛି ସମୟ ପରେ ଡିଲିଟ କରିଦିଆଯାଇଥିଲା, ତଥାପି ବିରୋଧୀ ଦଳ ଏହାକୁ ନେଇ ଭାଜପା ଉପରେ ଆକ୍ରମଣ ଜାରି ରଖିଛନ୍ତି।

### ଅନୁକମ୍ପା ଚାକିରି...

ଦେହାନ୍ତ ହୋଇଥିଲା । ଅମୀୟ ରଂଜନ ତାଙ୍କ ପିତାଙ୍କ ସ୍ଥାନରେ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ କ୍ଷମତାଧୀନ କ୍ଷୁଦ୍ର ଜଳସେଚନ ବିଭାଗ (ଭୂତଳଜଳ ବିକାଶ ନିର୍ଦ୍ଦେଶାଳୟ) କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ କରିଥିଲେ ଓ ପରବର୍ତ୍ତୀ କାଳରେ ନିଯୁକ୍ତି ନିମନ୍ତେ ସେ ଡବ୍ଲୁପିସି ନମ୍ବର ୧୮୫୦୦୪୯/ ୨୦୨୨ ମାଧମରେ ମାନ୍ୟବର ହାଇକୋର୍ଟଙ୍କ ଆଶ୍ରା ମଧ୍ୟ ନେଇଥିଲେ । ମାନ୍ୟବର ଅଦାଲତ ଏହି ପ୍ରସଙ୍ଗରେ ଆଇନ ଅନୁସାରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କୁ ନିଯୁକ୍ତି ଦେବା ବିଷୟ ଜିଲ୍ଲା ପ୍ରଶାସନର କ୍ଷମତା ପରିସରଭୁକ୍ତ ନୁହେଁ । ଏଣୁ ଅମୀୟ ରଂଜନ ନିଯୁକ୍ତି ପ୍ରସଙ୍ଗରେ ଜିଲ୍ଲା କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିବାର ନଜିର ନାହିଁ। ତେଣୁ ଏହି ପ୍ରସଙ୍ଗରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟକୁ ଆର୍ଥିକ ଅନଟନ ପ୍ରମାଣ ପତ୍ର (ଡିଷ୍ଟ୍ରେସ ସାର୍ଟିଫିକେଟ) ମଗା ଯାଇଥିଲା । ଜିଲ୍ଲା କାର୍ଯ୍ୟାଳୟରୁ ଉକ୍ତ ପ୍ରମାଣ ପତ୍ର ଅନୁମୋଦନ କରାଯାଇଛି । ଏଠାରେ ସୂଚନାଯୋଗ୍ୟ, ନିଯୁକ୍ତି ପ୍ରସଙ୍ଗରେ ସଂପୃକ୍ତ ବିଭାଗ ନିଷ୍ପତ୍ତି ନେବ ଏବଂ ଏହା ଜିଲ୍ଲା ପ୍ରଶାସନର କ୍ଷମତା ପରିସରଭୁକ୍ତ ନୁହେଁ।

### ତ୍ରିକୋଣୀୟ...

ଯୋଜନା ହୋଇଥିଲା। କାର୍ ମାଲିକାଣୀ ଅନ୍ୟ ଜଣେ ଡ୍ରାଇଭର ସହାୟତାରେ ଗାଡ଼ିଟିକୁ ନେଇ ଯାଉଥିବା ବେଳେ ଭୋର୍ ପ୍ରାୟ ୫ଟା ୪୦ରେ ଶିଶୁ ଭବନ ଓଭରବ୍ରିଜ୍ ଉପରେ ଦୁର୍ଘଟଣା ଘଟିଥିଲା। ଦ୍ରୁତ ଗତିରେ ଥିବା କାର୍‌ଟି ବ୍ରିଜ୍ ବାଡ଼ ଭାଙ୍ଗି ତଳେ ଥିବା ବସ୍ତି ଘର ଉପରେ ପଡ଼ିଥିଲା। ସୌଭାଗ୍ୟବଶତଃ ଏଥିରେ କାହାର ପ୍ରାଣହାନି ହୋଇନାହିଁ।

ପୋଲିସ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଯୁବତୀ ଏବଂ ଦିନେଶ କାଣ୍ଡିଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏଥିସହ କାର୍ ମାଲିକାଣୀଙ୍କ ଭୂମିକାକୁ ନେଇ ମଧ୍ୟ ଛାନଭିନ୍ ଜାରି ରହିଛି। ପ୍ରମାଣ ନଷ୍ଟ କରିବା ପାଇଁ କାର୍‌ଟିକୁ ଘଟଣାସ୍ଥଳରୁ ହଟାଯାଉଥିଲା କି ନାହିଁ, ସେ ଦିଗରେ ତିନୋଟି ଟିମ୍ ଗଠନ କରି ତଦନ୍ତ କରୁଛି ଚନ୍ଦ୍ରଶେଖରପୁର ପୋଲିସ।


Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : **Ambika Prasad Das** ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : **Umapada Bose** ମୁଖ୍ୟ ସମ୍ପାଦକ : ଉମାପଦ ବୋଷ